

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-53 ◆SUNDAY ◆17 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୫୩ ◆ରବିବାର ◆୧୭ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


ବର୍ଷା ବିପ୍ଳାତ

## ପ୍ରଳୟଙ୍କରୀ ବନ୍ୟା
# ଉତ୍ତର ପାକିସ୍ତାନରେ ୩୪୪ ମୃତ

■ **ଇସଲାମାବାଦ୍, ୧୬।୮ (ଏଜେନ୍ସି):** ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ପାକିସ୍ତାନର ଉତ୍ତରାଞ୍ଚଳ ଧ୍ୱସ୍ତ ହୋଇଯାଇଛି । ଶତାଧିକ ଗାଁ ଭାସିଯାଇଥିବା ବେଳେ ରାସ୍ତାଗୁଡ଼ିକ ଭୁଶୁଡ଼ି ପଡ଼ିଛି । ଏହି ବିପର୍ଯ୍ୟୟରେ ଗତ ୪୮ ଘଣ୍ଟା ମଧ୍ୟରେ ୩୪୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ହଜାରରୁ ଅଧିକ ଆହତ ହୋଇଛନ୍ତି । ଖାଇବର ପଖତୁନରେ ସର୍ବାଧିକ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ବିଭିନ୍ନ ନଦୀରେ ଆସିଥିବା ବନ୍ୟା କାରଣରୁ ଏହି ଅଞ୍ଚଳରେ ୩୦୭ ଜଣ ମୃତ୍ୟୁବରଣ କରିଛନ୍ତି । ଏହି ଅଞ୍ଚଳରେ ଅନେକ ଗାଁ ପାଣିରେ ବୁଡ଼ି ନିଶ୍ଚିହ୍ନ ହୋଇଯାଇଛି । ଏବେ ବି ପ୍ରବଳ ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବ୍ୟାହତ ହୋଇଛି । ପ୍ରତିକୂଳ ପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟରେ ଲାଗିଥିବା ଏକ ହେଲିକପଟର ଦୁର୍ଘଟଣାଗ୍ରସ୍ତ ହୋଇଛି । ଅନେକ ଅଞ୍ଚଳ ପାଣିରେ ବୁଡ଼ି ରହିଥିବାରୁ ▶ପୃଷ୍ଠା-୭





## କିସ୍ତୱାର ବିପର୍ଯ୍ୟୟ
# ୬୫ ମୃତ, ଏବେ ବି ୨୦୦ ନିଖୋଜ

■ **ଶ୍ରୀନଗର, ୧୬।୮ (ଏଜେନ୍ସି):** ଜମ୍ମୁ- କଶ୍ମୀରର କିସ୍ତୱାରରେ ବାଦଲଫଟା ବର୍ଷା ଯୋଗୁଁ ଆସିଥିବା ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୬୫ ଜଣ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଗଲାଣି । ମାଟିତଳେ ଏବେ ବି ଶତାଧିକ ଲୋକ ଦବି ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି । ନିଖୋଜ ରହିଥିବା ଅତିକମରେ ୨୦୦ ଲୋକଙ୍କୁ ଉଦ୍ଧାର କରିବା ଲାଗି ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି ଏବଂ ଏଥିରେ ସେନାକୁ ନିୟୋଜିତ କରାଯାଇଛି । ସେମାନଙ୍କୁ ଏନ୍‌ଡିଆରଏଫ୍ ଏବଂ ସ୍ଥାନୀୟ ସଂଗଠନ ସହାୟତା କରୁଛନ୍ତି ।

ସୂଚନାଯୋଗ୍ୟ ଯେ ଅଗଷ୍ଟ ୧୪ ତାରିଖରେ ବାଦଲଫଟା ବର୍ଷା ଯୋଗୁଁ ପାର୍ବତ୍ୟ ଅଞ୍ଚଳରେ ବଡ଼ ଧରଣର ବନ୍ୟା ଓ ଭୂସ୍ଖଳନ ଦେଖିବାକୁ ମିଳିଥିଲା । ପାଣିରେ ଶତାଧିକ ଘର ଭାସି ଯାଇଥିବା ବେଳେ ▶ପୃଷ୍ଠା-୭

# ଆଶା ବଢ଼ାଇଲା ଆଲାସ୍କା

## ଆମେରିକା-ରୁଷ୍-ୟୁକ୍ରେନ୍ ତ୍ରିପାକ୍ଷିକ ବୈଠକ ହେବ



ଟ୍ରମ୍ପ-ପୁଟିନ ବୈଠକ ୩ ଘଣ୍ଟାରେ ଶେଷ

ସୋମବାର ଆମେରିକା ଯିବେ ଜେଲେଁସ୍କି

■ **ୱାସିଂଟନ, ୧୬।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ବହୁଚର୍ଚ୍ଚିତ ଆଲାସ୍କା ଶିଖର ବୈଠକ ଶେଷ ହୋଇଛି । ଉଭୟ ନେତା ପ୍ରାୟ ତିନି ଘଣ୍ଟା ଧରି ଆଲୋଚନା କରିଛନ୍ତି । ସାରା ବିଶ୍ୱର ନଜର ଥିବା ଏହି ବୈଠକରେ ଦୁଇ ନେତା ବିଶେଷ କରି ୟୁକ୍ରେନ ଯୁଦ୍ଧ ଉପରେ ଆଲୋଚନା କରିଛନ୍ତି । ୟୁକ୍ରେନ ଯୁଦ୍ଧରେ ଅସ୍ତ୍ରବିରତି ଅପେକ୍ଷା ସ୍ଥାୟୀ ଶାନ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି କଥାବାର୍ତ୍ତା ନେଇ ଦୁଇ ନେତା ସନ୍ତୋଷ ପ୍ରକାଶ କରିଛନ୍ତି । ସ୍ଥାୟୀ ଶନ୍ତି ପାଇଁ ଟ୍ରମ୍ପ, ପୁଟିନ ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କିଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ହେବ । ସେହି ବୈଠକ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି କୁହାଯାଉଛି । ତେବେ ଆଲାସ୍କା ବୈଠକର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ହେଲା ଯେ ଭାରତ ଉପରେ ଟ୍ରମ୍ପ ଆଉ ଅଧିକ ୨୫ ଭାଗ ଶୁଳ୍କ ଧାର୍ଯ୍ୟ କରିନପାରନ୍ତି ବୋଲି ସୂଚନା ଦେଇଛନ୍ତି ।

ଗତକାଲି ଆମେରିକାର ଆଲାସ୍କାରେ ଟ୍ରମ୍ପ ଓ ପୁଟିନ ଏକାଠି ହୋଇଥିଲେ । ୟୁକ୍ରେନ ଯୁଦ୍ଧ ଶେଷ କରିବା ଉପରେ ଏହି ବୈଠକ ଦୀର୍ଘ ୩ ଘଣ୍ଟାଧରି ଚାଲିଥିଲା । ଏହାରେ ଦୁଇ ନେତା ମିଳିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ । ବୈଠକ ସକାରାତ୍ମକ ଥିଲା ବୋଲି ଟ୍ରମ୍ପ କହିଛନ୍ତି । କେତୋଟି ବିଷୟରେ ଦୁହେଁ ସହମତି ଜଣାଇଥିଲେ । କିନ୍ତୁ ଏହି ହାଇପ୍ରୋଫାଇଲ ବୈଠକରେ କୌଣସି ଚୁକ୍ତି ବା ଡିଲ୍ ହୋଇନାହିଁ । ବୈଠକ ସମାରାତ୍ମକ ହୋଇଥିଲେ ମଧ୍ୟ ଅନ୍ତିମ ବୁଝାମଣା ହୋଇନାହିଁ ବୋଲି ଟ୍ରମ୍ପ କହିଛନ୍ତି । ସେହିପରି ୟୁକ୍ରେନ ଯୁଦ୍ଧ ଶେଷ କରିବାକୁ ହେଲେ ତାହାର ଅସଲ କାରଣକୁ ଶେଷ କରିବାକୁ ହେବ ▶ପୃଷ୍ଠା-୭


## ରୁଷଠାରୁ ତୈଳ କ୍ରୟ ଉପରେ କଟକଣା ଲାଗିବନି: ଟ୍ରମ୍ପ

■ **ଆଲାସ୍କା, ୧୬।୮ (ଏଜେନ୍ସି):** ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆଲୋଚନା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ଆଶ୍ୱସ୍ତି ଦେଇଛନ୍ତି । ସେ କହିଛନ୍ତି ଯେ ରୁଷ୍‌ଠାରୁ ତୈଳ କିଣୁଥିବା ଦେଶ ଉପରେ ଏବେ କୌଣସି କଟକଣା ଲଗାଇବାକୁ ବିଚାର କରୁନାହୁଁ । ଦୁଇ ତିନି ସପ୍ତାହ ପରେ ଏହା ଉପରେ ବିଚାର କରିବାକୁ ପଡ଼ିପାରେ । କିନ୍ତୁ ଏ ବିଷୟରେ ଶୀଘ୍ରତା କରିବାର ଆବଶ୍ୟକତା ନାହିଁ । ସେହିପରି ରୁଷ୍ ସହ ତୈଳ ବ୍ୟବସାୟ କରିବାକୁ ନେଇ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି । ଏହା ଦ୍ୱାରା ରୁଷ୍ ଏକ ବଡ଼ ତୈଳ ଗ୍ରାହକ ହରାଇଛି । ଚୀନ୍ ଉପରେ ଏଭଳି ଶୁଳ୍କ ଲଗାଇଲେ ରୁଷ୍ ପାଇଁ ବିଧ୍ୱଂସକ ସାବ୍ୟସ୍ତ ହେବ । ଆବଶ୍ୟକ ପଡ଼ିଲେ ଏହି ଶୁଳ୍କ ଲଗାଇବି, କିନ୍ତୁ ଲାଗୁଚି ଏପରି କରିବାକୁ ପଡ଼ିବ ନାହିଁ । ସୂଚନାଯୋଗ୍ୟ ଯେ ରୁଷ ତୈଳ ଏବଂ ଅସ୍ତ୍ରଶସ୍ତ୍ର କିଣିବାକୁ ନେଇ ଗତ ୬ ତାରିଖରେ ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଇ ଥିଲେ । ଏହା ୨୭ ତାରିଖରୁ କାର୍ଯ୍ୟକାରୀ ହେବ । ଏହାକୁ ମିଶାଇ ଟ୍ରମ୍ପ ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲଗାଇଲେଣି । ତେବେ ଟ୍ରମ୍ପଙ୍କ ଧମକ ସତ୍ତ୍ୱେ ରୁଷ୍‌ରୁ ତୈଳ କ୍ରୟ ଉପରେ କୌଣସି କଟକଣା ଲଗା ଯାଇନାହିଁ ବୋଲି ଭାରତ ସ୍ପଷ୍ଟ କରିଛି ।

# ୨୮ରେ ନୂଆଁଖାଇ

■ **ସମ୍ବଲପୁର, ୧୬।୮ (ସମିସ):** ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି । ଆସନ୍ତା ୨୮ ତାରିଖ, ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀତିଥି (ଗୁରୁବାର) ପୂର୍ବାହ୍ଣ ୧୦ଟା ୩୩ମିନିଟ୍‌ରୁ ୧୦ଟା ୫୫ମିନିଟ ମଧ୍ୟରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବ । ଏହାପରେ ପରମ୍ପରା ଅନୁସାରେ ସମ୍ବଲପୁର ସମେତ ପଶ୍ଚିମାଞ୍ଚଳବାସୀ ନବାନ୍ନ ଭକ୍ଷଣ କରିବେ । ଏହି କ୍ରମରେ ଶନିବାର ଅପରାହ୍ଣରେ ନନ୍ଦୋତ୍ସବ ଅବସରରେ ଝାଡୁଆପଡ଼ାସ୍ଥିତ ଶ୍ରୀଶ୍ରୀବ୍ରହ୍ମପୁରା ମନ୍ଦିରରେ ପରମ୍ପରା ଅନୁସାରେ ପଣ୍ଡିତମାନଙ୍କ ବୈଠକରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଅର୍ପଣ ପାଇଁ ଶୁଭଲଗ୍ନ ନିର୍ଣ୍ଣୟ ହୋଇଛି । ପଣ୍ଡିତସଭାରେ ନିରୂପଣ କରାଯାଇଥିବା ଲଗ୍ନ ପତ୍ରକୁ ପଣ୍ଡିତ ଓ ଟ୍ରଷ୍ଟବୋର୍ଡ ସଭ୍ୟମାନେ ସମଲେଶ୍ୱରୀ ମନ୍ଦିରରେ ନେଇ ପହଞ୍ଚାଇଥିଲେ ।

ବ୍ରହ୍ମପୁରା ମନ୍ଦିରର ଟ୍ରଷ୍ଟି ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସଭାରେ ପଣ୍ଡିତ ମହେଶ୍ୱର ନାୟକ, ସୁଧାଂଶୁ ଶେଖର ପାଣିଗ୍ରାହୀ, ଅକ୍ଷୟ ପୁରୋହିତ, ବଂଶୀଧର ଶତପଥୀ, ଗିରିଜା ଶଙ୍କର ପଣ୍ଡା, ଝସକେତନ ହୋତା, ରବିନାରାୟଣ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ପ୍ରଭାକର ତ୍ରିପାଠୀ, ଶଶାଙ୍କ ଶେଖର ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାକେଶ ମିଶ୍ର, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ବୁଲୁ ପାଢ଼ୀ, ବିନୀତ ପାଣ୍ଡେ, ମନବୋଧ ପାଢ଼ୀ, ଉତ୍ତମ ରଥ, ଜିତେନ୍ଦ୍ର ନନ୍ଦ, ଆଶୁତୋଷ ପାଣିଗ୍ରାହୀ, ଗୋପୀନାଥ ପଣ୍ଡା ପ୍ରମୁଖ ପଣ୍ଡିତମାନେ ଯୋଗ ଦେଇଥିଲେ ।




ନିର୍ଦ୍ଧାରଣ ହେଲା ଲଗ୍ନ
୧୦:୩୩ ରୁ ୧୦:୫୫

ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ସଦସ୍ୟ ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ପ୍ରାଣରଞ୍ଜନ ପଣ୍ଡା, ପାର୍ଥସାରଥୀ ମିଶ୍ର, ଅମରନାଥ ସୂପକାର, ଶ୍ରୀମନ୍ତ ମିଶ୍ର, ସଞ୍ଜୟ ମିଶ୍ର, ମନୋଜ ମିଶ୍ର, ସ୍ୱଭେନ୍ଦ୍ର ପଣ୍ଡା, ମିଲୁ ପାଣିଗ୍ରାହୀ ଓ ଅଭିଷେକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ଓ କୈଳାସ ପଣ୍ଡା ଯୋଗ ଦେଇଥିଲେ । ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଆସନ୍ତା ଅଗଷ୍ଟ ୨୮ ତାରିଖ ପଶ୍ଚିମ ଓଡ଼ିଶା ତଥା ପଡ଼ୋଶୀ ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ବିଭିନ୍ନ ସ୍ଥାନରେ ନୂଆଁଖାଇ ପର୍ବ ପାଳନ କରାଯିବ । ଇଷ୍ଟଦେବୀମାନଙ୍କ ଲଗ୍ନ ଅନୁଯାୟୀ ନୂଆଁ ଚାଉଳ ଅର୍ପଣ ପରେ ଅଞ୍ଚଳବାସୀ ନବାନ୍ନ ଭକ୍ଷଣ କରିବେ ।

## ଆସୁଛି ଆଉ ଏକ ଲଘୁଚାପ
# ଆଜିଠୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୧୬।୮ (ସମିସ):** ଦକ୍ଷିଣ ଓଡ଼ିଶା ଓ ସଂଲଗ୍ନ ଆନ୍ଧ୍ରପ୍ରଦେଶ ଉପକୂଳରେ ଥିବା ଲଘୁଚାପ କ୍ଷେତ୍ର ସକ୍ରିୟ ହୋଇଛି । ଉପର ବାୟୁ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ଉଚ୍ଚତା ସହିତ ଦକ୍ଷିଣ-ପଶ୍ଚିମ ଆଡ଼କୁ ବିସ୍ତାରିତ ହୋଇଛି । ଏହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୧୯ ତାରିଖ ଯାଏଁ ପ୍ରବଳ ବର୍ଷା ସହ ଝଡ଼ି ପବନ ଓ ବିଜୁଳି ଘଡ଼ଘଡ଼ି ହେବା ନେଇ ପାଣିପାଗ ବିଭାଗ ୱାର୍ଣ୍ଣିଂ ଜାରି କରିଛି । ଆଗକୁ ଆଉ ଏକ ଲଘୁଚାପ ହେବାର ସମ୍ଭାବନା ରହିଛି । ଆସନ୍ତାକାଲିଠାରୁ ବର୍ଷା ଆହୁରି ବଢ଼ିବ । ପ୍ରବଳ ବର୍ଷା ସାଙ୍ଗକୁ ଝଟ୍‌କା ପବନ ଓ ବିଜୁଳି ଘଡ଼ଘଡ଼ି ପାଇଁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ଓ ଝଟ୍‌କା ପବନ ହେବା ନେଇ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।



ଆସନ୍ତାକାଲି ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

## ଅସଦାଚରଣ ଓ ନିର୍ଯାତନା
# ୨ ଭିସୁଟ୍ ପ୍ରଫେସର ନିଲମ୍ବିତ

■ **ସମ୍ବଲପୁର, ୧୬।୮ (ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ରିପୋର୍ଟ ଦାଖଲ କରିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇଜଣ ପ୍ରଫେସରଙ୍କୁ ନିଲମ୍ବିତ କରିଥିବା ସୂଚନା ମିଳିଛି । ଜଣେ ପିଏଚ୍‌ଡି ଛାତ୍ରୀଙ୍କୁ ନିର୍ଯାତନା ଦିଆଯାଇଥିବା ବେଳେ ଅନ୍ୟ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଥିଲା । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଲମ୍ବନ ଆଦେଶନାମାକୁ ସାର୍ବଜନୀନ କରି ନଥିବା ବେଳେ ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବ ଏହି ବିଷୟରେ କୌଣସି ମତମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି ।

ପ୍ରାୟ ତିନିମାସ ତଳେ ଜଣେ ଆସୋସିଏଟ୍ ପ୍ରଫେସରଙ୍କ ବିରୋଧରେ ଜଣେ ପିଏଚ୍‌ଡି ଛାତ୍ରୀ ନିର୍ଯାତନା ଅଭିଯୋଗ କରିଥିଲେ । କିନ୍ତୁ ତାଙ୍କ ବିରୋଧରେ କୌଣସି ▶ପୃଷ୍ଠା-୭

# ଗଠନ ହେବ ୧୨ ନୂତନ ଏନ୍‌ଏସି

■ **ଭୁବନେଶ୍ୱର, ୧୬।୮ (ସମିସ):** ରାଜ୍ୟର ୭ ଜିଲ୍ଲାରେ ଆଉ ୧୨ଟି ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ ହେବ । ଏନେଇ ଶନିବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୩ଟି ଏନ୍‌ଏସି ଗଠନ ହେବାକୁ ଥିବାବେଳେ ବାଲେଶ୍ୱର, ଭଦ୍ରକ ଏବଂ ସମ୍ବଲପୁର ଜିଲ୍ଲାରେ ୨ଟି ଲେଖାଏଁ ଏନ୍‌ଏସି ଗଠନ ହେବ । ସେହିପରି ଅନୁଗୋଳ, ସୁବର୍ଣ୍ଣପୁର ଏବଂ ରାୟଗଡ଼ାରେ ଗୋଟିଏ ଲେଖାଏଁ ଏନ୍‌ଏସି ଗଠନ ହେବ ବୋଲି ବିଜ୍ଞପ୍ତିରେ ଦର୍ଶା ଯାଇଛି । ଅନୁଗୋଳର ପାଲଲହଡ଼ା, ସୋନପୁରର ବୀରମହାରାଜପୁର, ବାଲେଶ୍ୱରର ସିମୁଳିଆ ଓ ବସ୍ତା, ମୟୂରଭଞ୍ଜର ବେତନଟୀ, ଚିତ୍ରଡ଼ା ଓ ବାଙ୍ଗିରିପୋଷି, ରାୟଗଡ଼ାର ବିଷମ କଟକ, ସମ୍ବଲପୁରର ବାମରା ଓ ରେଙ୍ଗାଲି ଏବଂ ଭଦ୍ରକ ଜିଲ୍ଲାର ତିହିଡି ଓ ଧୁଷୁରୀ ନୂଆ ଏନ୍‌ଏସି ତାଲିକାରେ ସ୍ଥାନ ପାଇଛି ।

ନବୀନ ଘୋଷଣା କରିଥିଲେ ୫୬

ନୂଆ ସରକାର କମାଇଦେଲେ ୪୪

ଗତକାଲି ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୨୧ ନୂଆ ଏନ୍‌ଏସି ସ୍ଥାପନ ନେଇ ଘୋଷଣା କରିଥିଲେ । ରାଜ୍ୟର ଦ୍ରୁତ ବିକାଶ ଓ ଅଭିବୃଦ୍ଧି ସହିତ ଜନସାଧାରଣଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ । କିନ୍ତୁ ଆଜି ପ୍ରକାଶିତ ଚିଠା ବିଜ୍ଞପ୍ତିରେ ୧୨ଟି ନୂଆ ଏନ୍‌ଏସି ଗଠନ ହେବ ବୋଲି ଦର୍ଶାଯାଇଛି । ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ମସିହାରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟରେ ୫୬ଟି ଏନ୍‌ଏସି ଗଠନ ହେବ ବୋଲି ଘୋଷଣା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୩୪ ଏନ୍‌ଏସି ଗଠନ ହେବ ବୋଲି ୨୪ ଫେବୃଆରୀ ୨୦୨୪ ମସିହାରେ ଘୋଷଣା କରିଥିଲେ । ଏହା ସହ ୫ଟି ଏନ୍‌ଏସିକୁ ମ୍ୟୁନିସିପାଲିଟିରେ ପରିବର୍ତ୍ତନ କରାଯାଇଥାନ୍ତା । ସେହିପରି ୧୩ଟି ଜିଲ୍ଲା ପାଇଁ ୨୨ଟି ଏନ୍‌ଏସି ଗଠନ ହେବ ବୋଲି ମାର୍ଚ୍ଚ ୨୦୨୪ ମସିହାରେ ଘୋଷଣା କରାଯାଇଥିଲା । ସାମାଜିକ ▶ପୃଷ୍ଠା-୭


# ସମ୍ପତ୍ତି ପାଇଁ ପୁଅକୁ ପୋଡ଼ିଦେଲେ

■ **ଭୁବନେଶ୍ୱର/ବାଲିପାଟଣା, ୧୬।୮ (ସମିସ):** ସମ୍ପତ୍ତି ପାଇଁ ପୁଅକୁ ପୋଡ଼ି ମାରିଦେଲେ । ବାଲିପାଟଣା ବ୍ଲକ ସରିପୁର ଗାଁରେ ଗତ ଶୁକ୍ରବାର ଏଭଳି ଏକ ଆପରାଧିକ ଘଟଣା ଘଟିଛି । ମୃତକ ହେଲେ, ଜ୍ୟୋତିରଞ୍ଜନ ମଠିଆ । ଏହି ଘଟଣାରେ ବାଲିପାଟଣା ପୁଲିସ୍ ଅଭିଯୁକ୍ତ ବାପା ସୁରେନ୍ଦ୍ରନାଥ ମଠିଆ, ସାବତ ମାଆ ପ୍ରଭାତୀ ମଠିଆ ଓ ସାନ ଭାଇ ପ୍ରଶାନ୍ତ ମଠିଆଙ୍କୁ ଗିରଫ କରିଛି । ଜ୍ୟୋତିରଞ୍ଜନଙ୍କ ମୃତ୍ୟୁକାଳୀନ ବୟାନ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି । ଅଧିକ ପଚରାଉଚରା ପାଇଁ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୁଲିସ କହିଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ ପୁଲିସ୍ ବିଏନ୍‌ଏସ୍ ଦଫା ୧୧୮ (୨), ୧୦୯, ୧୦୩/୩(୫)ରେ ଦଫା ଲଗାଇ କୋର୍ଟଚାଲାଣ କରାଯାଇଛି । ଜୋନ୍-୪ ଏସିପି ଅଭିମନ୍ୟୁ ନାୟକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ବାପା, ସାବତ ମା' ଏବଂ ସାବତ ଭାଇ ଗିରଫ

ମୃତ୍ୟୁକାଳୀନ ବୟାନରେ ଅଭିଯୁକ୍ତଙ୍କ ନାଁ କହିଲେ

ପୁଲିସ୍ ସୂଚନାନୁଯାୟୀ, ଛୋଟ ବେଳେ ଜ୍ୟୋତିରଞ୍ଜନଙ୍କ ମା'ଙ୍କର ମୃତ୍ୟୁ ପରେ ବାପା ସୁରେନ୍ଦ୍ରନାଥ ଦ୍ୱିତୀୟ ବିବାହ କରିଥିଲେ । କିନ୍ତୁ ସାବତ ମା' ଘରେ ପାଦ ଦେବା ପରଠାରୁ ଜ୍ୟୋତିଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଯାଇଥିଲା । ଏପରିକି, ଶେଷରେ ସୁରେନ୍ଦ୍ରନାଥ ନିଜର ସବୁ ସମ୍ପତ୍ତି ସାନପୁଅ ନାଁରେ କରିଦେଇଥିଲେ । ପରେ ୩ଜଣ ଯାକ ମିଶି ଜ୍ୟୋତିଙ୍କୁ ସେ ଘରେ ରହିବାକୁ ଦେଇ ନଥିଲେ । ତେଣୁ ଜ୍ୟୋତି ତାଙ୍କ ସ୍ତ୍ରୀ ସହ ପାଖରେ ଥିବା ଏକ ଆଜବେଷ୍ଟସ୍ ଘରେ ଅତି ଶୋଚନୀୟ ଅବସ୍ଥାରେ ରହୁଥିଲେ । ତେବେ ଏହା ଭିତରେ ଜ୍ୟୋତି ନିଜର ହକ୍ ପାଇଁ ଲଢ଼େଇ କରିଥିଲେ । ଜାଗାବାଡ଼ିକୁ ନେଇ ସେ ନିଜ ହକ୍ ମାଗି ▶ପୃଷ୍ଠା-୭



## ଗୁଣି ସନ୍ଦେହରେ ହତ୍ୟା
# ବିଷ ପିଆଇ ଜିଅନ୍ତା ଜାଳିଦେଲେ

■ **ରାୟଗଡ଼ା, ୧୬।୮ (ସମିସ):** ଗୁଣି ସନ୍ଦେହରେ ଜଣେ ଯୁବକଙ୍କୁ ବିଷ ପିଆଇ ନିର୍ଘୁମ୍ ମାଡ଼ ମାରିବା ସହ ଜୀଅନ୍ତା ଜାଳିଦେବା ଭଳି ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ ରାୟଗଡ଼ା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି । ସଦର ବ୍ଲକ୍ ବଡ଼ ଆଲୁବାଡ଼ି ପଞ୍ଚାୟତର ଗୁରୁସୁବାଡି ଗ୍ରାମରେ ଏହି ଘଟଣା ଘଟିଛି । ମୃତକ ହେଲେ, ରାମାରାଓ ଜିଲାକାରା(୪୦) । ଏନେଇ ପରିବାର ପକ୍ଷରୁ ଶେଷଖାଲ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ୧୩ ଅଭିଯୁକ୍ତକୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି । ଏହାସହ ଅନ୍ୟ ୨ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି ।

ଗିରଫ ଅଭିଯୁକ୍ତମାନେ ହେଲେ, ଘାସି ମାଣ୍ଡାଙ୍ଗି, ଅନକେସ ମାଣ୍ଡାଙ୍ଗି, ସିଂ ପୁଆଲା, ବୃନ୍ଦାବନ ମାଣ୍ଡାଙ୍ଗି, ବିଜୟ ଜିଲାକାରା, ଦିବା ଜିଲାକାରା, ରମେଶ ମାଣ୍ଡାଙ୍ଗି, ଜ୍ଞାନେୟ ଜିଲାକାରା, ପ୍ରକାଶ ମାଣ୍ଡାଙ୍ଗି, ପ୍ରତାପ ଜିଲାକାରା, ରାଜେଶ ମାଣ୍ଡାଙ୍ଗି, ସଶେୟ ମାଣ୍ଡାଙ୍ଗି, ବମ୍ବେୟ ମାଣ୍ଡାଙ୍ଗି । ଏନେଇ ଥାନାରେ ନଂ ୭୩/୨୦୨୫ରେ ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି । ଘଟଣାଟି ଗତ ୮ ତାରିଖରେ ଘଟିଥିବା ବେଳେ ଅଭିଯୁକ୍ତମାନଙ୍କ ଧମକ ଓ ଭୟ ଯୋଗୁଁ ବିଳମ୍ବରେ ମୃତକଙ୍କ ଭାଇ ଧର୍ମାରାଓ ଜିଲାକାରା ଶେଷଖାଲ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି ।

୧୩ ଗିରଫ

ଉକ୍ତ ଗ୍ରାମରେ ପୂର୍ବରୁ ଗୁଣିଗାରେଡ଼ିକୁ ସନ୍ଦେହ କରି ମୃତ ରାମାରାଓଙ୍କ ପରିବାର ସହ ଗ୍ରାମବାସୀଙ୍କ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା । କିନ୍ତୁ ଉକ୍ତ ପତ୍ରକୁ ଅଣଦେଖା କରି ଗିରଫ ଅଭିଯୁକ୍ତମାନେ ଏହି ହତ୍ୟାକାଣ୍ଡ ଘଟାଇଥିବା ପୁଲିସ କହିଛି । ଧାରା ୧୮୯(୧)(ସି), ୧୯୧(୩), ୧୦୩(୨), ୨୯୬(୬)୨୩୮(ଏ)୩୫୧(୨) ଏବଂ ଭାରତୀୟ ନ୍ୟାୟ ସଂହିତା ୧୯୦ ଅଧାରରେ ଶେଷଖାଲ ଥାନା ପୁଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି । ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ମୃତକଙ୍କ ପୋଡା ପାଉଁଶ ସଂଗ୍ରହ କରିଥିବା ଶେଷଖାଲ ଥାନା ଅଧିକାରୀ ମୁନି ଆଚାରୀ ପ୍ରକାଶ କରିଛନ୍ତି ।

## ସୋମବାର ଭାରତ ଆସିବେ ଚୀନ୍ ବିଦେଶମନ୍ତ୍ରୀ

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ପରେ ଭାରତ ଏବଂ ଚୀନ୍ ସମ୍ବନ୍ଧକୁ ଅଧିକ ନିବିଡ଼ କରିବାକୁ ପ୍ରୟାସ କରୁଛନ୍ତି । ସୀମା ବିବାଦର ସମାଧାନ ଲାଗି ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସୋମବାର ଭାରତ ଗସ୍ତରେ ଆସୁଛନ୍ତି । ଭାରତୀୟ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଚୀନ୍ ମନ୍ତ୍ରୀ ଏନଏସଏ ଅଜିତ ଡୋଭାଲଙ୍କ ସହ ସୀମା ବିବାଦର ସମାଧାନ ଲାଗି ୨୪ତମ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନା କରିବେ । ଏହା ପରେ ୱାଙ୍ଗ ୱି ଏବଂ ବିଦେଶମନ୍ତ୍ରୀ ଜୟଶଙ୍କରଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହେବ । 'ଅପରେସନ ସିନ୍ଦୂର' ସମୟରେ ପାକିସ୍ତାନକୁ ସମର୍ଥନ କରି ଚୀନ୍ ସବୁଦିନିଆ ବନ୍ଧୁ କହିବା ପରେ ପ୍ରଥମ ଥର ପାଇଁ ଏହି ବୈଠକ ବସିବାକୁ ଯାଉଛି । ଭାରତ-ପାକିସ୍ତାନ ସଂଘର୍ଷରେ ଚୀନ୍ ଇସଲାମାବାଦକୁ ସବୁ ପ୍ରକାରର ସହାୟତା ଦେଇଥିଲା । ଗୁଇନ୍ଦାଠାରୁ ନେଇ ଅସ୍ତ୍ରଶସ୍ତ୍ର ବି ଯୋଗାଇ ଥିଲା ।

## ବେଙ୍ଗାଲୁରୁ କୋଠାରେ ନିଆଁ; ୫ ରାଜସ୍ଥାନୀ ମୃତ

ବେଙ୍ଗାଲୁରୁ, ୧୬।୮ (ଏଜେନ୍ସି): ବେଙ୍ଗାଲୁରୁ ଷ୍ଟିଲ ମାର୍କେଟ୍‌ସ୍ଥିତ ଏକ କୋଠାରେ ଭୀଷଣ ନିଆଁ ଲାଗିଛି । ଏଥିରେ ରାଜସ୍ଥାନର ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ମଧ୍ୟରେ ଜାଲୋର ଜିଲ୍ଲାର ଦୁଇଜଣ ବ୍ୟବସାୟୀ ରହିଛନ୍ତି । ଏହି ଘଟଣାରେ ଭିନମାଲରେ ରହୁଥିବା ଜଣେ ବ୍ୟବସାୟୀ, ତାଙ୍କ ପତ୍ନୀ ଓ ୨ ନାବାଳକ ପୁଅ ମଧ୍ୟ ଜୀବନ ହରାଇଛନ୍ତି । କ୍ଷିପ୍ର ଗତିରେ ନିଆଁ ବ୍ୟାପିଯାଇଥିଲା । ଫଳରେ କୌଣସି ବ୍ୟକ୍ତି ବାହାରକୁ ବାହାରିବାର ସୁଯୋଗ ପାଇ ନ ଥିଲେ । ଶନିବାର ସକାଳ ପର୍ଯ୍ୟନ୍ତ ମଧ୍ୟ ବିଲ୍ଡିଂରେ ନିଆଁ ଜଳୁଥିବାର ସୂଚନା ମିଳିଛି । ଏହି ଘଟଣାରେ ଗୋଦାମରେ କାମ କରୁଥିବା ଦୁଇଜଣ ଯୁବକ ମଧ୍ୟ ମୃତ୍ୟୁବରଣ କରିଛନ୍ତି । ତେବେ ମୃତକଙ୍କ ସଂଖ୍ୟା ନେଇ ପ୍ରଶାସନ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ କରିନାହିଁ । ନିଆଁର ପ୍ରକୋପ ଏତେ ଥିଲା ଯେ, ଶନିବାର ସକାଳ ପର୍ଯ୍ୟନ୍ତ ନିଆଁ ଜଳୁଥିଲା । ଏହି ବିଲ୍ଡିଂ ସଂକୀର୍ଣ୍ଣ ଗଳିରେ ଥିଲା । ଏଥିପାଇଁ ଦମକଳ ଗାଡି ପହଞ୍ଚିବା ପାଇଁ ସମସ୍ୟାର ସମ୍ମୁଖୀନ ହେବା ସହ ବିଳମ୍ବ ହୋଇଥିଲା । ୧୮ଟି ଦମକଳ ଗାଡି ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ ।

## ଅନ୍‌ଲାଇନ୍ ସପିଙ୍ଗ୍ କରି ୧୮ ଲକ୍ଷ ଟଙ୍କା ହରାଇଲେ ବୃଦ୍ଧା

ମୁମ୍ବଇ, ୧୬।୮ (ଏଜେନ୍ସି): ମୁମ୍ବଇର ଜଣେ ୭୧ ବର୍ଷୀୟ ମହିଳା ଅନ୍ ଲାଇନ୍ ସପିଙ୍ଗ କରି ୧୮ ଲକ୍ଷ ଟଙ୍କା ହରାଇଛନ୍ତି । ସେ ଏକ ଲିଟର କ୍ଷୀର ଅର୍ଡର କରିଥିଲେ । କିନ୍ତୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୮.୫ ଲକ୍ଷ ଟଙ୍କା ଚାଲିଯାଇଥିଲା । ବଡାଲାରେ ରହୁଥିବା ଏହି ବୃଦ୍ଧା ଏକ ଅନ୍‌ଲାଇନ୍ ଡେଲିଭରୀ ଆପ୍ ଜରିଆରେ କ୍ଷୀର ଅର୍ଡରେ କରିବାକୁ ପ୍ରୟାସ କରିଥିଲେ । ତେବେ ମାତ୍ର ଦୁଇଦିନ ମଧ୍ୟରେ ସେ ସଞ୍ଚୟ କରିଥିବା ସବୁ ଅର୍ଥକୁ ଠକ ଲୁଟି ନେଇଥିଲେ । ଯେତେବେଳେ ସେ ଏହା ଜାଣିବାକୁ ପାଇଲେ, ସେ ପୁଲିସରେ ଅଭିଯୋଗ କରିଥିଲେ । ପୁଲିସ ମଧ୍ୟ ଏହି ଘଟଣାରେ ଯାଞ୍ଚ ଆରମ୍ଭ କରିଛି । ଅଗଷ୍ଟ ୪ରେ ଏହି ଘଟଣା ଘଟିଥିଲା । ଜଣେ ବ୍ୟକ୍ତି ଏହି ମହିଳାଙ୍କୁ ଫୋନ୍ କରି ନିଜକୁ ଜଣେ କ୍ଷୀର କମ୍ପାନୀର ଅଧିକାରୀ ବୋଲି ପରିଚୟ ଦେଇଥିଲେ । ସେ ମହିଳାଙ୍କୁ ମୋବାଇଲ ନମ୍ବରକୁ ଏକ ଲିଙ୍କ ସେୟାର କରି କ୍ଷୀର ଅର୍ଡର କରିବାକୁ ବିଭିନ୍ନ ସୂଚନା ମାଗିଥିଲେ । କଲ୍ ନ କାଟି ଲିଙ୍କରେ ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରିବାକୁ ଠକ ଜଣକ କହିଥିଲା । ଏହା ପର ଦିନ ମଧ୍ୟ ସେ ମହିଳାଙ୍କୁ ଫୋନ୍ କରି ଆହୁରି ଅଧିକ ସୂଚନା ଦେବାକୁ କହିଥିଲା । ମହିଳାଙ୍କ ନାମରେ ଥିବା ୩ଟି ବ୍ୟାଙ୍କ ଆକାଉଣ୍ଟରୁ ପଇସା ଲୁଟିବାରେ ଏହି ଠକ ସକ୍ଷମ ହୋଇଥିଲେ । ୩ଟି ଆକାଉଣ୍ଟରୁ ମୋଟ୍ ଉପରେ ୧୮.୫ ଲକ୍ଷ ଟଙ୍କା ଗାଏବ ହୋଇଛି ବୋଲି ପୁଲିସ କହିଛି । ମହିଳା ଲିଙ୍କରେ କ୍ଲିକ୍ କରିବା ପରେ ତାଙ୍କ ଫୋନ ହ୍ୟାକ ହୋଇଥିଲା ଓ ସହଜରେ ଲୁଟେରାମାନେ ନିଜର ଲକ୍ଷ୍ୟ ସାଧନ କରିଥିଲେ ।

## ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନଙ୍କ ପରଲୋକ

ରାଞ୍ଚି, ୧୬।୮ (ଏଜେନ୍ସି): ଝାଡଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ ଶୁକ୍ରବାର ବିଳମ୍ବିତ ରାତିରେ ଦିଲ୍ଲୀସ୍ଥିତ ଆପୋଲୋ ହସ୍ପିଟାଲ୍‌ରେ ପ୍ରାଣତ୍ୟାଗ କରିଛନ୍ତି । ସେ ୬୨ ବର୍ଷ ବୟସ୍କ ଥିଲେ । ମୁଣ୍ଡରେ ଗମ୍ଭୀର ଭାବେ ଲାଗିଥିବା ଆଘାତ କାରଣରୁ ସେ ଅଗଷ୍ଟ ୨ରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ ତାଙ୍କର ଚିକିତ୍ସା ଚାଲିଥିଲା । ଶନିବାର ଜାମସେଦପୁରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ଦେହାନ୍ତରେ ଝାଡଖଣ୍ଡରେ ଦିନିକିଆ ଶୋକ ଘୋଷଣା କରାଯାଇଛି । ରାମଦାସଙ୍କ ପାର୍ଥିବ ଶରୀରକୁ ଦିଲ୍ଲୀରୁ ରାଞ୍ଚି ବିମାନ ବନ୍ଦରକୁ ଆଣାଯାଇଥିଲା ଓ ସେଠାରୁ ଝାଡଖଣ୍ଡ ବିଧାନସଭାକୁ ନିଆଯାଇଥିଲା । ତାଙ୍କୁ ସେଠାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଏହାପରେ ତାଙ୍କ ପାର୍ଥିବ ଶରୀରକୁ ଘାଟଶିଳା ଓ ପରେ ଜାମସେଦପୁର ନିଆଯାଇଥିଲା । ଶନିବାର ରାତିରେ ଜାମସେଦପୁରସ୍ଥିତ ଘୋଡା ବାନ୍ଧା କ୍ଷେତ୍ରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ଗାଧୁଆଘରେ ଗୋଡ ଖସିଯିବା କାରଣରୁ ସେ ପଡ଼ିଯାଇଥିଲେ ଓ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଫଳରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେ ୨୦୦୯ ଓ ୨୦୨୯ରେ ଘାଟଶିଳା ବିଧାନସଭାରୁ ନିର୍ବାଚିତ ହୋଇଥିଲେ । ମୃତ୍ୟୁବେଳକୁ ତାଙ୍କ ପାଖରେ ପତ୍ନୀ, ୩ ପୁଅ ଓ ଗୋଟିଏ ଝିଅ ଉପସ୍ଥିତ ଥିଲେ । ୧୯୮୦ରେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ରୁ ସେ ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ ।

## ଜନ୍ମାଷ୍ଟମୀରେ ଅଘଟଣ: ଦହି ହାଣ୍ଡି ବାନ୍ଧିବା ବେଳେ ଖସିପଡ଼ି ଶ୍ରଦ୍ଧାଳୁ ମୃତ

ମୁମ୍ବଇ, ୧୬।୮ (ଏଜେନ୍ସି): ଜନ୍ମାଷ୍ଟମୀରେ ମୁମ୍ବଇର ମାନଖୁର୍ଦ୍ଦରେ ଶନିବାର ଅପରାହ୍ଣରେ ଦହି ହାଣ୍ଡି ବାନ୍ଧିବା ବେଳେ ତଳକୁ ଖସି ଜଣେ ୩୨ ବର୍ଷୀୟ 'ଗୋବିନ୍ଦା' ମୃତ୍ୟୁବରଣ କରିଛନ୍ତି । ଏହି ବ୍ୟକ୍ତି ଜଣକ ହେଉଛନ୍ତି ଜଗମୋହନ ଶିବକିରନ ଚୌଧୁରୀ । ମହାରାଷ୍ଟ୍ର ନଗରସ୍ଥିତ ନିଜ ଘର ପ୍ରଥମ ତାଲାର ଝରକାରୁ ସେ ରସି ସାହାଯ୍ୟରେ ଦହି ହାଣ୍ଡି ବାନ୍ଧିବାକୁ ପ୍ରୟାସ କରୁଥିବା ବେଳେ ତଳକୁ ଖସି ପଡ଼ିଥିଲେ । ହସ୍ପିଟାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ୭୯ତମ ସ୍ୱାଧୀନତା ଦିବସ ପାଳିତ





**ଲାଲ୍ କିଲ୍ଲାରୁ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ**

# ବିକଶିତ ଭାରତ ରୋଜଗାର ପାଇଁ ଯୋଜନା

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ୭୯ତମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର କ୍ରମାଗତ ଦ୍ୱାଦଶଥର ପାଇଁ ଲାଲ୍ କିଲ୍ଲା ଉପରୁ ସବୁଠାରୁ ଦୀର୍ଘ ସମୟ (୧୦୩ ମିନିଟ୍) ଭାଷଣ ଦେଇଛନ୍ତି । ଏହା ଯେକୌଣସି ପ୍ରଧାନମନ୍ତ୍ରୀଙ୍କ ପାଇଁ ଲାଲ କିଲ୍ଲା ଉପରୁ ସବୁଠାରୁ ଦୀର୍ଘ ଭାଷଣ ବୋଲି କୁହାଯାଉଛି । ଏଥିସହ ମୋଦୀ ନିଜ ରେକର୍ଡକୁ ଭାଙ୍ଗିଛନ୍ତି । ୨୦୨୫ରେ ସେ ୮୮ ମିନିଟ୍‌ର ଭାଷଣ ଦେଇ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ରେକର୍ଡ ଅତିକ୍ରମ କରିଥିଲେ । ୧୯୪୭ରେ ନେହରୁ ୭୨ ମିନିଟ ଭାଷଣ ଦେଇଥିଲେ ।

ଅପରେସନ ସିନ୍ଦୂରରୁ ମୋଦୀ ଭାଷଣ ଆରମ୍ଭ କରିଥିଲେ ଓ ଏ ନେଇ ୧୩ ମିନିଟ୍‌ରୁ ଅଧିକ କହିଥିଲେ । ସେ ଆତଙ୍କବାଦ, ସିନ୍ଧୁ ଚୁକ୍ତି, ଆତ୍ମନିର୍ଭରତା, ମେକ୍ ଇନ୍ ଇଣ୍ଡିଆ, ନକ୍ସଲବାଦ୍ ଓ ବେଆଇନ ଅନୁପ୍ରବେଶକୁ ନେଇ ନିଜର ବକ୍ତବ୍ୟ ରଖିଥିଲେ । ସେ ପ୍ରଥମଥର ପାଇଁ ଦୁଇଟି ବଡ଼ ଘୋଷଣା କରିଥିଲେ । ଜିଏସ୍‌ଟି କମାଇବାକୁ ଓ ରୋଜଗାରକୁ ନେଇ ସେ ନୂଆ ଘୋଷଣା କରିଥିଲେ । ସେ କହିଥିଲେ ଯେ ଏଥର ଦୀପାବଳିରୁ ସରକାର ଜିଏସ୍‌ଟି ସଂସ୍କାର ଆଣିବେ । ଏହାଦ୍ୱାରା ଦେଶରେ ସାଧାରଣ ଲୋକଙ୍କ ଉପରେ ଟିକସ ଭାର କମିବ । ସେହିପରି ସେ 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' ଲାଗୁ କରିବାକୁ ଘୋଷଣା କରିଥିଲେ । ଏହା ଦ୍ୱାରା ୩.୫ କୋଟି ଯୁବକଙ୍କୁ ରୋଜଗାର ମିଳିବ । ବେସରକାରୀ କ୍ଷେତ୍ରରେ ପ୍ରଥମେ ଚାକିରି କରୁଥିବା ଲୋକଙ୍କୁ କେନ୍ଦ୍ର ସରକାର ୧୫ ହଜାର ଟଙ୍କା ପ୍ରଦାନ କରିବେ । ଏହି ଯୋଜନା ଅନୁସାରେ ଯେଉଁ କମ୍ପାନୀ ଅଧିକ ରୋଜଗାର ଦେବା ସେହି କମ୍ପାନୀଗୁଡିକୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଗତ ବଜେଟରେ କେନ୍ଦ୍ର ସରକାର ଏହାର ବ୍ୟବସ୍ଥା କରିଛନ୍ତି ।

ସେହିପରି ସେ ଦେଶର କୃଷକ, ପଶୁପାଳକ, କୈବର୍ତ୍ତ ଆମର ସବୁଠାରୁ ବଡ଼ ପ୍ରାଥମିକତା ବୋଲି କହିଥିଲେ । ଏମାନଙ୍କୁ କ୍ଷତି ପହଞ୍ଚାଉଥିବା କୌଣସି ପ୍ରକାର ନୀତିକୁ ସେ ବିରୋଧ କରିବେ ଓ କାନ୍ଥ ଭଳି ଏମାନଙ୍କ ପାଇଁ ଛିଡା ହେବେ ବୋଲି କହିଥିଲେ । ଏମାନଙ୍କୁ ନେଇ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ । ପ୍ରଧାନମନ୍ତ୍ରୀ ପ୍ରଥମଥର ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ବିଷୟରେ କହିଥିଲେ । ୧୦୦ ବର୍ଷ ତଳେ ସୃଷ୍ଟି ହୋଇଥିବା ସଂଗଠନ ରାଷ୍ଟ୍ର ନିର୍ମାଣ ପାଇଁ ସମର୍ପିତ । ଅପରେସନ ସିନ୍ଦୂର ଅବସରରେ ସେନାବାହିନୀକୁ ସମ୍ପୂର୍ଣ୍ଣ ଭାବେ ସ୍ୱାଧୀନତା ଦିଆଯାଇଥିଲା ବୋଲି ସେ କହିଥିଲେ । ସେ ଭାରତୀୟ ସେନାର ସାହସିକତାକୁ ପ୍ରଶଂସା କରିଥିଲେ । ଶତ୍ରୁକୁ ଆମ ସେନା ସେମାନଙ୍କ କଳ୍ପନାଠାରୁ ଅଧିକ ଦଣ୍ଡ ଦେଇଥିଲେ । ସେହିପରି ସିନ୍ଧୁ ଚୁକ୍ତିକୁ ନେଇ ମଧ୍ୟ ସେ ଦେଶର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ ଓ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଥିଲେ । ରକ୍ତ ଓ ପାଣି ଏକାସାଥିରେ ବହିପାରିବ ନାହିଁ ବୋଲି କହିଥିଲେ ।

ସେହିଭଳି ପ୍ରଧାନମନ୍ତ୍ରୀ ଦେଶରେ ବୃଦ୍ଧି ପାଉଥିବା ଅନୁପ୍ରବେଶ ସମସ୍ୟାକୁ ନେଇ ଉଦବେଗ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ବାଂଲାଦେଶ ଆଡୁ ଅନୁପ୍ରବେଶ ବୃଦ୍ଧି ପାଉଥିବାରୁ ସୀମାରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି । ଏହାର ମୁକାବିଲା ଲାଗି ତାଙ୍କ ସରକାର ଏକ ବଡ଼ ଯୋଜନା ପ୍ରସ୍ତୁତ କରିଥିବା ସେ ସୂଚନା ଦେଇଛନ୍ତି ।

**ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ରାଜନୀତି ସରଗରମ**

## ଏନ୍‌ଡିଏ ପ୍ରାର୍ଥୀ ଘୋଷଣା ଆଜି

ନୂଆଦିଲ୍ଲୀ, ୧୬।୮: ଆସନ୍ତା ମାସ ୯ ତାରିଖରେ ହେବାକୁ ଯାଉଥିବା ଉପରାଷ୍ଟ୍ରପତି ନିର୍ବାଚନ ପାଇଁ କ୍ଷମତାସୀନ ଏନ୍‌ଡିଏର ପ୍ରାର୍ଥୀ କିଏ ହେବ, ତାହା ଉପରେ ସମସ୍ତଙ୍କର ନଜର ରହିଛି । ଆସନ୍ତାକାଲି ସନ୍ଧ୍ୟା ବେଳେ ବିଜେପିର ସଂସଦୀୟ ଦଳ ବୈଠକ ହେବାକୁ ଯାଉଛି । ଏହି ବୈଠକରେ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି ।

### ସମ୍ଭାବ୍ୟ ତାଲିକାରେ ଅନେକ ରାଜ୍ୟପାଳ

ଉପରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ନିଷ୍ପତ୍ତି ନେବାଲାଗି ଏନ୍‌ଡିଏ ନେତାମାନେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଜେପି ସଭାପତି ଜେପି ନଡ୍ଡାଙ୍କୁ ଦାୟିତ୍ୱ ଦେଇଛନ୍ତି । ଏନ୍‌ଡିଏ ପ୍ରାର୍ଥୀଙ୍କୁ ନେଇ ଜାତୀୟ ରାଜନୀତିରେ ଯେଉଁମାନଙ୍କ ନାମକୁ ନେଇ ଚର୍ଚ୍ଚା ଚାଲିଛି ସେମାନଙ୍କ ମଧ୍ୟରେ ଅଛନ୍ତି ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ଜମ୍ମୁ-କଶ୍ମୀର ଉପ-ରାଜ୍ୟପାଳ ମନୋଜ ସିହ୍ନା, କର୍ଣ୍ଣାଟକ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ, ଦିଲ୍ଲୀ ଉପ-ରାଜ୍ୟପାଳ ଭିକେ ସାକସେନା, ବିହାର ରାଜ୍ୟପାଳ ଆରିଫ ମହମ୍ମଦ ଖାନ, ସିକିମ ରାଜ୍ୟପାଳ ଓମ୍ ମାଥୁର ଏବଂ ରାଜ୍ୟସଭା ଉପାଧକ୍ଷ ହରିବଂଶ ସିଂହ । ଏମାନଙ୍କ ବ୍ୟତୀତ ଆରଏସଏସ୍ ନେତା ସେଶାଦ୍ରୀ ଚାରି ଏବଂ କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି ।

ଏନ୍‌ଡିଏ ପ୍ରାର୍ଥୀ ଅଗଷ୍ଟ ୨୧ରେ ନାମାଙ୍କନ ଦାଖଲ କରିବେ । ଏହି ଅବସରରେ ଏନଡିଏ ଶାସିତ ରାଜ୍ୟର ସବୁ ମୁଖ୍ୟମନ୍ତ୍ରୀ ଓ ଉପ- ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ । ଅପରପକ୍ଷରେ ବିରୋଧୀ ଦଳଗୁଡିକ ମଧ୍ୟ ନିଜ ପାର୍ଥୀ ଚୂଡାନ୍ତ କରିବାକୁ ଅଗଷ୍ଟ ୧୮ରେ ବୈଠକରେ ଏକାଠି ହେବେ । ଏ ସଂକ୍ରାନ୍ତରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଇଣ୍ଡିଆ ବ୍ଲକର ସବୁ ନେତାଙ୍କ ସହ କଥା ହୋଇଛନ୍ତି ।

ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତ ନିର୍ବାଚନ ଲାଗି ମତଦାନ ହେବ ଓ ଏହି ଦିନ ହିଁ ମତଗଣନା ହେବ । ନାମାଙ୍କନ ଦାଖଲ ପାଇଁ ଅଗଷ୍ଟ ୨୧ ହେଉଛି ଅନ୍ତିମ ତାରିଖ । ଅଗଷ୍ଟ ୨୫ରେ ନାମାଙ୍କନ ପ୍ରତ୍ୟାହାର ହୋଇପାରିବ । ଉଲ୍ଲେଖଥାଉ କି ଜଗଦୀପ ଧନଖଡ ଜୁଲାଇ ୨୧ ରାତିରେ ଅଚାନକ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ । ୭୪ ବର୍ଷୀୟ ଧନଖଡଙ୍କ କାର୍ଯ୍ୟକାଳ ୨୦୨୭ ଅଗଷ୍ଟ ୧୦ରେ ପୂରଣ ହେବାର ଥିଲା ।

## ଏନ୍‌ସିଇଆରଟିରେ ନୂଆ ମଡ୍ୟୁଲକୁ ନେଇ ବିବାଦ

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ନ୍ୟାସନାଲ କାଉନସିଲ ଅଫ୍ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆରଟି) ଏହାର ପାଠ୍ୟକ୍ରମରେ କେତୋଟି ପରିବର୍ତ୍ତନ କରିଛି । ଷଷ୍ଠରୁ ୮ମ ଓ ୯ମରୁ ଦ୍ୱାଦଶ ଶ୍ରେଣୀ ପାଇଁ ଦୁଇଟି ମଡ୍ୟୁଲ୍ ଜାରି କରିଛି । ନିୟମିତ ବହିଠାରୁ ଏହି ମଡ୍ୟୁଲ ଭିନ୍ନ । ଏହା ଦେଶ ବିଭାଜନର ବିଭିଷୀକା ଉପରେ ଆଧାରିତ । ଏଥିରେ ପାକିସ୍ତାନର ସ୍ରଷ୍ଟା ମହମ୍ମଦ ଅଲି ଜିନ୍ନା, କଂଗ୍ରେସ ପାର୍ଟି ଓ ଲର୍ଡ ମାଉଣ୍ଟବେଟେନଙ୍କୁ ଦେଶ ବିଭାଜନ ପାଇଁ ଦାୟୀ କରାଯାଇଛି । ଜିନ୍ନା ବିଭାଜନ ପାଇଁ ଦାବି କରିଥିଲେ, କଂଗ୍ରେସ ଏହାକୁ ସ୍ୱୀକାର କରିଥିଲା ଓ ମାଉଣ୍ଟବେଟେନ ଏହାକୁ ଲାଗୁ କରିବା ସହ କାର୍ଯ୍ୟକାରୀ କରିଥିଲେ ବୋଲି ଏଥିରେ ଦର୍ଶାଯାଇଛି । କଂଗ୍ରସ ନେତା ସର୍ଦ୍ଦାର ବଲ୍ଲଭଭାଇ ପଟେଲ କହିଥିଲେ ଯେ, 'ଆମେ ଏଭଳି ଏକ ସ୍ଥିତିରେ ପହଞ୍ଚିଛୁ ଯେଉଁଠାରେ ଆମକୁ ଦେଶ ବିଭାଜନକୁ ସ୍ୱୀକାର କରବାକୁ ହେବ କିମ୍ବା ନିରନ୍ତର ସଂଘର୍ଷ ଓ ଅରାଜକତାକୁ ସମ୍ନା କରିବାକୁ ହେବ' । ନୂଆ ମଡ୍ୟୁଲରେ କଶ୍ମୀରରେ ଆତଙ୍କବାଦର ମଧ୍ୟ ଉଲ୍ଲେଖ କରାଯାଇଛି । ଏଥିରେ କୁହାଯାଇଛି ଯେ ବିଭାଜନ ହୋଇନଥିଲେ କାଶ୍ମୀର ଆଜି ଆତଙ୍କବାଦର କେନ୍ଦ୍ର ହୋଇନଥାଆନ୍ତା । ଉଲ୍ଲେଖଥାଉ କି ନିୟମିତ ପାଠ୍ୟକ୍ରମରେ ମଡ୍ୟୁଲ ସାମିଲ ହୋଇ ନ ଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷଣକୁ ମଧ୍ୟ ଏଥିରେ ସାମିଲ କରାଯାଇଛି । ଗତମାସରେ ଏନ୍‌ସିଇଆରଟିର ନୂଆ ପାଠ୍ୟକ୍ରମରେ ମୋଗଲ ଶାସନ କାର୍ଯ୍ୟକାଳର ନୂଆ ସମୀକ୍ଷାକୁ ସାମିଲ କରାଯାଇଥିଲା । ଏହି ମଡ୍ୟୁଲକୁ ନେଇ ବିବାଦ ସୃଷ୍ଟି ହୋଇଛି । କଂଗ୍ରେସ ଏହାର ପ୍ରତିବାଦ ଜଣାଇଛି । କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି ଯେ ଏହି ମଡ୍ୟୁଲରେ ସତ କଥାକୁ ଲୁଚାଇ ରଖାଯାଇଛି ।

**ବି-୨ ବମ୍ବରରେ ପୁତିନଙ୍କୁ ସ୍ୱାଗତ.....**




ଆଲାସ୍କାରେ ବି୨ ବମ୍ବରରେ ରୁଷିଆ ରାଷ୍ଟ୍ରପତି ପୁତିନଙ୍କୁ ସ୍ୱାଗତ କରିଥିଲେ ରାଷ୍ଟ୍ରପତି ଟ୍ରମ୍ପ । ସେ ରେଡ କାର୍ପେଟ୍ ଉପରେ ଆସିବା ପରେ ଟ୍ରମ୍ପ ତାଳି ବଜାଇ ତାଙ୍କୁ ସ୍ୱାଗତ କରିଥିଲେ । ଏହି ସମୟରେ ଆକାଶରେ ଉଡ଼ିଥିଲା ଆମେରିକାର ବି-୨ ବୋମାବର୍ଷୀ ବିମାନ । ଏହାପରେ ପୁତିନ ଓ ଟ୍ରମ୍ପ ଗୋଟିଏ କାରରେ ବସି ବୈଠକ ପାଇଁ ଯାଇଥିଲେ ।

## ଡିଭାଇଡର ଭାଙ୍ଗି ଟ୍ରକ୍‌କୁ ପିଟିଲା ଟ୍ରାଭେଲର; ୪ ମୃତ

ଶିବପୁରୀ, ୧୬।୮: ମଧ୍ୟପ୍ରଦେଶର ଶିବପୁରୀରେ ଶନିବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୪ ଜଣ ମୃତ୍ୟୁବରଣ କରିଛନ୍ତି । ଏକ ଟ୍ରାଭେଲର ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ଗାୟକ ରହିଛନ୍ତି । ୨୦ ଜଣ ସଙ୍ଗୀତ ପାର୍ଟି କାଶୀ ବିଶ୍ୱନାଥରେ ଆୟୋଜିତ ଏକ ଶିବକଥା କାର୍ଯ୍ୟକ୍ରମରେ ଯୋଗ ଦେଇ ଶୁକ୍ରବାର ସନ୍ଧ୍ୟାରେ ପ୍ରତ୍ୟାବର୍ତ୍ତନ କରୁଥିଲେ । ଏହି ଟିମ୍‌ର ସବୁ ସଦସ୍ୟ ଗୁଜରାଟ୍‌ର ମେହଶାଣା ଓ ସୁରେନ୍ଦ୍ରନଗରରେ ରହୁଥିଲେ ।

## ରାଷ୍ଟ୍ରପତିଙ୍କ ପାଇଁ ସମୟ ଧାର୍ଯ୍ୟ କରାଯାଇପାରିବ ନାହିଁ: କେନ୍ଦ୍ର

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ସଂସଦ ବା ବିଧାନସଭା ଦ୍ୱାରା ପାସ୍ ହେଉଥିବା ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ । ଏହା ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଭ୍ରାଟ ସୃଷ୍ଟି କରିବ । ତାମିଲନାଡୁ ମାମଲାରେ ରାୟ ଶୁଣାଇ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ସୁପ୍ରିମକୋର୍ଟ ଧାର୍ଯ୍ୟ କରିଥିବା ସମୟସୀମାକୁ ବିରୋଧ କରି କେନ୍ଦ୍ର ସରକାର ଏଭଳି ସତର୍କବାଣୀ ଶୁଣାଇଛନ୍ତି । ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ ଗଣତନ୍ତ୍ରର ତିନିଟି ସ୍ତମ୍ଭ ମଧ୍ୟରେ କ୍ଷମତାର ସନ୍ତୁଳନ ପାଇଁ ସମ୍ବିଧାନରେ ବ୍ୟବସ୍ଥା ରହିଛି । ସମ୍ବିଧାନରେ ସେମାନଙ୍କ ଲାଗି ସମୟସୀମା ଧାର୍ଯ୍ୟ କରାଯାଇ ନଥିବା ବେଳେ ସୁପ୍ରିମକୋର୍ଟ ସମ୍ବିଧାନର ପୁନର୍ଲିଖନ କରିପାରିବେ ନାହିଁ । ଏହା ସମ୍ବିଧାନର ଧାରା ୧୪୨କୁ ଉଲ୍ଲଂଘନ କରୁଛି । ସେ କହିଛନ୍ତି ଯେ ଯାହା ବିବାଦ ଦେଖାଯାଉଛି, ତାହାର ସମାଧାନ ସମ୍ବିଧାନର ସୀମାରେ ରହି ରାଜନୈତିକ ଉପାୟରେ କରାଯିବା ଉଚିତ । ଏଥିପାଇଁ କୋର୍ଟ ନିର୍ଦ୍ଦେଶ ଦେବା ଠିକ୍ ନୁହେଁ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି ।

# ସନ୍ତାନ ଜନ୍ମ କରିବ ରୋବୋଟ

ବେଜିଂ, ୧୬।୮ (ଏଜେନ୍ସି): ବିଶ୍ୱରେ ଦ୍ରୁତ ଗତିରେ ରୋବୋଟ ଟେକ୍ନୋଲୋଜିର ବିକାଶ ହେବାରେ ଲାଗିଛି । ଏବେ ଏହି ରୋବୋଟ ମନୁଷ୍ୟ ଭଳି ସନ୍ତାନ ଜନ୍ମ କରିବାକୁ ଯାଉଛି । ଏହା ୧୦ ମାସରେ ସନ୍ତାନ ପ୍ରସବ କରିବ । ଚୀନ୍‌ର କାଇଭା ଟେକ୍ନୋଲୋଜି ଏହି ରୋବୋଟ ନିର୍ମାଣ କରୁଛି । ଏହାର ନାମ 'ପ୍ରେଗ୍ନାନ୍ସି ରୋବୋଟ' ରହିଛି । କମ୍ପାନୀର ସିଇଓ ଝାଙ୍ଗ କିଫେଙ୍ଗ କହିଛନ୍ତି ଯେ ରୋବୋଟ ପେଟରେ ଏକ ଆର୍ଟିଫିସିଆଲ ଗର୍ଭ ରହିବ । ଏଥିରୁ ଭ୍ରୂଣକୁ ପୋଷଣ ମିଳିବ । ଆସନ୍ତା ବର୍ଷ ଏହି ରୋବୋଟକୁ ଲଞ୍ଚ୍ କରାଯିବ । ଏହାର ମୂଲ୍ୟ ଲକ୍ଷେ ୟୁଆନ ଅର୍ଥାତ୍ ୧୧.୬ ଲକ୍ଷ ଟଙ୍କା ରହିବ । ତେବେ ଏହି ରୋବୋଟକୁ ନେଇ କମ୍ପାନୀକୁ ଅନେକ ସମାଲୋଚନା କରୁଛନ୍ତି । ଏହା ଦ୍ୱାରା ଶିଶୁ ଏବଂ ମା' ମଧ୍ୟରେ ଥିବା ନୈସର୍ଗିକ ସମ୍ପର୍କ ଶେଷ ହୋଇଯିବ । ତେବେ ଆଉ କିଛି ବିଶେଷଜ୍ଞ କହିଛନ୍ତି ଯେ ମନୁଷ୍ୟ ଭଳି ସନ୍ତାନ ଜନ୍ମ କରିବା ଏବେ ରୋବୋଟଙ୍କ ପକ୍ଷେ ସମ୍ଭବ ନୁହେଁ ।

# ତେଜିଲା ଏସ୍‌ଆଇଆର ବିବାଦ, ବିହାରରେ ରାହୁଲଙ୍କ 'ଭୋଟ ଅଧିକାର ଯାତ୍ରା'

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ରବିବାରଠାରୁ 'ବିହାରରେ ଭୋଟ ଅଧିକାର ଯାତ୍ରା' ଆରମ୍ଭ କରିବାକୁ ଯାଉଛନ୍ତି । ସାସାରାମରୁ ଆରମ୍ଭ ହେବାକୁ ଥିବା ଏହି ଯାତ୍ରା ପାଇଁ ରାହୁଲ ୧୬ ଦିନ ପର୍ଯ୍ୟନ୍ତ ବିହାରରେ ରହିବେ । ୧୩୦୦କିମିର ଏହି ଯାତ୍ରାରେ ୨୪ ଜିଲ୍ଲାକୁ ଗସ୍ତ କରିବେ । ଏହି ସବୁ ଜିଲ୍ଲାରେ ୧୧୮ ବିଧାନସଭା କ୍ଷେତ୍ର ରହିଛି । ଏହି ଯାତ୍ରାରେ ଇଣ୍ଡିଆ ମେଣ୍ଟର ସବୁ ଦଳର ବରିଷ୍ଠ ନେତା ଏବଂ କର୍ମୀ ସାମିଲ ହେବେ । ବିହାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମଧ୍ୟ ଯାତ୍ରାରେ ଯୋଗଦେବେ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି ବୋଲି କଂଗ୍ରେସ ସାଂସଦ ଅଖିଳେଶ ସିଂହ କହିଛନ୍ତି । ଦେଶରେ ଭୋଟ ମଜବୁତ କରିବା ପାଇଁ ରାହୁଲ ଏହି ଯାତ୍ରା କରୁଛନ୍ତି ବୋଲି କଂଗ୍ରେସ ପ୍ରଭାରୀ କୃଷ୍ଣା ଅଲାବାରୁ କହିଛନ୍ତି । ତେବେ ପ୍ରଶାସନ ଏହି ଯାତ୍ରା ପାଇଁ ଅନୁମତି ଦେଉନାହିଁ ବୋଲି ଆରଜେଡି ସାଂସଦ ସୁଧାକର ସିଂହ ଅଭିଯୋଗ ଲଗାଇଛନ୍ତି । ପ୍ରଶାସନ ସରକାରଙ୍କ ଚାପରେ କାମ କରୁଛି । ରାହୁଲଙ୍କ ସଭା ଏବଂ ହେଲିକପ୍ଟରକୁ ଅବତରଣ ପାଇଁ ଅନୁମତି ଦିଆଯାଉନାହିଁ ବୋଲି ସେ ଅଭିଯୋଗ ଲଗାଇଛନ୍ତି । କିନ୍ତୁ ସାସାରାମ ଜିଲ୍ଲାପାଳ ଏହାକୁ ଖାରଜ କରିଦେଇଛନ୍ତି ।



ଇତିମଧ୍ୟରେ ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ଭୋଟର ତାଲିକା ସଂଶୋଧନକୁ ନେଇ ରାଜନୈତିକ ଦଳ ଓ ନେତାମାନେ ଯେଉଁସବୁ ଅଭିଯୋଗ ଉଠାଉଛନ୍ତି ତାହା ଭିତ୍ତିହୀନ । ସମସ୍ତ

### ନିର୍ବାଚନ କମିସନଙ୍କ ସାମ୍ବାଦିକ ସମ୍ମିଳନୀ ଆଜି

ନିର୍ବାଚନ ପୂର୍ବରୁ ଭୋଟର ସଂଶୋଧନ ତାଲିକା ରାଜନୈତିକ ଦଳମାନଙ୍କୁ ଦିଆଯାଇଥାଏ । କୌଣସି ଆପତ୍ତି କି ଦାବି ଥିଲେ ସେମାନେ ସଂପୃକ୍ତ ଅଞ୍ଚଳର ନିର୍ବାଚନ ଅଧିକାରୀମାନଙ୍କ ସହିତ ଆଲୋଚନା କରିପାରିବେ । ଏହା ନକରି ଅନ୍ୟ ସ୍ତରରେ ଏଭଳି ଅଭିଯୋଗ କରିବା ଠିକ୍ ନୁହେଁ । ଇତିମଧ୍ୟରେ ବିହାର ଭୋଟର ତାଲିକା ସଂଶୋଧନ ବା ଏସଆଇଆର ଏବଂ କର୍ଣ୍ଣାଟକରେ ଭୋଟ୍ ଚୋରିକୁ ନେଇ ରାହୁଲ ଗାନ୍ଧୀ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ଉପରେ ସ୍ପଷ୍ଟୀକରଣ ଦେବାଲାଗି ଆସନ୍ତାକାଲି ନିର୍ବାଚନ କମିସନ ପକ୍ଷରୁ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରାଯିବ । ଏଥିରେ ସମସ୍ତ ଅଭିଯୋଗର ଉତ୍ତର ଦେବାକୁ ଚେଷ୍ଟା କରିବେ କମିସନ ।

# ଆଗାମୀ ଦଶକ ଓଡ଼ିଶାର: ମୁଖ୍ୟମନ୍ତ୍ରୀ



- ୨୨,୮୯୬ ଖାଲି ପଦ ପୂରଣ ଅନୁମତି ଖୁବ୍‌ଶୀଘ୍ର
- ରାଜ୍ୟରେ ପ୍ରତିଷ୍ଠା ହେବ ଆଉ ୪ ମେଡିକାଲ କଲେଜ
- ବ୍ରହ୍ମପୁର ମେଡିକାଲ କଲେଜକୁ ଏମ୍ସ ପ୍ଲସ୍ କରାଯିବ
- ଇଞ୍ଚୁଡି, ବାହୁଦା, ସୁବର୍ଣ୍ଣରେଖା, ଅସ୍ତରଙ୍ଗରେ ବନ୍ଦର
- ୧୧ଟି ଜିଲ୍ଲାକୁ ଅତିରିକ୍ତ ୫ କେଜି ମାଗଣା ଚାଉଳ

ଭୁବନେଶ୍ୱର,୧୬।୮ (ସମିସ): ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କ ନିକଟରେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ରୋଡ୍‌ମ୍ୟାପ୍ ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ମହିଳା, ଅନ୍ନଦାତା, ଗରିବ ଏବଂ ଯୁବ ବର୍ଗ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହାର ରୂପାୟନ କରିବା ପାଇଁ ରାଜ୍ୟ ସରକାର ୪ଟି କ୍ଷେତ୍ର ଯଥା ଜୀବନଜୀବିକା, ଭିତ୍ତିଭୂମି, ସାମାଜିକ ବିକାଶ ଓ ସଶକ୍ତୀକରଣ ଏବଂ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଉଛନ୍ତି। ଆଗାମୀ ଦଶ ବର୍ଷ ଓଡ଼ିଶାର ଦଶକ ହେବାକୁ ଯାଉଛି। ୨୦୩୬ ରେ ସ୍ୱତନ୍ତ୍ର ରାଜ୍ୟ ପ୍ରତିଷ୍ଠାର ଶତ ବାର୍ଷିକୀ ପାଳନ ବେଳକୁ ଆମ ରାଜ୍ୟ ସମୃଦ୍ଧ ଓଡ଼ିଶାରେ ପରିଣତ ହେବା ସହ ଦେଶର ପାଞ୍ଚଗୋଟି ସର୍ବଶ୍ରେଷ୍ଠ ରାଜ୍ୟ ଭିତରେ ସାମିଲ ହୋଇଥିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମୃଦ୍ଧ ଓଡ଼ିଶା ଗଠନ ଓଡ଼ିଶାବାସୀଙ୍କ ଏକ ସାମୂହିକ ଓ ସମାବେଶୀ ଯାତ୍ରା। ୨୦୩୬କୁ ଦୃଷ୍ଟିରେ ରଖି ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ଆମେ ୩୬ଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଆମ ରାଜ୍ୟର ପ୍ରାୟ ୯୨ ପ୍ରତିଶତ ହେଉଛନ୍ତି, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ। ତେଣୁ, କୃଷି ସହିତ ମତ୍ସ୍ୟ, ପ୍ରାଣୀପାଳନ, ଗୋ-ପାଳନ ପ୍ରତି ଦିଗକୁ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ଜୀବନଜୀବିକାର ଆଉ ଏକ ଦିଗ ହେଉଛି ଶିଳ୍ପାୟନ। ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ କାର୍ଯ୍ୟକ୍ରମ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଏକ ନୂଆ ଇତିହାସ ସୃଷ୍ଟି କରିଛି। ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଏବଂ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସହିତ, ଏହି କାର୍ଯ୍ୟପୂର୍ବର ସବୁ ରେକର୍ଡକୁ ଭାଙ୍ଗି ଦେଇଛି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ନୂଆ ସରକାର ଆସିବା ପରଠାରୁ ରାଜ୍ୟରେ ୨୮ ହଜାର ୩୯୨ଟି ପଦବୀ ପୂରଣ ହୋଇ ସାରିଛି। ଏହା ସହିତ ୩୪ ହଜାର ୫୦୦ଟି ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ବିଭିନ୍ନ ଆୟୋଗ ପକ୍ଷରୁ ଜାରି ରହିଛି। ଆହୁରି ମଧ୍ୟ ୨୨,୮୯୬ଟି ଖାଲି ପଦବୀ ପୂରଣ ପାଇଁ ମଧ୍ୟ ଖୁବ୍‌ଶୀଘ୍ର ଅନୁମତି ପ୍ରଦାନ କରାଯିବ। ୨ ବର୍ଷରେ ୮୫ ହଜାର ପଦ ପୂରଣ ହେବାକୁ ଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ବିଭିନ୍ନ ଚିକିତ୍ସାଳୟର ଭିତ୍ତିଭୂମିଗୁଡ଼ିକର ଉନ୍ନତିକରଣ କରାଯାଇ ସେଥିରେ ସମସ୍ତ ଆଧୁନିକ ଚିକିତ୍ସା ବ୍ୟବସ୍ଥା କରାଯାଉଛି। ଓଡ଼ିଶାରେ ବର୍ତ୍ତମାନ ୧୭ଟି ସରକାରୀ ମେଡିକାଲ କଲେଜ ଥିବାବେଳେ ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ ଓ ନବରଙ୍ଗପୁରଠାରେ ସରକାରୀ ମେଡିକାଲ କଲେଜ ଖୋଲାଯିବ। ବ୍ରହ୍ମପୁର ମେଡିକାଲ କଲେଜର ଉନ୍ନତି କରାଯାଇ ତାକୁ ଏମ୍ସ ପ୍ଲସ କରାଯିବା ପ୍ରସ୍ତାବକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ରାଜ୍ୟର ତିନିଗୋଟି ବୃହତ୍ତମ ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀଙ୍କ ସହିତ ଆସୁଥିବା ପରିଜନଙ୍କ ପାଇଁ ରାଜ୍ୟ ସରକାର ସୁଲଭ ମୂଲ୍ୟରେ ରହଣି ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏଥିପାଇଁ ପ୍ରାୟ ୨ ହଜାର ୨୫୦ ଶଯ୍ୟାର ସୁବିଧା କରାଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଗରିବ ଲୋକଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୮ଟି କେବିକେ ଜିଲ୍ଲା ସହିତ ବୌଦ୍ଧ, ଗଜପତି ଓ କନ୍ଧମାଳ- ସମୁଦାୟ ୧୧ଟି ଜିଲ୍ଲାର ପ୍ରାୟ ୨୭ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ପରିବାରଙ୍କୁ ତିନି ମାସ ପାଇଁ ମାସିକ ୫ କିଲୋଗ୍ରାମ ଅତିରିକ୍ତ ଚାଉଳ, ମାଗଣାରେ ଯୋଗାଇ ଦେବା ପାଇଁ ନିର୍ଣ୍ଣୟ କରାଯାଇଛି। ଏଥିରେ ସମୁଦାୟ ୪୧,୦୮୨ ମେଟ୍ରିକ ଟନ୍ ଅତିରିକ୍ତ ଚାଉଳ ବଣ୍ଟନ କରାଯିବ। ଏ ବାବଦରେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୮୦ କୋଟି ଟଙ୍କା ବହନ କରିବେ ବୋଲି ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବିମାନ ବନ୍ଦର ଭିତ୍ତିଭୂମିରେ ମଧ୍ୟ ଉନ୍ନତିକରଣ କରାଯାଇ ଦେଶବିଦେଶର ନୂଆ ନୂଆ ଗନ୍ତବ୍ୟ ସ୍ଥଳକୁ ବିମାନ ଚଳାଚଳର ସୁବିଧା କରାଯାଇଛି। ରାଜ୍ୟର ବନ୍ଦର ଭିତ୍ତିଭୂମିର ବିକାଶ ପାଇଁ ମଧ୍ୟ ଉଦ୍ୟମ ଜାରି ରହିଛି। ରାଜ୍ୟରେ ତିନୋଟି ପ୍ରମୁଖ ବନ୍ଦର ଥିବାବେଳେ ଆମେ ଇଞ୍ଚୁଡି, ବାହୁଦା, ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗଠାରେ ଆଉ ୪ଟି ନୂତନ ବନ୍ଦର ନିର୍ମାଣ କରିବାର ଲକ୍ଷ୍ୟ ରଖିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

■ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶିତ

# ପାସ୍ ହାର ୫୬.୨୩ ପ୍ରତିଶତ

କଟକ, ୧୬।୮ (ସମିସ): ଚଳିତବର୍ଷର ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଉଭୟ ହାଇସ୍କୁଲ ସାର୍ଟିଫିକେଟ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାର ଫଳାଫଳ ବୋର୍ଡ ପକ୍ଷରୁ www.bseodisha.ac.in ୱେବସାଇଟ୍‌ରେ ଅପରାହ୍ଣ ୨ଟା ପରଠାରୁ ଉପଲବ୍ଧ ହୋଇଛି। ସପ୍ଲିମେଣ୍ଟାରୀ ପରୀକ୍ଷା ପାସ ହାର ଗତ ବର୍ଷ ତୁଳନାରେ ବୃଦ୍ଧି ପାଇଛି। ଗତବର୍ଷ ସପ୍ଲିମେଣ୍ଟାରୀ ପାସ ହାର ୫୨.୨୧ ପ୍ରତିଶତ ଥିବା ବେଳେ ଏଥର ଏହା ୫୬.୨୩ପ୍ରତିଶତ ହୋଇଛି। ଅନ୍ୟପଟରେ ମୁକ୍ତ ବିଦ୍ୟାଳୟ ସାର୍ଟିଫକେଟ ପରୀକ୍ଷା ପାସ ହାର ଗତ ବର୍ଷ ୫୫ ପ୍ରତିଶତ ଥିବା ବେଳେ ଏଥର ବୃଦ୍ଧି ପାଇ ୫୫.୨୬ ପ୍ରତିଶତ ହୋଇଥିବା ବୋର୍ଡ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଭାପତି ଶ୍ରୀକାନ୍ତ ତରାଇ।

ଚଳିତ ହାଇସ୍କୁଲ ସାର୍ଟିଫିକେଟ୍ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ସମୁଦାୟ ୩୪୫୭ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୪୭୪ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ଏହି ପରୀକ୍ଷାରେ ମୋଟ ୧୯୪୪ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ଚଳିତବର୍ଷର ପାସ ହାର ୫୬.୨୩ପ୍ରତିଶତ ରହିଛି। ଏ-୨ରେ ୩ଜଣ, ବି-୧ରେ ୧୪ଜଣ, ବି-୨ରେ ୩୯ଜଣ, ସି'ରେ ୧୧୩ଜଣ, ଡିରେ ୨୭୬ଜଣ, ଇ ଗ୍ରେଡରେ ୫୨୩ଜଣ ଓ କମ୍ପାର୍ଟମେଣ୍ଟାଲରେ ୯୭୬ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ୧୦୩୮ଜଣ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି।

ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୫ହଜାର ୯୭୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୫୫.୨୬ ପ୍ରତିଶତ ରହିଛି। ଏ-୨ରେ ୧୩ଜଣ, ବି-୧ରେ ୨୩୨ଜଣ, ବି-୨ରେ ୭୨୩ଜଣ, ସି' ରେ ୧୭୩୮ଜଣ, ଡି' ଗ୍ରେଡ୍‌ରେ ୨୦୭୫ଜଣ ଓ ଇ-ଗ୍ରେଡରେ ୧୧୯୨ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେହିଭଳି ୪୧୪୦ଜଣ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ବେଳେ ୬୨୫ଜଣ ପରୀକ୍ଷା ଦେଇନଥିଲେ। ଏହି ପରୀକ୍ଷାରେ କପି କରି ୪୬ଜଣ ମାଲପ୍ରାକ୍ଟିସ ହୋଇଥିବା ଜଣାପଡ଼ିଛି। ଟାବୁଲେସନ୍ ରେଜିଷ୍ଟ୍ରରଗୁଡ଼ିକ ବୋର୍ଡ ୱେବସାଇଟରୁ ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ଡାଉନଲୋଡ କରି ପିଲା ମାନଙ୍କୁ ପ୍ରଦାନ କରିପାରିବେ। ଗତ ଜୁଲାଇ ୧ରୁ ୧୦ତାରିଖ ପର୍ଯ୍ୟନ୍ତ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

# ଯୁବତୀଙ୍କୁ ଘରେ ରଖି ଯୌନ ନିର୍ଯାତନା

**ସାର୍‌ଙ୍କ କଳାକାରନାମାକୁ ମ୍ୟାଡମ୍ ଚାପି ଦେଉଥିଲେ**

ବାରିପଦା, ୧୬।୮ (ସମିସ): ନିଜ ଝିଅ ଭଳି ପାଳି ପୋଷି ମଣିଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନିଜ ଘରେ ରଖି ପାଠ ପଢ଼ାଇବା ସହ ବଡ଼ ହେବା ପରେ ଉପଯୁକ୍ତ ପାତ୍ର ଦେଖି ବିବାହ କରାଇଦେବେ ବୋଲି ବି କହିଥିଲେ। ଏମିତି ସୁନେଲି ସ୍ୱପ୍ନ ଦେଖାଇ ଗରିବ ବାପା-ମା'ଙ୍କ ପାଖରୁ ନେଇ ଆସିବା ପରେ ସେମାନଙ୍କର ଅସଲ ରୂପ ଦେଖାଇଥିଲେ। ପାଠଶାଠ ପଢ଼ାଇବା ତ ଦୂରର କଥା, ଘରଯାକର ସବୁ କାମ ମୁଣ୍ଡ ଉପରେ ଲଦିଦେଲେ। ଚାକରାଣୀଙ୍କ ଭଳି ଦିନ ରାତି ଖଟାଇଲେ। ସେତିକିରେ ନିର୍ଯାତନା ସରିଲାନି ଯେ ତାକୁ ଯୌନ ନିର୍ଯାତନା ବି ଦେଲେ। ବାରିପଦା ରେଡିଓ ଷ୍ଟେସନ୍‌ରେ ଟେକ୍ନିସିଆନ ଭାବେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ନାଁରେ ଆଜି ଭଞ୍ଜପୁର ଥାନାରେ ଏଭଳି ଏକ ସଂଗିନ୍ ଅଭିଯୋଗ ହୋଇଛି। ୩ବର୍ଷ ଧରି ଅକଥନୀୟ ନିର୍ଯାତନା ସହିବା ପରେ ଶେଷରେ ଯୁବତୀଜଣଙ୍କ ମୁହଁ ଖୋଲିବା ପରେ ଏହି ଘଟଣା ପଦାକୁ ଆସିଛି। ଏପରିକି, ବାବୁଙ୍କ କଳାକାରନାମା ଘୋଡ଼ାଇବା ପାଇଁ ତାଙ୍କ ସ୍ତ୍ରୀ ଉଦ୍ୟମ ଚଳାଇଥିଲେ। ସେ ଯୁବତୀଙ୍କୁ ଗୃହବନ୍ଦୀ ଭଳି କରି ରଖିଥିଲେ। ବାହାରକୁ ଛାଡୁନଥିଲେ ବୋଲି ଯୁବତୀଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଅଭିଯୋଗ ଅନୁଯାୟୀ, ୩ ବର୍ଷ ତଳେ ମୋରଡ଼ା ଅଞ୍ଚଳର ଜଣେ ଗରିବ ନାବାଳିକାଙ୍କୁ ଉକ୍ତ ସରକାରୀ ବାବୁ ଓ ତାଙ୍କ ପତ୍ନୀ ଘରକୁ ନେଇ ଆସିଥିଲେ। ଏଥିପାଇଁ ତାଙ୍କ ବାପା-ମା'ଙ୍କୁ ନାନାଦି ମିଛ ପ୍ରତିଶ୍ରୁତି ଦେଇଥିଲେ। ଘରେ ରଖି ତା' ଦ୍ୱାରା ସବୁ କାମ କରାଇବା ସହ ଯୌନ ଶୋଷଣ ମଧ୍ୟ କରୁଥିଲେ। ଏବେ ନାବାଳିକାଙ୍କୁ ୧୮ ବର୍ଷ ପୂରି ସାବାଳିକା ହେଲେଣି। ତେବେ ନିର୍ଯାତନା ସହି ନପାରି ଯୁବତୀଜଣଙ୍କ ସେଠାରୁ ପଳାଇ ଆସି ନିଜ ଘରେ ସବୁ କଥା ପ୍ରକାଶ କରିଥିଲେ। ପରେ ପରିବାରଲୋକେ ଯୁବତୀଙ୍କୁ ନେଇ ମୋରଡ଼ା ଥାନାରେ ପ୍ରଥମେ ଏତଲା ଦେଇଛନ୍ତି। କିନ୍ତୁ ଏହି ଆପରାଧିକ ଘଟଣା ଭଞ୍ଜପୁର ଥାନାଞ୍ଚଳରେ ହୋଇଥିବାରୁ ପୁଲିସ୍ ସେମାନଙ୍କୁ ଭଞ୍ଜପୁର ଥାନାକୁ ପଠାଇ ଦେଇଥିଲା। ଯୁବତୀଙ୍କ ବାପାଙ୍କ ଲିଖିତ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଭଞ୍ଜପୁର ଥାନା ଘଟଣାର ତଦନ୍ତ ଜାରି ରଖିଛି।

# ଦୁଇ ପୁଲିସ ଇନ୍ସପେକ୍ଟର ନିଲମ୍ବିତ

ଭୁବନେଶ୍ୱର,୧୬।୮ (ସମିସ): କାର୍ଯ୍ୟରେ ଅବହେଳା ଅଭିଯୋଗରେ ୨ଜଣ ଇନ୍ସପେକ୍ଟରଙ୍କୁ ପୁଲିସ ଡିଜି ନିଲମ୍ବିତ କରିଛନ୍ତି। ଗତକାଲି ପୁରୀଜିଲ୍ଲା ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଆଜି ଛତ୍ରପୁର ଥାନା ଅଧିକାରୀ ଦେବାଶିଷ ମହାନ୍ତିଙ୍କୁ ନିଲମ୍ବିତ କରାଯାଇଛି। ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂ କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନାରେ ଥିଲାବେଳେ ଗଞ୍ଜେଇ ଚୋରା ଚାଲାଣରେ ଅଭିଯୁକ୍ତମାନଙ୍କ ସହିତ ସମ୍ପୃକ୍ତ ଥିବାର ବିଭାଗ ପାଖରେ ଅଭିଯୋଗ ପହଞ୍ଚିଥିଲା। ୨୦୨୩ ଅଗଷ୍ଟ ୨୧ରେ ଅସ୍ତରଙ୍ଗ ଥାନାରେ ଯୋଗ ଦେଇଥିବା ରାଜେଶ ବଳିୟାରସିଂ ୫ଦିନ ଛୁଟିନେଇ ନିଜ ପରିବାର ସହ ଭୁବନେଶ୍ୱରରେ ରହୁଥିଲାବେଳେ ତାଙ୍କୁ ଜୟପୁର ପୁଲିସ୍ ଡାକି ପଚରାଉଚରା କରିଥିଲା। ଜୟପୁର ଟାଉନ୍ ଥାନା ଏକ ମାମଲାରେ ପଚରାଉଚରା ବେଳେ ସେ ଫେରାର୍ ହୋଇଯିବା ଖବର ମିଳିଥିଲା। ପରେ ତାଙ୍କ ଉପରେ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଲମ୍ବିତ କରାଯାଇଛି। ସେହିପରି ଛତ୍ରପୁର ଥାନା ଅଧିକାରୀ ଦେବାଶିଷ ମହାନ୍ତି ଥାନାକୁ ଯାଉଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ଦେଖାଉ ନ ଥିବା ଏବଂ ବେଆଇନ କାର୍ଯ୍ୟରେ ଲିପ୍ତ ରହି ନିଜର ଫାଇଦା ଉଠାଉଥିବା ଡିଜିପିଙ୍କ ନିକଟରେ ଅଭିଯୋଗ ପହଞ୍ଚିଥିଲା।

# ସାତକୋଶିଆରେ ଆଉ ଏକ ହାତୀର ଶବ ଠାବ

ଅନୁଗୋଳ,୧୬।୮ (ସମିସ): ସାତକୋଶିଆ ଅଭୟାରଣ୍ୟର ବାଘମୁଣ୍ଡା ସେକ୍ସନ ଅଞ୍ଚଳରେ ଆଉ ଏକ ହାତୀର ଗଳିତ ଶବ ଠାବ ହୋଇଛି। କିଛି ଦିନ ପୂର୍ବରୁ ୪୦/୫୦ବର୍ଷ ବୟସ୍କ ଏହି ହାତୀର ମୃତ୍ୟୁ ହୋଇଥିଲେ ମଧ୍ୟ ବନ ବିଭାଗ ଡେରିରେ ଏହି ଖବର ପାଇଥିଲା। ଘଟଣାସ୍ଥଳକୁ ସାତକୋଶିଆ ବନଖଣ୍ଡର ନବନିଯୁକ୍ତ ଅଧିକାରୀ ଗଦାଧର ପାତ୍ର ଯାଇଥିବା ତଦନ୍ତ କରିଛନ୍ତି।

ଚିନ୍ତାର ବିଷୟ ହେଲା, ସାତକୋଶିଆ ଅଭୟାରଣ୍ୟ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗତ କିଛି ବର୍ଷ ମଧ୍ୟରେ ହାତୀ ମୃତ୍ୟୁ ଘଟଣା ଆଶାତୀତ ଭାବେ ବଢ଼ି ଚାଲିଛି। ଏପରି ଜାରି ରହିଲେ ସାତକୋଶିଆ ଖୁବଶୀଘ୍ର ହାତୀଶୂନ୍ୟ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ବନ ବିଭାଗ ଏଠି ସମ୍ପୂର୍ଣ୍ଣ ରୂପେ ବିଫଳ ବୋଲି ବିଭିନ୍ନ ସ୍ତରରେ ଚର୍ଚ୍ଚା ହେଉଛି। ସାତକୋଶିଆ ବନବିଭାଗ ନିଜ କାର୍ଯ୍ୟଶୈଳୀର ଆତ୍ମସମୀକ୍ଷା କରିବାର ସମୟ ଆସିଛି। ଏଠାରୁ ପୂର୍ବତନ ବିବାଦୀୟ ବନଖଣ୍ଡ ଅଧିକାରୀ ବଦଳି ହୋଇ ଗଲା ପରେ, ନୂତନ ଭାବେ ଡିଏଫ୍‌ଓ ଭାବେ ଗଦାଧର ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ସାତକୋଶିଆ ଅଭୟାରଣ୍ୟ ବନ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ବହୁମାତ୍ରାରେ ଅତ୍ୟାଧୁନିକ ଗାଡ଼ି ସବୁ ରହିଛି। ସୁରକ୍ଷା ପାଇଁ ଅବସରପ୍ରାପ୍ତ ସୈନିକ ମଧ୍ୟ ନିଯୁକ୍ତ ହୋଇଛନ୍ତି। ବିଭାଗରେ ଅନ୍ୟ କର୍ମଚାରୀ ମଧ୍ୟ ଅଛନ୍ତି। ତେବେ ଏତେ ସବୁ ସତ୍ତ୍ୱେ କାହିଁକି ବନବିଭାଗ ବନ୍ୟପ୍ରାଣୀଙ୍କ ଜୀବନରକ୍ଷାରେ ବିଫଳ, ତାହା ସମସ୍ତଙ୍କୁ ଅଶ୍ଚର୍ଯ୍ୟାନ୍ୱିତ କରିଛି।

**୧୨ ଥର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ମଧ୍ୟ ଫଳ ଶୂନ**

# ସରକାର ଶିକ୍ଷକଙ୍କୁ ପ୍ରତାରଣା କରନ୍ତୁ ନାହିଁ: ଭକ୍ତ



ଭୁବନେଶ୍ୱର,୧୬।୮ (ସମିସ): ବିଜେପି ସରକାର ଗଠନ କରିବା ୧୪ ମାସ ମଧ୍ୟରେ ନାରୀ ନିର୍ଯାତନା, ଅପରାଧ, ଲୋକଙ୍କ ଦୁର୍ଦ୍ଦଶା, ମିଥ୍ୟା ପ୍ରତିଶ୍ରୁତି ଆଦି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ବର୍ତ୍ତମାନ ମୋହନ ସରକାରଙ୍କ ଦ୍ୱାରା ପ୍ରତାରିତ ଶିକ୍ଷକ ରାଜରାସ୍ତାରେ ଅଛନ୍ତି। ଆଜି ଦୁଇଗୋଟି ଭିନ୍ନ ଅନୁଷ୍ଠାନ ତାଙ୍କ ଦାବି ନେଇ ସଚିବାଳୟ ସମ୍ମୁଖ ମହାତ୍ମା ଗାନ୍ଧୀ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରତାରିତ ଶିକ୍ଷକ ଓ ଅଧ୍ୟାପକଙ୍କ ଦାବିମାନ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ସରକାର କର୍ପୋରେଟ ହାଉସ ଦ୍ୱାରା ପରିଚାଳିତ ସ୍କୁଲ ଓ ଶିକ୍ଷାନୁଷ୍ଠାନମାନଙ୍କୁ ଅଗ୍ରାଧିକାର ଦେଉଥିବା ବେଳେ ନିଜ ଶିକ୍ଷାନୁଷ୍ଠାନ ମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି। ଶିକ୍ଷକଙ୍କୁ ପେନସନ, ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡିକର ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି କରିବା ସହ ୨୦୦୪ ରୁ ୨୦୨୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘ ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୧ ଜୁନ ୨୦୦୮ ରୁ ୧ ଜୁନ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାର ଅନୁଦାନ ପରିସରଭୁକ୍ତ କରନ୍ତୁ ବୋଲି ଏକମାତ୍ର ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୋହନ ସରକାର ଆସିବା ଦିନଠୁ ଏମାନେ ୧୨ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ସାକ୍ଷାତ କରି ଦାବି ଜଣାଇଥିଲେ ସୁଦ୍ଧା ସରକାର କିଛି ପଦକ୍ଷେପ ନେଇ ନାହାନ୍ତି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମହାସଂଘ ଏବଂ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘର ସମସ୍ତ ଶିକ୍ଷକ ଏବଂ କର୍ମଚାରୀଙ୍କ ପ୍ରତି ସରକାରଙ୍କ ପ୍ରତାଡ଼ନାକୁ ନିନ୍ଦା କରିବା ସହ ଅତିଶୀଘ୍ର ସେମାନଙ୍କ ଦାବି ଗ୍ରହଣ କରି ସରକାର ନ୍ୟାୟ ପ୍ରଦାନ କରନ୍ତୁ ଶ୍ରୀ ଦାସ ଦାବି କରିଛନ୍ତି।

# ଓଟିଇଟି ପରୀକ୍ଷା ନେଇ ସ୍ପଷ୍ଟ କଲେନି କର୍ତ୍ତୃପକ୍ଷ

କଟକ, ୧୬।୮ (ସମିସ): ଆସନ୍ତା ଅଗଷ୍ଟ ୩୧ତାରିଖରେ ହେବାକୁ ଥିବା ଓଟିଇଟି ପରୀକ୍ଷା ହେବ କି ନାହିଁ, ସେନେଇ ସ୍ପଷ୍ଟ ଉତ୍ତର ରଖିନାହାନ୍ତି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କର୍ତ୍ତୃପକ୍ଷ। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ଯେ ନୂତନ ପରୀକ୍ଷା ପରିଚାଳନା କମିଟି ଏହି ସମୟ ମଧ୍ୟରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରି ପରୀକ୍ଷା କରିପାରିବ କି ନାହିଁ ତାହା ତର୍ଜମା କରୁଛି। ସମ୍ଭବତଃ ବିଭିନ୍ନ କାରଣରୁ ଏହି ପରୀକ୍ଷା ନିର୍ଦ୍ଧାରିତ ତାରିଖରେ ନହୋଇପାରେ ବୋଲି ଶ୍ରୀ ତରାଇ କହିଛନ୍ତି। ଯଦି ଏହି ପରୀକ୍ଷା ଘୁଞ୍ଚିଯାଏ, ତାହେଲେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପୂର୍ବକ ସୂଚନା ଦିଆଯିବ ବୋଲି ସେ କହିଛନ୍ତି। ପ୍ରକାଶଥାଉକି ଗତ ଜୁଲାଇ ୨୦ରେ ହେବାକୁ ଥିବା ଓଟିଇଟି ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ ପାଇଁ ୧୯ତାରିଖ ମଧ୍ୟ ରାତ୍ରୀରେ ସ୍ଥଗିତ ରଖାଯାଇଥିଲା। ଗୋଟିଏପଟରେ ପ୍ରଶ୍ନପତ୍ର ଲିକ ଘଟଣାର ତଦନ୍ତ ଚାଲୁରହିଥିବା ବେଳେ ପୁନଃ ଅଗଷ୍ଟ ୩୧ତାରିଖରେ ପରୀକ୍ଷା ପାଇଁ ସାନି ତାରିଖ ଧାର୍ଯ୍ୟ ହୋଇଥିଲା। ଏବେ ଏହି ତାରିଖରେ ପରୀକ୍ଷା ହେବା ନେଇ ଅନିଶ୍ଚିତତା ଲାଗି ରହିଛି।

**କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲାରେ ବଢ଼ୁଛି ଦୁର୍ଘଟଣା**

# ନିଯୁକ୍ତ ହେବେ ୫୦୦ ଟ୍ରାଫିକ ୱାର୍ଡେନ

କଟକ,୧୬।୮ (ସମିସ): ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଞ୍ଜାମ ଏବଂ ଖୋର୍ଦ୍ଧା ଆଦି ଜିଲ୍ଲାରେ ଦୁର୍ଘଟଣାର ହାର ବୃଦ୍ଧି ପାଉଛି। ବିଶେଷକରି ଦୁଇଚକିଆ ଯାନ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡ଼ୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ୫ଟି ଜିଲ୍ଲାରେ ଖୁବଶୀଘ୍ର ୫୦୦ ଟ୍ରାଫିକ ୱାର୍ଡେନ ମୁତୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଆଜି ଅପରାହ୍ଣରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ସଡ଼କ ଦୁର୍ଘଟଣା କମାଇବା, ଟ୍ରାଫିକ୍ ନିୟମର କଡ଼ା କାର୍ଯ୍ୟାନ୍ୱୟନ, ଜାତୀୟ ରାଜପଥ ପାଟ୍ରୋଲିଂ, ସିସିଟିଭି ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଏବଂ ସ୍କୁଲ-କଲେଜସ୍ତରରେ ସଡ଼କ ସୁରକ୍ଷା ଶିକ୍ଷା ଆଦି ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଜିଲ୍ଲା ଏସ୍‌ପିମାନେ ଉପରୋକ୍ତ ୱାର୍ଡେନମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ। ସେମାନଙ୍କୁ ତାଲିମ ପ୍ରଦାନ କରାଯାଇ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦିଆଯିବ ବୋଲି ଡିଜିପି ସୂଚନା ଦେଇଥିଲେ। ଏହାସହ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ମଧ୍ୟ ସେ ଜିଲ୍ଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଉପକୂଳ ଏବଂ ରେଳବାଇ ସୁରକ୍ଷା) ଅରୁଣ ବୋଥ୍ରା, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ସମେତ ରାଜ୍ୟ ପରିବହନ ପ୍ରାଧିକରଣର ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଆଭାସୀ ମାଧ୍ୟମରେ ଆଇଜି (କେନ୍ଦ୍ରାଞ୍ଚଳ) ଏସ୍. ପ୍ରବୀଣ କୁମାର, ଆଇଜି (ଦକ୍ଷିଣାଞ୍ଚଳ) ନୀତି ଶେଖର, ଡିଆଇଜି (ପୂର୍ବାଞ୍ଚଳ) ଡା. ସତ୍ୟଜିତ ନାୟକ, ଡିଆଇଜି (ପଶ୍ଚିମାଞ୍ଚଳ) ବ୍ରିଜେଶ କୁମାର ରାୟ ଏବଂ ସମସ୍ତ ଜିଲ୍ଲାର ଏସ୍‌ପିମାନେ ଉପସ୍ଥିତ ଥିଲେ।

■ ରାଜ୍ୟବ୍ୟାପୀ ପରିବହନ ବିଭାଗର ଯାଞ୍ଚ

# ୨୨୭ଟି ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ

**ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଇ ନ ଥିଲେ**

କଟକ,୧୬।୮ (ସମିସ): ସଡକ ନିରାପତ୍ତା ଦୃଷ୍ଟିରୁ ମାଲବାହୀ ଗାଡ଼ିରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଯିବା ବାଧ୍ୟତାମୂଳକ। ତେବେ ଏହାକୁ ଉଲ୍ଲଙ୍ଘନ କରାଯାଉଥିବା ପରିବହନ ବିଭାଗର ଦୃଷ୍ଟିକୁ ଆସିବା ପରେ ରାଜ୍ୟବ୍ୟାପୀ ଯାଞ୍ଚ ଅଭିଯାନ କରାଯାଇଛି। ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଉନଥିବା ୨୨୭ଟି ଗାଡ଼ିର ଫିଟନେସ ପ୍ରମାଣପତ୍ର ରଦ୍ଦ କରାଯାଇଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ବିରୋଧରେ ରାଜ୍ୟ ପରିବହନ ପ୍ରାଧିକରଣ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଦ୍ୱାରା କଡ଼ାକଡ଼ି ଏନଫୋର୍ସମେଣ୍ଟ ଜାରି ରହିଛି। ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଗତ ଦୁଇ ଦିନ ଧରି କରାଯାଇଥିଲା। ଆରଟିଓ ମାନଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ବିଭିନ୍ନ ରାଜପଥରେ ଉଭୟ ମାଲବାହୀ ଓ ଯାତ୍ରୀବାହୀ ଗାଡ଼ି ଗୁଡ଼ିକୁ ଯାଞ୍ଚ କରିଥିଲେ। ଜଗତସିଂହପୁର ଆରଟିଓ ଦ୍ୱାରା ସର୍ବାଧିକ ୨୭, ଝାରସୁଗୁଡ଼ା ଆରଟିଓରେ ୨୬, ଭୁବନେଶ୍ୱର-୧ ଆରଟିଓ ୧୫, ରାଉରକେଲା ଆରଟିଓ ୧୩, କେନ୍ଦୁଝର ଆରଟିଓ ୧୨, କଟକ ଓ ଚଣ୍ଡିଖୋଲ ଆରଟିଓରେ ୯ ଲେଖାଏଁ, ଭୁବନେଶ୍ୱର-୨ ଆରଟିଓ ୮, ଗଞ୍ଜାମ ଆରଟିଓ ୭, ବଲାଙ୍ଗିର, ତାଳଚେର ଓ କେନ୍ଦ୍ରାପଡ଼ା ଆରଟିଓରେ ୬ ଲେଖାଏଁ, ଭଦ୍ରକ ଓ ସୋନପୁରରେ ୫ ଲେଖାଏଁ ଗାଡ଼ିର ଫିଟନେସ ରଦ୍ଦ କରାଯାଇଛି। ସେହିଭଳି ଢେଙ୍କାନାଳ, ଫୁଲବାଣୀ, ନୂଆପଡ଼ା, ବୌଦ୍ଧ, ଯାଜପୁର, ରାୟଗଡ଼ା ଆରଟିଓ ଓ ଖୋର୍ଦ୍ଧା ଏଆରଟିଓରେ ୪ଟି ଲେଖାଏଁ ଗାଡ଼ିର ଫିଟନେସ ରଦ୍ଦ କରାଯାଇଛି। ସେହି ଗାଡ଼ି ଗୁଡ଼ିକ ପୁଣି ଫିଟନେସ ପାଇବାକୁ ନିୟମ ଅନୁଯାୟୀ ଟେପ୍ ଲଗାଇ ଆବେଦନ କରିବାକୁ କୁହାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ସମସ୍ତ ବାଣିଜ୍ୟିକ ଯାନର ପଛପଟେ ନାଲି, ଉଭୟ ପାର୍ଶ୍ୱରେ ହଳଦିଆ ଏବଂ ଆଗରେ ଧଳା ଟେପ୍ ଲଗାଯାଏ। ଏହାଦ୍ୱାରା ଅନ୍ୟ ସଡ଼କ ବ୍ୟବହାରକାରୀ ଗାଡ଼ିକୁ ଅନ୍ଧାର କିମ୍ବା କମ୍ ଆଲୁଅରେ ଦେଖିପାରନ୍ତି। ଯାହା ଦୁର୍ଘଟଣାକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ଏଭଳି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ନିୟମିତ ଭାବରେ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

**ରାଜ୍ୟରେ ସ୍ୱାସ୍ଥ୍ୟସେବା ଅବ୍ୟବସ୍ଥା ନେଇ ବିରୋଧୀଙ୍କ କଟାକ୍ଷ**

# 'ଆୟୁଷ୍ମାନ୍' ଏବେ ଶ୍ମଶାନ ଯୋଜନାରେ ପରିଣତ



**ଆୟୁଷ୍ମାନଠାରୁ ବିଏସକେୱାଇ ଭଲ ଥିଲା : ଶ୍ରୀକାନ୍ତ**

**ରାଜନୀତିକୁ ପଛ କରି ସରକାର ହୋସକୁ ଆସନ୍ତୁ: ଅରୁଣ**



ଭୁବନେଶ୍ୱର,୧୬।୮ (ସମିସ): ଆୟୁଷ୍ମାନ ଭାରତ ଓ ସ୍ୱାସ୍ଥ୍ୟବସ୍ଥାର ଦୁରାବସ୍ଥା ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ଗୋଲ ଟେବୁଲ ବୈଠକରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ପ୍ରବଳ ସମାଲୋଚନା କରିଛନ୍ତି ବିରୋଧୀ। ଆୟୁଷ୍ମାନ ଯୋଜନା ବର୍ତ୍ତମାନ ଶ୍ମଶାନ ଯୋଜନାରେ ପରିଣତ ହୋଇଛି ବିରୋଧୀ କଟାକ୍ଷ କରିଛନ୍ତି। ସେହିପରି ଆୟୁଷ୍ମାନ ଭାରତ ତୁଳନାରେ ବିଜେଡି ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଲ ଥିଲା ବୋଲି ମତ ଦେଇଛନ୍ତି କଂଗ୍ରେସର ନେତା ଶ୍ରୀକାନ୍ତ ଜେନା।

ଜନସ୍ୱାସ୍ଥ୍ୟ ଅଭିଯାନ (ଓଡ଼ିଶା), ଆଗାମୀ ଓଡ଼ିଶା ଓ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ କ୍ଷରୁ ଭୁବନେଶ୍ୱର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଏହି ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା କହିଛନ୍ତି ଯେ ଏହି ଆଲୋଚନାରେ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ଉପସ୍ଥିତ ରହିବା ଆବଶ୍ୟକ ଥିଲା। ସ୍ୱାସ୍ଥ୍ୟ ପ୍ରସଙ୍ଗ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ। ତେଣୁ ସାମୂହିକ ଭାବେ ବସି ଏହି ପ୍ରସଙ୍ଗ ଆଲୋଚନା କରିବା କଥା। ଲୋକେ କହୁଛନ୍ତି ପୂର୍ବ ସରକାର ସମୟରେ ବିଏସକେୱାଇ ଆୟୁଷ୍ମାନ ତୁଳନାରେ ଭଲ ଯୋଜନା ଥିଲା। ଯଦି ନାଁ ରେ ସମସ୍ୟା ଥିଲେ ନାଁ କୁ ବଦଳାଇ ଦିଆଯାଇ ପାରିଥାନ୍ତା। ମାତ୍ର ଯୋଜନାକୁ ବଦଳାଇବାର ଆବଶ୍ୟକତା କଣ ଥିଲା ବୋଲି ଶ୍ରୀ ଜେନା ପ୍ରଶ୍ନ କରିଛନ୍ତି। ଲୋକଙ୍କ ସ୍ୱାର୍ଥ ପାଇଁ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବାକୁ ଶ୍ରୀ ଜେନା ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଭାଗ ନେବା ଅବସରରେ ବିଜେଡି ବିଧାୟକ ଡ. ସାହୁ କହିଛନ୍ତି ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ଲୋକଙ୍କ ଭରସା ଥିଲା। ଏହି ଯୋଜନାରେ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରୁଥଲେ। କିନ୍ତୁ ଆୟୁଷ୍ମାନ ଭାରତ ଯୋଜନା ଏକ ବୀମା ଉପରେ ପର୍ଯ୍ୟବେସିତ ଯୋଜନା। ରୋଗୀ ନିଜର ଚିକିତ୍ସା କରିବା ପରେ ଏଥିରେ ଅର୍ଥ ମିଳିବ। ସେହିପରି ଲୋକେ ଏହି ଯୋଜନା ଅଧିନରେ ସ୍ୱାସ୍ଥ୍ୟସେବା ପାଇବାରେ ବହୁ ଜଟିଳତା ରହୁଛି। ଏଥିରେ ଆଠ ପ୍ରକାର ଓଟିପି ଆସୁଛି। ଡାକ୍ତରଙ୍କ ଫଟୋ ଅପଲୋଡ଼ ହେଉଛି। ଡାକ୍ତର ଓଟି ଭିତରେ ଥିଲେ ଗୁରୁତର ରୋଗୀ କଣ ଅପେକ୍ଷା କରି ବସିବ କି ବୋଲି ଡ. ସାହୁ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦୧୭ ମସିହାରେ ଯେତେବେଳେ ବିଏସକେୱାଇ ଆରମ୍ଭ ହେଲା ସେତେବେଳେ ପ୍ରାରମ୍ଭିକ ଭାବେ ୩୦୦-୪୦୦ କୋଟି ଖର୍ଚ୍ଚ ହେଉଥିଲା। ତେବେ ୨୦୨୩-୨୪ ବେଳକୁ ଏହା ୪ ହଜାର କୋଟିରେ ପହଞ୍ଚିଥିଲା। ମାତ୍ର ଆୟୁଷ୍ମାନ ଭାରତରେ ସାରା ଦେଶରେ ମାତ୍ର ୫ ହଜାରରୁ ୬ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି। ତାହେଲେ ଆୟୁଷ୍ମାନ ଭାରତରେ ଓଡ଼ିଶାର ଭାଗ କେତେ ଓ ରୋଗୀ ଏଥିରୁ କ'ଣ ପାଇବେ? ତେଣୁ ସରକାର ଭୋଟ ରାଜନୀତି ନ କରି ଟିକେ ହୋସକୁ ଆସନ୍ତୁ। ଲୋକଙ୍କ ପାଇଁ ଚିନ୍ତା କରନ୍ତୁ। ସିଧାସଳଖ ଓଡ଼ିଶାବାସୀ ଯେଉଁ ସୁବିଧା ପାଉଥିଲେ ତାକୁ ସୁନିଶ୍ଚିତ କରନ୍ତୁ ବୋଲି ସେ କହିଛନ୍ତି।

ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଜନସ୍ୱାସ୍ଥ୍ୟ ଅଭିଯାନର ରାଜ୍ୟ ଆବାହକ ଗୌରାଙ୍ଗ ମହାପାତ୍ର ଆୟୁଷ୍ମାନ ଭାରତ ଯୋଜନାର ଦୁରବସ୍ଥା ସମ୍ପର୍କରେ ଏକ ବିଷଦ ରିପୋର୍ଟ ବୈଠକରେ ଉପସ୍ଥାପନ କରିଥିଲେ। ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ଓଡିଶା ଘରୋଇ ମେଡିକାଲ ଆସୋସିଏସନର ସଭାପତି ଇନ୍ଦ୍ରମଣି ଜେନା, ସମ୍ପାଦକ ସଂଗ୍ରାମ ମହାପାତ୍ର, ପ୍ରଫେସର ବିଜୟ ବହିଦାର, ପ୍ରଫେସର ଅମୀୟ ମହାନ୍ତି, ଶ୍ରମିକ ନେତା ମହେନ୍ଦ୍ର ପରିଡା, ଲୋହିଆ ଏକାଡେମୀ ସମ୍ପାଦକ ଦେବପ୍ରସାଦ ରାୟ ପ୍ରମୁଖ ଯୋଗ ଦେଇଥିଲେ।

# ତ୍ରିରଙ୍ଗା ତଳେ ଏକାଠି ହେଲେ; ଏକତାର ମନ୍ତ୍ର ଗାଇଲେ

ବଲାଙ୍ଗିର, ୧୬।୮ (ସମିସ): ବଲାଙ୍ଗିର ରିଜର୍ଭ ପୁଲିସ ପଡ଼ିଆରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାଏକ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱର, ଏସ୍‌ପି ଅଭିଳାଷ ଜି, ସାଂସଦ ସଙ୍ଗିତା କୁମାରୀ ସିଂହଦେଓ ପ୍ରମୁଖ



ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାସ୍ତରୀୟ ପରେଡ୍‌ରେ ରିଜର୍ଭ ବ୍ୟାଣ୍ଡ ସହ ସ୍ଥାନୀୟ ସ୍କୁଲ କଲେଜର ଏନ୍‌ସିସି, ସ୍କାଉଟ, ଗାଇଡ, ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ବ୍ୟାଣ୍ଡ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଅପରାହ୍ନ ସମୟରେ ମିଡିଆ ଏକାଦେଶ ଓ ପ୍ରଶାସନ ଏକାଦଶ ମଧ୍ୟରେ ସ୍ଥାନୀୟ ମିଶନ ପଡ଼ିଆରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମିଡିଆ ଏକାଦେଶ ପ୍ରଶାସନ ଏକାଦେଶକୁ ହରାଇ ବିଜୟୀ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ଯୋଗଦେଇଥିଲେ।

**କଣ୍ଟାବାଞ୍ଜି:** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ କଣ୍ଟାବାଞ୍ଜି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କଣ୍ଟାବାଞ୍ଜି ନୂଆଁପଡ଼ାସ୍ଥିତ କାର୍ଯ୍ୟାଳୟଠାରେ କଣ୍ଟାବାଞ୍ଜି ସ୍ୱେଚ୍ଛାସେବୀ ସଙ୍ଗଠନ ସଭାପତି ଶାନ୍ତନୁ ବିଭାର ଜାତୀୟ ପତାକା ଉତ୍ତୋଳନ



କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ସଦସ୍ୟ ମଣ୍ଟୁ ମାହାନନ୍ଦ, ଚମ୍ପେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

**କଣ୍ଟାବାଞ୍ଜି:** କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସ୍ଥାନୀୟ ରେଳବାଇ ଖେଳ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ



ଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ନଗରପାଳ ବଳିୟାର ସିଂ ସାଲୁଜା, ଉପ ନଗରପାଳ ମନୋରମା ରାଉତ ମଞ୍ଚାସୀନ ଥିଲେ। ପରେ କଣ୍ଟାବାଞ୍ଜି ସହରର ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରେଡ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରାଯାଇଥିଲା। କଣ୍ଟାବାଞ୍ଜି ଅଞ୍ଚଳ ପାଇଁ ସୁନାମ ଅର୍ଜନ କରି ଛାତ୍ରଛାତ୍ରୀ ବ୍ୟକ୍ତି ବିଶେଷଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଅତିଥିମାନେ ସମ୍ମାନିତ କରିଥିଲେ।

**ବଲାଙ୍ଗିର:** ପୁଇଁନ୍ତଲାସ୍ଥିତ ୨୭ ନମ୍ବର ଜାତୀୟ ରାଜପଥ ନିକଟବର୍ତ୍ତୀ ବାଲାଜୀ କଲେଜରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ତଥା ବଲାଙ୍ଗିରର ପୂର୍ବତନ ବିଧାୟକ ନରସିଂହ ମିଶ୍ର ଯୋଗ ଦେଇଥିବା



ବେଳେ ସମ୍ମାନିତ ଅତିଥି ଭାବେ ପ୍ରଫେସର ମଧୁସୂଦନ ପତି ଉପସ୍ଥିତ ଥିଲେ। ଏହା ସହିତ କଲେଜର ପରିଚାଳନା ନିର୍ଦ୍ଦେଶକ କୈଳାସ ଅଗ୍ରୱାଲ, ନିର୍ଦ୍ଦେଶିକା ଅଭିଲାଷ ଅଗ୍ରୱାଲ, ବିସ୍ ଅଧ୍ୟକ୍ଷ ସଞ୍ଜୟ ମିଶ୍ର ଏବଂ ନର୍ସିଂ ବିଭାଗର ମୁଖ୍ୟ ଦେବାଶିଷ ପାଣ୍ଡିଆ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନର୍ସିଂ ବିଭାଗର ମୁଖ୍ୟ ଦେବାଶିଷ ପାଣ୍ଡିଆ ସମସ୍ତଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ ଘୋଷଣା କରିଥିଲେ।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ତହସିଲ କାର୍ଯ୍ୟାଳୟରେ ତହସିଲଦାର ନର୍ମଦା ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଧୀକ୍ଷକ ଡା. ଚିତ୍ତରଞ୍ଜନ ମିଶ୍ର, ଦେଓଗାଁ ଥାନାରେ ଡିଏସ୍‌ପି ସମର୍ଥ କେ. ବେହେରା ସ୍ଥାନୀୟ କୃଷି ବିଭାଗରେ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ, ଉଦ୍ୟାନ ବିଭାଗରେ ପ୍ରଜେକ୍ଟ ପୁରୋହିତ, ଜଙ୍ଗଲ ବିଭାଗ ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ଯୁଧିଷ୍ଠିର ଜାଲ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ପଞ୍ଚାୟତରେ ସରପଞ୍ଚମାନେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ୧୨ଟି ପାକ୍ସରେ ସମ୍ପାଦକମାନଙ୍କ ପରିଚାଳନାରେ ସଭାପତିମାନେ ପତାକା ଉତ୍ତୋଳନ କରିଥିଲେ। କୁତୁର୍ଲା ସୁରେନ୍ଦ୍ର ହାଇସ୍କୁଲରେ ସରପଞ୍ଚ ଚେକ ହରପାଲ ଯୋଗଦେଇଥିବାବେଳେ ସାରସମହାଲ ପ୍ରାଥମିକ ବିଦ୍ୟାଳୟରେ ସମାଜସେବୀ ସୁରେଶ ରଣା ଜାତୀୟ ପତାକା ଉତ୍ତୋଳନ କରିଥିଲେ।



**ବଲାଙ୍ଗିର ପୌରପାଳିକା:** ବଲାଙ୍ଗିର ପୌରପରିଷଦ କାର୍ଯ୍ୟାଳୟଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାରମ୍ଭରେ ପୌରାଧକ୍ଷା ଲିକା ସାହୁ ଓ ପୌରନିର୍ବାହୀଅଧିକାରୀ ସନ୍ତୋଷ ବେହେରାଙ୍କ ସହ କାଉନସିଲର ଓ କର୍ମଚାରୀଗଣ ରାଜେନ୍ଦ୍ରପାର୍କସ୍ଥିତ ପୂର୍ବତନ ମୁଖ୍ୟମନ୍ତ୍ରୀ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପୌରକାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ଲିକା ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକାଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ପୌରାଧକ୍ଷାଙ୍କ ସହିତ ପୌରନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, କାଉନସିଲରଗଣ ଓ ସମସ୍ତ କର୍ମଚାରୀଗଣ ଉପସ୍ଥିତ ରହିଥିଲେ। ଏହି ଅବସରରେ ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଓ ଜିଲ୍ଲା ହସପିଟାଲରେ ରୋଗୀଙ୍କୁ ଫଳବଣ୍ଟନ କରାଯାଇଥିଲା।



**ଖପ୍ରାଖୋଲ:** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଖପ୍ରାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ ପତାକା ଉତ୍ତୋଳନ କରିଥିବା ବେଳେ ତହସିଲ କାର୍ଯ୍ୟାଳୟ ଠାରେ ତହସିଲଦାର ପତାକା ଉତ୍ତୋଳନ କରିଥିଲେ। ସେହିପରି ଖପ୍ରାଖୋଲ ଥାନାରେ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ହରିଶଙ୍କର ବନାଞ୍ଚଳ




କାର୍ଯ୍ୟାଳୟ ଠାରେ ଅରବିନ୍ଦ ନାଏକ ପତାକା ଉତ୍ତୋଳନ କରିଥିଲେ। ଏହା ସହିତ ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟ ରେ ଏବିଏଇଓ ରୁଦ୍ରପ୍ରତାପ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସେହି ପରି ଖପ୍ରାଖୋଲର ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ଓ ସମସ୍ତ ଶିକ୍ଷାନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

**ଲୋଇସିଂହା:** ଲୋଇସିଂହା ଷ୍ଟାଡିୟମଠାରେ ଜନ କଲ୍ୟାଣ ଯୁବ ସାମ୍ମୁଖ୍ୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ ପାଣି ଉଚ୍ଛୁ ଯୋଗଦେଇ ଜାତୀୟ ପାତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍କୁଲ, କଲେଜର ଛାତ୍ରଛାତ୍ରୀ ପରେଡ୍‌ରେ ଭାଗ ନେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିବା ବେଳେ ଆଇନଜୀବୀ ଦିଲ୍ଲୀପ କୁମାର ବେହେରା, ଶିବ କୁମାର ଅଗ୍ରୱାଲ, ନଜୁ ଖାନ, ରଞ୍ଜନ ବେହେରା, ଭାଗବତିଆ ଭୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ମୁରିବାହାଲ:** ମୁରିବାହାଲ ବ୍ଲକ ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମବେତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି କର୍ଯ୍ୟକର୍ମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଠୀ, ଯୁକ୍ତ ଦୁଇ ଅଧ୍ୟକ୍ଷ ରମେଶ ମହାନନ୍ଦ, ଡିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ ନାୟକ, ଓଏଭି ଅଧ୍ୟକ୍ଷ ତ୍ରିବିକ୍ରମ ସାହୁ, ହାଇସ୍କୁଲ ଭାରପ୍ରାପ୍ତ ଶିକ୍ଷୟିତ୍ରୀ ରଶ୍ମୀଲତା ପାତ୍ର, ମୁରିବାହାଲ ନୂତନ



ଥାନା ଅଧିକାରୀ ସନାତନ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ ପଢ଼ିଆରି, ବ୍ଲକ ଅର୍ଥ ଅଧିକାରୀ ଘେନୁରମ ତାଣ୍ଡି, ଜିପିଡିଓ ପ୍ରସନ୍ନ ନାଗ, ସିଡିପିଓ ପୂର୍ଣ୍ଣିମା ବୈଠାରୁ, ସାମ୍ବାଦିକ ସଙ୍ଘର ଉପସଭାପତି କେଦାର ବଡ଼ଜେନା, ପ୍ରଫୁଲ୍ଲ ବଘାର୍, ଅବିନାଶ ଭୋଇ, ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ବିଏସ୍‌ଏସ୍‌ଓ ରୀଙ୍କୁ ମେହେର, ରାଜକିଶୋର ସିଂ ବାବୁ, ବିପିଏମ ଡକ୍ଟର ଗୋପାଳ କୃଷ୍ଣ ଦୀପ, ବିଆରସି ଶ୍ରୀକାନ୍ତ ଜେନା ଏବଂ ଆଇନଜୀବୀ ସୁଦାମ ଚରଣ ବଘାର୍ ଉପସ୍ଥିତ ଥିଲେ। ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଅଂଶଗ୍ରହଣ କରିଥିବା ଡିଗ୍ରୀ କଲେଜ ଛାତ୍ର ପ୍ରୀତମ୍ ବଘାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବିଭିନ୍ନ ସ୍କୁଲରୁ ଛାତ୍ର ଛାତ୍ରୀମାନେ ଯୋଗଦେଇ ସୁନ୍ଦର ପ୍ୟାରେଡ୍ କରିଥଲେ। ଶେଷରେ ଡ. ଗୋପାଳ ଦୀପ ଓ ସୁଦାମ ଚରଣ ବଘାର ସମସ୍ତ ଅତିଥିଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ପାଟଣାଗଡ଼:** ସ୍ଥାନୀୟ ରମାଇ ହାଇସ୍କୁଲ ଖେଳ ପଡ଼ିଆଠାରେ ପାଟଣାଗଡ଼ ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉପଜିଲ୍ଲାପାଳ ସୁନୀଲ ମେହେର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ମେହେର ପାଟଣାଗଡ଼ ସହରର ବିଭିନ୍ନ ସ୍କୁଲ ଗୁଡିକରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ଉଦବୋଧନ



ଦେଇଥିଲେ। ଏହି ଅବସରରେ ଏସଡିପିଓ ସଦାନନ୍ଦ ପୂଜାରୀ, ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା, ବିଡିଓ ସୁମନ ମିଞ୍ଜ, ତହସିଲଦାର ରୁଦ୍ର ମୋହନ ନାୟକଙ୍କ ସହ ଅନେକ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହ ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟଠାରେ ପୂର୍ବତନ ବିଧାୟକ ସରୋଜ ମେହେର ପତାକା ଉତ୍ତୋଳନ କରିଥିଲେ। ପାଟଣାଗଡ଼ କୋର୍ଟ ପରିସରରେ କ୍ରିମିନାଲ କୋର୍ଟସ ବାର୍ ଆସୋସିଏସନ ପକ୍ଷରୁ ଉପସଭାପତି ସୁବାସ ଚନ୍ଦ୍ର ଆଚାର୍ଯ୍ୟ ପତାକା ଉତ୍ତୋଳନ କରିଥିଲେ। ପାଟଣାଗଡ଼ ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ବିଭିନ୍ନ ଅନୁଷ୍ଠାନ, କ୍ଲବ ଆଦି ଗୁଡିକରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

**ବେଲପଡ଼ା:** ବେଲପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବେଲାପଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବେଲପଡ଼ା ଅଗ୍ନିଶମ ଅଧିକାରୀ ତୋଲାମଣି ସୁନା, ହବିଲାଦର୍ ନାରାୟଣ ବିଶ୍ୱାଳଙ୍କ ସହ ଅନ୍ୟମାନେ ସାମିଲ୍ ହୋଇଥିଲେ। ସେହିପରି ବେଲପଡ଼ା ଭାରତୀୟ ଜନତା ପାର୍ଟି ତରଫରୁ ମଣ୍ଡଳ ଗାଁରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ତାରିଣୀ ମନ୍ଦିର ନିକଟରୁ ସହର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ତିରୁ ବର୍ଗେ, କୁନୁ ମୁଣ୍ଡା, ପ୍ରଶାନ୍ତ ଦାସ, ଅମିତାଭ ଠାକୁର, ସଞ୍ଜୟ ଠାକୁର, ବେଣୁଧର ପଶାୟତ, ରଞ୍ଜନ ବଗର୍ତ୍ତି, ମିତ୍ରଭାନୁ ଗୁରୁ, ବିକ୍ରମ ଦେବ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

**ସଇଁନ୍ତଳା:** ବଲାଙ୍ଗିର ଜିଲ୍ଲା ସଇଁନ୍ତଳା ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଜାମପଦର ଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁହାସିନୀ ଗୁରୁଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।



ବିଦ୍ୟାଳୟ କମିଟି ସଭାପତି କାଁହୁ ଚରଣ ଭାଟି, ସମସ୍ତ ୱାର୍ଡ ମେମ୍ବର, କମିଟି ସଭ୍ୟ ସଭ୍ୟାଙ୍କ ସହ ଶିକ୍ଷକ ସନ୍ତୋଷ ଗୁପ୍ତା, ଶିକ୍ଷୟିତ୍ରୀ ଶଙ୍କିତା ପାଣ୍ଡ ଓ ହରପ୍ରିୟା ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ଟିଟିଲାଗଡ଼:** ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ




ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରଅଧ୍ୟକ୍ଷା ମମତାଦେବୀ ଜୈନ, ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ଦୀପ ଚାନ୍ଦ୍ରକାର ପ୍ରମୁଖ ଯୋଗଦେଇଥିଲେ।

**ମାରୱାଡି ସେବା ସଦନ:** ସ୍ଥାନୀୟ ମାରୱାଡ଼ି ସେବା ସଦନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଠାରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଶ୍ରୀ ମିଶ୍ର କହିଥିଲେ ଯେ ସମ୍ବିଧାନ ପ୍ରଣେତାମାନେ ସମ୍ବିଧାନରେ ସମସ୍ତଙ୍କ ପାଇଁ ସମାନ ଅଧିକାର ରଖିଛନ୍ତି କିନ୍ତୁ ବର୍ତ୍ତମାନ ଦେଶ ଅର୍ଥନୀତି ଏପରି ଢଙ୍ଗରେ ଚାଲିଛି ଯେ ଧନୀକ ଶ୍ରେଣୀ



ଧନୀ ହେବାରେ ଲାଗିଛନ୍ତି ଓ ଗରିବ ଗରିବି ଆଡକୁ ଗତି କରୁଛି। ତେଣୁ ଆଜିର ଦିନରେ ସରକାର ଧନୀ ଗରିବ ଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ କମ୍ କରିବା ଲକ୍ଷ୍ୟ କୁ ନେଇ କାମ କରିବା ଉଚିତ। ମାରୱାଡି ସେବା ସଦନ ଠାରେ ମାରୱାଡି ସମାଜର ବରିଷ୍ଠ ନାଗରିକ, ଯୁବା ମଞ୍ଚର କର୍ମକର୍ତ୍ତା ଓ ନାରୀ ସମୃଦ୍ଧି ଶାଖାର ମହିଳାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରକୃତିର ସାର୍ଥକ ରୂପକାର କବି ଗଙ୍ଗାଧର

ବଲାଙ୍ଗିର, ୧୬।୮ (ସମିସ): ସରକାରୀ ମହିଳା ମହାବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ଜୟନ୍ତୀ ସମାରୋହରେ ଅଧ୍ୟକ୍ଷ ଡଃ ଅରବିନ୍ଦ କୁମାର ଓଝା ସଭାପତିତ୍ୱ କରିଥିବା ବେଳେ ଡଃ ସଦାଶିବ ମଲ୍ଲିକ, ନିରଞ୍ଜନ ସେଠ, ରତିକାନ୍ତ ନାଏକ, ଡଃ ସିଦ୍ଧେଶ୍ୱର ପଧାନ, ଡଃ ସରୋଜ କୁମାର ଜଗଦଲା ପ୍ରମୁଖ ମଞ୍ଚାସୀନ ଥିଲେ। ଗଙ୍ଗାଧର ଆମ ମାଟିର ଜଣେ ଅନନ୍ୟ ସାରସ୍ୱତ ସାଧକ। ତାଙ୍କ ଲେଖନୀରେ ଭାରତୀୟ ସଂସ୍କୃତିକ ବିଭବ ସବୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ତାଙ୍କ ରଚନା ସମୂହରେ ନାରୀ ଚରିତ୍ରର ମହନୀୟତା ସମୁଜ୍ଜ୍ୱଳ, ପ୍ରକୃତିର ସାର୍ଥକ ରୂପକାର କବି ଗଙ୍ଗାଧର ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଗୁରୁଶ୍ରୀ ନିରଞ୍ଜନ ବେହେରା, ପ୍ରଭଞ୍ଜନ ମିଶ୍ର ତଥା ଅଧ୍ୟୟନରତ ଛାତ୍ରୀ ସ୍ୱାଗତ ସଙ୍ଗୀତ 'ବିଶ୍ୱ ଦେଖ ମଧୁମୟ' ଗାନ କରିଥିଲେ। ଏହି ସାରସ୍ୱତ ଆଲୋଚନାଟିକୁ ରତିକାନ୍ତ ନାଏକ ସଞ୍ଚାଳନ କରିଥିବାବେଳେ ଶେଷରେ ଅଧ୍ୟାପକ ବିପ୍ଳବ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ୍ମାଷ୍ଟମୀରେ ଦହି ହାଣ୍ଡି ଓ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା



କଣ୍ଟାବାଞ୍ଜି, ୧୬।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ମାରୱାଡ଼ି ଯୁବ ମଞ୍ଚ ଏବଂ ପ୍ରଗତି ଶାଖା ନେତୃତ୍ୱରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ଦହି ହାଣ୍ଡି ଏବଂ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ସ୍ଥାନୀୟ ହରିଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଯୁବା ମଞ୍ଚର ସଦସ୍ୟ ଆଶିଷ ଅଗ୍ରୱାଲଙ୍କ ତତ୍ତ୍ୱାଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୪୦ରୁ ପିଲା ଯୋଗ ଦେଇଥିଲେ। ଅତିଥି ଭାବେ ଅଗ୍ରୱାଲା ସଭା ଟ୍ରଷ୍ଟ ସଭାପତି କୈଳାସ ଅଗ୍ରୱାଲ, ସମ୍ପାଦକ ସନ୍ତୋଷ ଅଗ୍ରୱାଲ, ପୂର୍ବ ସଭାପତି ତଥା ମଞ୍ଚ ସଂସ୍ଥାପକ ସଦସ୍ୟ କୈଳାସ ଚନ୍ଦ୍ର ଅଗ୍ରୱାଲ, ସାମ୍ବାଦିକ ମୋହନ ସୋନି ନୈନା ଅଗ୍ରୱାଲ, ଅର୍ଚ୍ଚନା ଝା, ପୁନମ ଶର୍ମା ଉପସ୍ଥିତ ଥିଲେ। ଉଭୟ ଶାଖା ଅଧ୍ୟକ୍ଷ ଅଧ୍ୟକ୍ଷା ସମ୍ପାଦକ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ମଞ୍ଚ ସଦସ୍ୟ ସାହିଲ ଅଗ୍ରୱାଲ, ଗୋପାଳ ଅଗ୍ରୱାଲ, ତନିଶ ଅଗ୍ରୱାଲ, ଅଙ୍କୁଶ ଅଗ୍ରୱାଲ, ରୋହିତ ଲାଠ, ମୋହିତ ଅଗ୍ରୱାଲ ବିଶେଷ ସହଯୋଗ କରିଥିଲେ।

## ସ୍ୱାଧୀନତା ଦିବସରେ ଚାରାରୋପଣ

ବଙ୍ଗୋମୁଣ୍ଡା, ୧୬।୮ (ସମିସ): ୭୯ତମ ସ୍ୱାଧୀନତା ଦିବସ ଅବସରରେ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ବଙ୍ଗୋମୁଣ୍ଡାର ଯୁବ ରେଡକ୍ରସ ବିଭାଗର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ଯ୍ୟକ୍ରମରେ ବିଭିନ୍ନ କିସମର ଅନେକ ବୃକ୍ଷ ରୋପଣ କରାଯାଇଥିଲା। ଅଧ୍ୟାପକ



ଗରୁଡଧ୍ୱଜ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ନରୋତ୍ତମ ପଣ୍ଡା, ଅକ୍ଷୟ କୁମାର ପ୍ରଧାନ, ଲକ୍ଷ୍ମଣ କୁମାର ବାରିକ, ମହମ୍ମଦ ସଲମାନ୍ ଖାନ୍, ସାଗର ରଞ୍ଜନ ରଥ, ଖଗେଶ୍ୱର ବେହେରା, ସୁମନ୍ତ ବାଗ, ଯୁଗଳ କିଶୋର ବେହେରା, ହେମନ୍ତ କୁମାର ପ୍ରଧାନ, ଅଧ୍ୟାପିକା ବବିତା ଦାସ, ରେଶ୍ମା ନାଗ, ସୁନୀତା ଦାସ, ଏ. ବାରିକ, ଉମେଶ ତରିଆ, ସୁଧାଂଶୁ ଶେଖର ପଟେଲ, ପବନ ସାହୁ, ରିଖିରାମ ପୁଟେଲ ପ୍ରମୁଖ ସଯୋଗ କରିଥିଲେ। ରେଡକ୍ରସ ବିଭାଗର ସଂଯୋଜକ ଅଧ୍ୟାପକ ରଶ୍ମିରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଲଟିଲା ଚାଉଳ ବୋଝେଇ ଟ୍ରକ୍



ବେଲପଡ଼ା, ୧୬।୮ (ସମିସ): ପାଟଣାଗଡ଼-ବେଲପଡ଼ା ରାସ୍ତାର ମାଲିଝର ବନଦୁର୍ଗା ମନ୍ଦିର ପାଖରେ ଏକ ଚାଉଳ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡ଼ିଛି। ଏଥିରେ ଡ୍ରାଇଭର ଗୁରୁତର ଭାବେ ଆହତ ହୋଇ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଅନୁସାରେ ବିଲାସପୁର ଅଳକତାର ଗାଁରୁ ଏକ ୧୬ ଚକିଆ ଟ୍ରକ୍‌ରେ ୭ଶହ ପ୍ୟାକେଟ ଚାଉଳ ବିଶାଖାପାଟଣା ଯାଉଥିଲା। ତେବେ କୌଣସି କାରଣ ଯୋଗୁଁ ଭାରସାମ୍ୟ ହରାଇ ଧାନ ଦୁଳିରେ ଓଲଟିପଡ଼ିଥିଲା। ଏଥିରେ କାହାରି କିଛି କ୍ଷତି ଘଟି ନ ଥିବବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଡ୍ରାଇଭରକୁ ମେଡିକାଲ ନେଇଥିଲେ। ବେଲପଡ଼ା ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ନାବାଳକଙ୍କ ମୃତ୍ୟୁ ନେଇ ଡାକ୍ତରଖାନାରେ ଉତ୍ତେଜନା

ଟିଟିଲାଗଡ଼, ୧୬।୮ (ସମିସ): ଚିକିତ୍ସା ଅବହେଳାରୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଟିଟିଲାଗଡ଼ ମାତୃ ଓ ଶିଶୁ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଆଜି ନାବାଳକଙ୍କ ମୃତ୍ୟୁ ଘଟିବା ପରେ ଚିକିତ୍ସା ଅବହେଳାରୁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ କରିଥିଲେ। ଏଥିସହ ଉତ୍ତେଜନା ପ୍ରକାଶ ପାଇବାରୁ ଡାକ୍ତରଖାନାରେ ବ୍ୟାପକ ପୁଲିସ ମୃତୟନ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ମୁରିବାହାଲ ବ୍ଲକ ମାଲିଶିରା ଗ୍ରାମପଞ୍ଚାୟତ ଚିକିନିବାହାଲି ଗ୍ରାମର ହଳଧର ବସ୍ତିଆଙ୍କ ଦ୍ୱିତୀୟ ଶ୍ରେଣୀରେ ଅଧ୍ୟୟନରତ ଏକ ମାତ୍ର ପୁତ୍ରକୁ ଗତକାଲି ରାତ୍ରିରେ ଜ୍ୱର ହେଉଥିବାରୁ ରାତ୍ର ପ୍ରାୟ ୩ଟାରେ ଟିଟିଲାଗଡ଼ ମାତୃ ଓ ଶିଶୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସାଲାଇନ୍ ଓ ଇଞ୍ଜେକସନ ଦିଆଯାଇଥିଲା। ହେଲେ ଆଜି ସକାଳ ପ୍ରାୟ ୯ଟା ପର୍ଯ୍ୟନ୍ତ କେହି ମଧ ଡାକ୍ତର ନାବାଳକଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ ନଆସିବାରୁ ଶେଷରେ ପରିବାର ଲୋକେ ନାବାଳକକୁ ନେଇ ଡାକ୍ତରଖାନାରେ କାର୍ଯ୍ୟରତ ଶିଶୁ ରୋଗ ବିଶେଷଜ୍ଞ ଡା. ବିଜୁ



ଅଗ୍ରୱାଲଙ୍କ ଘରୋଇ କ୍ଲିନିକ୍‌ରେ ୨୫୦ ଟଙ୍କା ଫି' ଦେଇ ଦେଖାଇଥିଲେ। ଡାକ୍ତର ଅଗ୍ରୱାଲ ଔଷଧ ଚିଠା ଦେଇ ଡାକ୍ତରଖାନାରେ ଭର୍ତ୍ତି ହେବାକୁ କହିବା ସହ ରକ୍ତ ଦେବାକୁ କହିଥିଲେ। ପରିବାର ଲୋକେ ପ୍ରାୟ ୬ କିଲୋମିଟର ଦୂର ଯାଇ ରକ୍ତ ସଂଗ୍ରହ କରି ଆଣିଥିଲେ। ହେଲେ ତାଙ୍କର ଆବଶ୍ୟକ ଗ୍ରୁପ୍ ରକ୍ତ ନଥିବାରୁ ଡାକ୍ତରଖାନାରେ ତାହାକୁ ବଦଳାଇ ଆବଶ୍ୟକ ରକ୍ତ ଶିଶୁକୁ ଦେବାକୁ କହିଥିଲେ। ହେଲେ ବ୍ଲଡ଼ ବ୍ୟାଙ୍କରେ ରକ୍ତ ଆଦୌ ନାହିଁ, ଦୁଇ ଘଣ୍ଟା ପରେ ରକ୍ତ ନେବ ବୋଲି କହିଥିଲେ। ପରେ ନାବାଳକର ସ୍ୱାସ୍ଥ୍ୟବସ୍ଥା ବିଗୁଡ଼ିଥିବା ନେଇ ପରିବାର ଲୋକେ ନେହୁରା ପରେ ରକ୍ତ ଭଣ୍ଡାର ଅଧିକାରୀ ଅପରାହ୍ନ ପ୍ରାୟ ୧ଟାରେ ରକ୍ତ ପ୍ୟାକେଟ ଦେଇଥିଲେ। ତେବେ ରକ୍ତ ଶିଶୁକୁ ଦେବା ପୂର୍ବରୁ ଅପରାହ୍ନ ପ୍ରାୟ ୨ଟାରେ ଶିଶୁର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇବା ସହ ପୁଲିସ ମୁତୟନ ହୋଇଥିବା ଜଣାପଡ଼ିଛି।

## ମିଳୁନି ପ୍ରାପ୍ୟ
## ଧାରଣାରେ ବସିଲେ ଏନ୍‌ଏସିର ଅବସରପ୍ରାପ୍ତ କର୍ମଚାରୀ

ପାଟଣାଗଡ଼, ୧୬।୮ (ସମିସ)

ସାରା ଦେଶରେ ସ୍ୱାଧୀନତା ଦିବସ ପାଳନ କରାଯାଉଥିବାବେଳେ ନିଜର ହକ୍ ପାଇଁ ଧାରଣାରେ ବସିଥିଲେ ପାଟଣାଗଡ଼ ଏନ୍‌ଏସିର ଅବସରପ୍ରାପ୍ତ କର୍ମଚାରୀ। ସେମାନଙ୍କୁ ବକେୟା ଟଙ୍କା ମିଳୁନଥିବା ଅଭିଯୋଗ ଆଣି ଏହି ଧାରଣା ଦେଇଥିଲେ। ତାଙ୍କ ଦାବି ନେଇ ପୂର୍ବରୁ ଅନେକଥର ବିଭାଗୀୟ ଅଧିକାରୀ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ହେଁ କେହି କର୍ଣ୍ଣପାତ କରୁନଥିବା ଯୋଗୁଁ ଶେଷରେ ନିଜ ହକ, ଅଧିକାର ପାଇଁ ଗଣଧାରଣା ଦେଉଥିବା ଧାରଣାରତ କର୍ମଚାରୀମାନେ କହିଛନ୍ତି। ଧାରଣାରତ ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଯୋଗନୁସାରେ ପାଟଣାଗଡ଼ ଏନଏସି କାର୍ଯ୍ୟାଳୟରେ ପଣ୍ୟକର ଆଦାୟକାରୀ,



ଲାଇଟ ମୁହୁରିୟର, ଗୋଷ୍ଠୀ ସଂଗଠିକା, ସ୍ୱିପର, ସ୍ୱିପ୍ରେସ ଓ ଡ୍ରାଇଭର ଭାବେ ସେମାନେ କାର୍ଯ୍ୟ କରୁଥିଲେ। ସେଥିମଧ୍ୟରୁ ତିନିଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଅବଶିଷ୍ଟ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ଅବସର ପରେ ତାଙ୍କୁ ମିଳିବାକୁ ଥିବା ଗ୍ରାଚ୍ୟୁଇଟି, ପେନସନ, ଏରିୟର, ଲିଭ୍ ଆଲାଉନ୍ସ ଆଦି ବକେୟା ଟଙ୍କା ମିଳିବା କଥା। କିନ୍ତୁ ଅବସର ପରେ ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ତାଙ୍କୁ ତାଙ୍କ ପ୍ରାପ୍ୟ ମିଳିନାହିଁ। ସେମାନେ ବାରମ୍ବାର ବିଭାଗୀୟ ଅଧିକାରୀ ପ୍ରିୟବ୍ରତ ମଲ୍ଲିକଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ବରଂ କାମ ପାଇଁ ଟଙ୍କା ଦାବି କରୁଥିବା ଅଭିଯୋଗ ଆଣିଛନ୍ତି ଧାରଣାରତ କର୍ମଚାରୀ। ଏ ନେଇ ଜିଲ୍ଲାପାଳ ବଲାଙ୍ଗିରଙ୍କୁ ମଧ୍ୟ ଅନେକ ଥର ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ କୌଣସି ପଦକ୍ଷେପ ନ ନେବାରୁ ଶେଷରେ ବାଧ୍ୟ ହୋଇ ଧାରଣା ଦେଇଛନ୍ତି ବୋଲି କହିଛନ୍ତି। ତାଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଜାରି ରହିବ ବୋଲି ଧାରଣାରତ କର୍ମଚାରୀମାନେ ସୂଚନା ଦେଇଛନ୍ତି। ଖବରଲେଖାଯିବା ପର୍ଯ୍ୟନ୍ତ ଧାରଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଆସିନଥିବା ଜଣାପଡ଼ିଛି। ତେବେ ସାରାଦେଶ ଗୋଟିଏ ପଟେ ସ୍ୱାଧୀନତା ଦିବସ ପାଳନ କରୁଥିବାବେଳେ ଅନ୍ୟପଟେ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଧାରଣାରେ ବିଭୂତି ଭୂଷଣ ଦେହୁରୀ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ସୁପାଳ ମେହେର, ଚିତ୍ରସେନ ସରାପ, ଟିକେଶ୍ୱର ପସାୟତ, ପୂର୍ଣ୍ଣଚନ୍ଦ୍ର ବାରିକ, ଖଦା କୁମ୍ଭାର, ବୈକୁଣ୍ଠ ଷଣ୍ଢ, ସୂର୍ଯ୍ୟ ଦୀପ, ପାୟଲ ନାଗ, ସରୋଜିନୀ ବେହେରା, ଚିତ୍ରୋତ୍ପଳା ମେହେର, କନକ ସେଠ, କୌଶଲ୍ୟା ମେହେର ପ୍ରମୁଖ ବସିଥିଲେ।

# କଳାହାଣ୍ଡି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ









ଭବାନୀପାଟଣା,୧୬।୮ (ସମିସ): କଳାହାଣ୍ଡି ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ସାକଳେ ରାମ ଧୂନ୍, ପ୍ରଭାତ ଫେରି, ସହର ସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମିଳିତ ପ୍ୟାରେଡ ପରିଦର୍ଶନ, ପ୍ୟାରେଡର ଅଭିବାଦନ ଗ୍ରହଣ କରି ସମବେତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ କଳାହାଣ୍ଡି ଜିଲ୍ଲାର ଭୂମିକା ତଥା ସଂଗ୍ରାମୀ ବୀର ରେଣ୍ଡୋ ମାଝିଙ୍କ ବ୍ରିଟିଶ୍ ସରକାର ବିରୋଧରେ ଲଢ଼େଇ ବିଷୟରେ କହିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଅତିରିକ୍ତ ଜିଲ୍ଲାପାଳ ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ.ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ରୂପସୀଙ୍ଗ ରାଉତ, ନୃସିଂହ ଚରଣ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ କହଁର, ବିବେକାନନ୍ଦ ମହାନନ୍ଦ, ହଳଧର ନିଆଲ, ରମେଶ ଚନ୍ଦ୍ର ପାଢ଼ୀ, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ, ଆର୍ତ୍ତତ୍ରାଣ ମହାପାତ୍ର, ଜୟଶଙ୍କର ନାୟକ, ଭବାନୀ ଶଙ୍କର ନିଆଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ମିଳିତ ପ୍ୟାରେଡରେ ପୁଲିସ ବାହିନୀ, ହୋମ ଗାର୍ଡଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟରୁ ୪୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ବିଜେତା ଦଳକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସିଲ୍ଡ, ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ। ଏଥିରେ ହେମନ୍ତ ମୁଣ୍ଡ, ରବି ପ୍ରସାଦ କାନୁନଗୋ, ଶୁଭେନ୍ଦୁ ବେହେରା ସହଯୋଗ କରିଥିଲେ। ପ୍ୟାରେଡ ପ୍ରତିଯୋଗିତାର ଜଜ ଭାବେ ଡଃ ଅଜୟ ମିଶ୍ର, ଅବସର ପ୍ରାପ୍ତ ପ୍ରିନ୍ସିପାଲ, ପ୍ରେମାନନ୍ଦ ବାଗ, ଅବସରରେ ପ୍ରାପ୍ତ ବରିଷ୍ଠ ଜେଲ ସୁପରିଣ୍ଟେଣ୍ଡେଣ୍ଟ, କ୍ଷୀରେସ୍ୱର ସାହୁ, ଡିଏସ୍ପି କାର୍ଯ୍ୟ ତୁଲାଇଥିଲେ।

ପ୍ୟାରେଡ ପରେ ମୁଖ୍ୟ ଅତିଥି ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନରେ ଅଣ ଗେଜେଟ୍ କର୍ମଚାରୀ ସଂଘ ଓ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର କମିଟି ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି କେସିଙ୍ଗା ଗସ୍ତ କରି ସେଠାରେ ସରକାରୀ ଉଚ୍ଚବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଜିଲ୍ଲା ଶିକ୍ଷା ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପରିସରରେ ମୁଖ୍ୟ ଅତିଥିଙ୍କ, ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ସନ୍ଧ୍ୟାରେ ଟାଉନ ହଲରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଭବାନୀପାଟଣା:** ଭବାନୀପାଟଣା ନିକଟସ୍ଥ କନ୍ଦ ବନ୍ଦୋପଲଓ ସ୍ଥିତ ନବନିର୍ମିତ ଜିଲ୍ଲା ଆଦିବାସୀ ଭବନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି ତଥା ସମାଜସେବୀ ପ୍ରଦୀପ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତଳନ କରିଥିଲେ। ଜିଲ୍ଲା ଆଦିବାସୀ ସଂଘ ଭବାନୀପାଟଣା ନଗର ସଭାପତି ଧବଳେଶ୍ୱର ମାଝୀଙ୍କ ନେତୃତ୍ୱରେ ଏବଂ ଯୁବ ଆଦିବାସୀ ନେତା କେଶବ ମାଝୀଙ୍କ ସହଯୋଗରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସମସ୍ତେ ସହୀଦ ରେଣ୍ଡୋ ମାଝୀ ଏବଂ କଳାହାଣ୍ଡିର ଜଳପୁରୁଷ କାର୍ଜି ମାଝୀଙ୍କ କଥାକୁ ସ୍ମରଣ କରିଥିଲେ।

**ଭବାନୀପାଟଣା:** ଭବାନୀପାଟଣାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପ୍ରିନ୍ସିପାଲ୍ ଭୀମସେନ୍ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ ଏବଂ ଭାଷଣ ଉପସ୍ଥାପନା କରାଯାଇଥିଲା। ମିଠା ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିନେଶ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ୍ ଅଧୀନ ବାଦିଲିଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ବଙ୍କିମ ମୁଣ୍ଡ ଇଂରାଜୀ ଅଧ୍ୟାପକ ସରକାରୀ ବାଳିକା ମହାବିଦ୍ୟାଳୟ ଧର୍ମଗଡ, ସମ୍ମାନିତ ଅତିଥି ତ୍ରିନାଥ ବିଷୋୟୀ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡିଗ୍ରୀ ମହାବିଦ୍ୟାଳୟ ମ.ରାମପୁର, କିସ୍ ବିଦ୍ୟାଳୟର ଉପକାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ପଧାନ, ଉପପ୍ରଶାସନିକ ଅଧିକାରୀ ସୁଶାନ୍ତ ବିଶ୍ୱାଳ, ପ୍ରଧାନଶିକ୍ଷୟତ୍ରୀ ସୁନୀତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବା ପରେ କିସ୍ ଛାତ୍ରୀ ମାନେ ପ୍ୟାରେଡ କରିଥଲେ। ପରେ କିସ୍ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ପୂର୍ବରୁ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ଉପସ୍ଥିତ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଖୀରସିନ୍ଧୁ ସାହୁ ପରିଚାଳନା କରିଥିଲେ। ଅତିଥିଙ୍କ ଦ୍ୱାରା ଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କିସ୍‌ର ଉପକାର୍ଯ୍ୟନିର୍ବାହୀ ଅଧିକାରୀ ପଧାନ ଧନ୍ୟବାଦ ଅର୍ପଣ କରିଥଲେ।

**ଗୋଲାମୁଣ୍ଡା:** ୭୯ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ବ୍ଲକ୍ ପ୍ରଶାସନ ଓ ବିଜେପିର ମିଳିତ ଉଦ୍ୟମରେ ଗୋଲାମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟରୁ କେଗାଁ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୋଲାମୁଣ୍ଡା ବିଡିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ ନାୟକ, ଗୋଲାମୁଣ୍ଡା ଥାନାଧିକାରୀ ଜ୍ୟୋତିପ୍ରକାଶ ତାଣ୍ଡି, କେଗାଁ ଥାନା ଅଧିକାରୀ, ଜୁନାଗଡ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ମନୋଜ ମେହେର, ବହୁ ସଂଖ୍ୟାରେ ବିଜେପି କର୍ମୀ ଅଂଶଗ୍ରହଣ କରିବା ସଙ୍ଗେ ଅଞ୍ଚଳର ଶତାଧିକ ଜନସାଧାରଣ ଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସମୟରେ ଭାରତମାତା କି ଜୟ ଓ ଦେଶାତ୍ମବୋଧକ ନାରାରେ ପୁରପଲ୍ଲୀ ପ୍ରକମ୍ପିତ ହୋଇଥିଲା।

**ଲାଞ୍ଜିଗଡ:** ଲାଞ୍ଜିଗଡ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏସଏସଡି ସ୍କୁଲ ଖେଳ ପଡିଆରେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା ପତକା ଉତ୍ତୋଳନ କରିଥିବା ବେଳେ ଲାଞ୍ଜିଗଡର ସମସ୍ତ ସ୍କୁଲର ଛାତ୍ରଛାତ୍ରୀ ପ୍ୟାରେଡ ପ୍ରଦର୍ଶନ କରିଥିଲେ। ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଲାଞ୍ଜିଗତ ଏସ୍‌ଏସ୍‌ଡି ସ୍କୁଲର ଅଧ୍ୟକ୍ଷ ପାର୍ଥିବ ତାଣ୍ଡି ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପବନ୍ଧୁ ପୁଷ୍ଟି, ବରିଷ୍ଠ ନାଗରିକ ଉଦୟ, ପ୍ରେସ କ୍ଲବ୍ ସଭାପତି ସୁଶୀଲ ବାଗ, ପ୍ରେସ କ୍ଲବ୍ ପୂର୍ବତନ ସଭାପତି କୈଳାସ ସାହୁ, ପ୍ରେସ କ୍ଲବ୍ ସାଧାରଣ ସମ୍ପାଦକ ଏମ ଚନ୍ଦ୍ର ଶେଖର, ସଦସ୍ୟ ଧର୍ମେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

ପ୍ରେସ କ୍ଲବ୍ ତରଫରୁ ପ୍ରଥମଥର ପ୍ରେସ କ୍ଲବ୍‌ର କାର୍ଯ୍ୟାଳୟରେ କ୍ଲବ୍‌ର ପୂର୍ବତନ ସଭାପତି ତଥା ଉପଦେଷ୍ଟା କୈଳାସ ସାହୁ ପତକା ଉତ୍ତୋଳନ କରିଥିଲେ। ସେହିପରି ବ୍ଲକ୍ କାର୍ଯ୍ୟାଳୟ ଠାରେ ବିଡିଓ ଶଶାଙ୍କ ପାତ୍ର, ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ପରିସରରେ ବ୍ଲକ୍ ଅଧ୍ୟକ୍ଷା କମଳା ପାତ୍ର ପତକା ଉତ୍ତୋଳନ କରିଥିଲେ। କୁଟିଆକନ୍ଧ ଉନ୍ନୟନ ସଂସ୍ଥାରେ ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଓ ବେଦାନ୍ତ ଲିମିଟେଡରେ ବେଦାନ୍ତ ସିଇଓ ପ୍ରଣବ ଭଟାଚାର୍ଯ୍ୟ, ଲାଞ୍ଜିଗତ ଥାନା ପରିସରରେ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳ, ଏସ୍‌ଏସ୍‌ଡି ସ୍କୁଲରେ ଅଧ୍ୟକ୍ଷ ପାର୍ଥିବ ତାଣ୍ଡି, ଦୁର୍ଗମ ତ୍ରିଲୋଚନପୁର ପଞ୍ଚାୟତ ପରିସରରେ ତ୍ରିଲୋଚନପୁର ପଞ୍ଚାୟତ ସରପଞ୍ଚ ସୋନାଲି ମାଝୀ, ଜଗନ୍ନାଥପୁର ପଞ୍ଚାୟତ ପରିସରରେ ଲାଞ୍ଜିଗଡ ଜୋନ ୨ ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଏବଂ ସମିତି ସଭ୍ୟ ପ୍ରଦୀପ ମାଝୀ, ଲାଞ୍ଜିଗଡ଼ ହାଇସ୍କୁଲରେ ପ୍ରଧାନଶିକ୍ଷକ ଜମ୍ବେଶ୍ୱର ମାଝୀ, ନୋଡାଲ ଉପ୍ରା ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରାଧାମାଧବ ରଥ, ଅଗ୍ନିଶମ ବିଭାଗରେ ଫାୟାର ଅଫିସର ସନତ ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ସେହିପରି ଲାଞ୍ଜିଗଡ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ, ବିଭିନ୍ନ ଅଫିସ, ସ୍କୁଲ, କଲେଜରେ ମଧ୍ୟ ସ୍ୱାଧୀନତା ଦିବସ ପାଳନ ହୋଇଥିଲା।

**କେସିଙ୍ଗା:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନଏସିର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସତ୍ତ୍ୱେ ସ୍ୱାଧୀନତା ଦିବସ ପାଳନ ହୋଇ ଯାଇଛି। କେସିଙ୍ଗା ବ୍ଲକ୍‌ରେ ବିଡିଓ ଜନ୍ମେଜୟ ସ୍ୱାଇଁ, ଏନ୍ ଏ ସିରେ ଅଧ୍ୟକ୍ଷ ନୃପରାଜ ଯାଦବ, ପୋଷ୍ଟ ଅଫିସରେ ଝସ କେତନ ତ୍ରିପାଠୀ, ବାଳିକା ଉଚ୍ଚ ବିଦ୍ୟାଳୟରେ ସମୀର ବେହେରା, ଏଲ ଆଇ ସି ଅଫିସରେ ଶାଖା ପରିଚାଳକ, ଷ୍ଟେଟ ବ୍ୟାଙ୍କରେ ଶାଖା ପରିଚାଳକ ଲିଙ୍ଗରାଜ ମହାନନ୍ଦ, ବିଜେପି କାର୍ଯ୍ୟାଳୟରେ, ଇଗଲ ଛକ ଠାରେ ବିଜେଡି ସଭାପତିରମେଶ ଚନ୍ଦ୍ର ପଟ୍ଟନାୟକ, କଂଗ୍ରେସ ପାର୍ଟି ଅଫିସରେ ସଭାପତି ସୁଭାଷ ଜୈନ ପ୍ରମୁଖ ପତାକା ଉତ୍ତୋଳନ କରିଥିବା ବେଳେ ଜେନେରାଲ ଫ୍ଲାଗ ୱେଷ୍ଟିଙ୍ଗ ସ୍ଥାନୀୟ ବିଦ୍ୟାପୀଠ ଖେଳ ପଡିଆ ଠାରେ ନଗରପାଳ ପତାକା ଉତ୍ତୋଳନ କରିଥିଲେ ସେହିପରି କେସିଙ୍ଗା ସାମ୍ବାଦିକ ମହାସଂଘ ପକ୍ଷରୁ ସ୍ଥାନୀୟ ମାଁ କାଳୀ ଫୋଟୋ ଷ୍ଟୁଡିଓ ପାଖରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହାସଂଘ ସଭାପତି ସୁଶାନ୍ତ ମହାପାତ୍ର ପତାକା ଉତ୍ତୋଳନ କରିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭାପତି ଦୟାନିଧି ସୁନାନୀ, ମଧୁ ସିନ୍ଧୁର, ପ୍ରିତେଶ ପଟେଲ, ସଂଗାଁକେଶରୀ ଦେଓ, ମଧୁସୂଦନ ଠାକୁର, ବିବେକ ଦାସ, ତେଜରାଜ୍ ସାହୁ, ମାଧବ ସାହୁ, ଜନକ ପୋଢ଼ ପ୍ରମୁଖ ଉପସ୍ଥିତ ଥିଲେ।

**କଳମପୁର:** କଳମପୁର ଅଞ୍ଚଳର ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ମାନଙ୍କରେ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ସ୍କୁଲ କଲେଜ ସମେତ ବ୍ଲକ୍ ପଞ୍ଚାୟତ ଓ ବିଭିନ୍ନ ସରକାରୀ ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯାଇ ଥିଲା। ରୋଜ ଭ୍ୟାଲି ଇଂରାଜୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦେଶାତ୍ମବୋଧ ସଙ୍ଗୀତ ଗାନ ସହ ବିଭିନ୍ନ କଳାକୌଶଳ ପ୍ରଦର୍ଶିତ କରିଥିଲେ। ସେହିଭଳି ଅଲ ଓଡ଼ିଶା ସିଡୁଲକାଷ୍ଟ ଫେଡେରେସନ ପକ୍ଷରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀ ସମ୍ମୁଖରେ ପତାକା ଉତ୍ତୋଳନ ହୋଇଥିଲା। କଳମପୁର ୟୁଥ ଆଇରନ କ୍ଲବ୍ ପକ୍ଷରୁ ତ୍ରିରଙ୍ଗା ପତାକା ଲଗାଇ ଏକ ବାଇକ୍ ରାଲି ଗାଁ ପରିକ୍ରମା କରିଥିଲା।

**ଭବାନୀପାଟଣା:** ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବ୍ୟୁରୋ ତରଫରୁ ସ୍ୱାଧୀନତା ଦିବସରେ ଏନ୍‌ଏସ୍‌ଏସ୍ ବ୍ୟୁରୋ କାର୍ଯ୍ୟକ୍ରମ ସଂଯୋଜକ ଡ.ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟମାନଙ୍କ ଦ୍ୱାରା ଗତ ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇ ବିଭିନ୍ନ ପର୍ଯ୍ୟାୟକ୍ରମେ କଳାହାଣ୍ଡି ଜିଲ୍ଲା ସଦର ମହକୁମାର ବିଭିନ୍ନ ପ୍ରାନ୍ତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଆସୁଛି। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଜୟନ୍ତ ଡଣ୍ଡସେନା, ଡ.ପ୍ରିୟରଞ୍ଜନ ବେହେରା, ମିସ୍‌ରୋଜ୍ ମେରି ରୋଜ୍‌ମିତା ଏକ୍କା, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଦୀପକ ବେହେରା, ଖିତିଶ ନାୟକ, ଅଭିଷେକ ମହାପାତ୍ର, ଛନ୍ଦା ଚରଣ ବେହେରା, ଲୋକେଶ ପୋଢ଼ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

**ଭବାନୀପାଟଣା:** ୭୯ ତମ ସ୍ୱାଧୀନତା ଦିବସ ପାଳିତ ଅବସରରେ ସ୍ଥାନୀୟ ୪ର୍ଥ ଶ୍ରେଣୀ କର୍ମଚାରୀ ଭବନରେ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କଳାହାଣ୍ଡି ଶାଖା ଓ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପୁରୁଣାପଡା କମିଟିର ମିଳିତ ଆନୁକୂଲ୍ୟରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଲୋକସଭା ସାଂସଦ ମାଳବିକା ଦେବୀ, ଜିଲ୍ଲାପାଳ କଳାହାଣ୍ଡି, ଆରକ୍ଷୀ ଅଧୀକ୍ଷକ କଳାହାଣ୍ଡି ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୯୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଭବାନୀପାଟଣା ବିଧାୟକ ସଦର ସାଗର ଚରଣ ଦାସ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଜୁନାଗଡ ରୋଡ ଶାଖା ଓ ଅନ୍ୟାନ୍ୟ ଶୁଭେଚ୍ଛୁ ତଥା ରକ୍ତଭଣ୍ଡାର ସମସ୍ତ କର୍ମଚାରୀ ଏବଂ ରୂପ କେଶରୀ ଦଳେଇ, ସୁକାନ୍ତ ମହାପାତ୍ର, ଭାବଗ୍ରାହୀ ନାୟକ, ଅଶୋକ ନାଏକ, ବିଶ୍ୱ ନାଥ ବାଗ, ଶୁକଦେବ ମାଝି, ମନୋରଞ୍ଜନ ଛତ୍ରପାଲ, ଡମ୍ବୁରୁଧର ଗୈଡ, ରତ୍ନାକର ଧର୍ଗଡାମାଝୀ, ସୁନିଲ ଶତପଥୀ, ପ୍ରଦୀପ ଠାକୁର, ପ୍ରଶାନ୍ତ ପ୍ରଧାନ, ମନମୋହନ ପ୍ରଧାନ, ସରୋଜ ମହନ୍ତ ସହଯୋଗ କରିଥିଲେ।

## ଟାଙ୍ଗିଆରେ ହାଣି ହତ୍ୟା, ଅଭିଯୁକ୍ତ ଗିରଫ

ଜୁନାଗଡ,୧୬।୮ (ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ ଥାନା ଅଧୀନ ତଳଜାରିଙ୍ଗ ପଞ୍ଚାୟତର ଚେରମହୁଲ ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ତଳଜାରିଙ୍ଗ ଗାଁର ରଥ କନ୍ଦପାନ ଚେରମହୁଲ ଗାଁର ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ଏହି ସମୟରେ କୌଣସି କାରଣକୁ ନେଇଁ ଚେର ମହୁଲ ଗାଁର ରତ୍ନାକର ମାଝି ଟାଙ୍ଗିଆରେ ରଥ କନ୍ଦପାନ ଉପରେ ଆକ୍ରମଣ କରିଥିଲା। ଏଥିରେ କନ୍ଦପାନର ଗଣ୍ଡିରୁ ମୁଣ୍ଡ ଅଲଗା କରି ବିଭତ୍ସ ଭାବେ ହତ୍ୟା କରିଥିଲା। ଜୁନାଗଡ ପୁଲିସକୁ ରଥ କନ୍ଦପାନଙ୍କ ସ୍ତ୍ରୀ ଅଭିଯୋଗ କଲା ପରେ ପୁଲିସ ଘଟନାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିବା ସହ ମୃତଦେହ, ମୁଣ୍ଡ ଓ ଟାଙ୍ଗିଆକୁ ନିକଟସ୍ଥ ଏକ ଖାଲରୁ ଜବତ୍ କରିଥିଲା। ହତ୍ୟାର କାରଣ ସ୍ପଷ୍ଟ ହୋଇପାରି ନଥିବା ପୁଲିସ ସୂଚନା ଦେଇଥିବା ବେଳେ ଅଭିଯୁକ୍ତ ରତ୍ନାକରକୁ ପୁଲିସ ଧରିବାରେ ସଫଳ ହୋଇଛି। ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛି। ଅଭିଯୁକ୍ତକୁ ଜୁନାଗଡ ଥାନାରେ ଅଟକ ରଖି ଅଧିକ ପଚରାଉଚରା ଚାଲିଛି। ଆସନ୍ତାକାଲି ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

## ନୂଆପଡ଼ାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ

ନୂଆପଡା,୧୬।୮ (ସମିସ): ନୂଆପଡ଼ା ମିନି ଷ୍ଟାଡିୟମରେ ଜିଲ୍ଲାସ୍ତାରୀୟ ସ୍ୱାଧୀନତା ଦିବସ ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମୁଖ୍ୟ ଅତିଥି, ଏସପି ଜିଆର ରାଘବେନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସକାଳେ ଗାନ୍ଧୀ ପ୍ରମୋଦ ଉଦ୍ୟାନରେ ଗାନ୍ଧିଜୀ, ଏକତା ଛକରେ



ସ୍ୱର୍ଗୀୟ ମନ୍ତ୍ରୀ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ପତାକା ଉତ୍ତୋଳନ କରି ସାମୂହିକ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ହସ୍ପିଟାଲରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବିଜୁ ପଟ୍ଟନାୟକ ଭିନ୍ନକ୍ଷମ ବିଦ୍ୟାଳୟରେ ଦିବ୍ୟାଙ୍ଗ ଶିଶୁମାନଙ୍କ ଗହଣରେ କାର୍ଯ୍ୟକ୍ରମ ପାଳନ ହୋଇଥିଲା। ପିଲାଙ୍କ ସହ ଜିଲ୍ଲାପାଳ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ନାଚିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

**କୋମନା:** ନୂଆପଡା ଜିଲ୍ଲା କୋମନା ସ୍ଥିତ ଜିତାମିତ୍ର ହାଇସ୍କୁଲ ଖେଳ ପଡିଆରେ ୭୯ ତମ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, କୋମନା ବିଡିଓ ସର୍ବେଶ୍ୱର ଜାଲ, ଗୋଷ୍ଠୀ ଶିକ୍ଷାଧିକାରୀ ଅନିତା ପଣ୍ଡା, ପ୍ରଧାନ ଶିକ୍ଷକ ନବୀନ ମେହେର, ଏବିଡିଓ ଭକ୍ତବନ୍ଧୁ ବୁଡେକ, କୃଷ୍ଣରାଜ, ମହାପାତ୍ର, ସମାଜସେବୀ ଗୁପ୍ତେଶ୍ୱର କୁମ୍ଭାର ମଞ୍ଚାସୀନ ଥିଲେ। ପ୍ୟାରେଡରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଦୀପକ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଆୟୋଜନରେ ଥବିର ବଘେଲ, ମନୋଜ ମଲ୍ଲିକ, ଭୁବନେଶ୍ୱର ନାଏକ, ଈଶ୍ୱର ସାହୁ, ରଞ୍ଜନ ସେନାପତି ସହଯୋଗ କରିଥିଲେ। ସେହିପରି ଟିକ୍ରାପଡା ସ୍ଥିତ ଶ୍ରୀ ଜଗନ୍ନାଥ ନୋଡାଲ ହାଇସ୍କୁଲରେ ୭୯ ତମ ସ୍ୱାଧୀନତା ଦିବସ ଧୁମଧାମରେ ପାଳିତ ହୋଇଥିଲା। କୁରେଶ୍ୱର, ଛତା, ତରବୋଡ, ବୁଦ୍ଧିକୋମନା, ଭେଲା, ଲଖନା ହାଇସ୍କୁଲ ସମେତ ପ୍ରତେକ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ପାଳିତ ହୋଇଥିଲା। ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ସାମ୍ବାଦିକ ନନ୍ଦିଘୋଷ ଖମାରୀ, ଅନୀଲ ପାଣିଗ୍ରାହୀ ଓ ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




CAD-1496

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ

ORERA

Odisha Real Estate Regulatory Authority

ଆପଣ ଜାଣନ୍ତି କି ?

- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।

ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ
ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।

Secretary, Odisha RERA
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007
Email: reraodisha@gmail.com

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
https://rera.odisha.gov.in

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/11/0014/2526

ସୃଜନିକା
ସକାଳ THE SAKALA
www.sakalaepaper.com

# ଆତ୍ମଦାହ



ମହମ୍ମଦ ହିଫ୍‌ଜୁର ରହେମାନ

ବୁଢ଼ା ଲୋକଟି । ବୟସ ପାଖାପାଖି ୭୦ ହେବ । ହାତରେ ବାଡ଼ି ଓ ଖଣ୍ଡିଆ ସାଇକଲ ଧରି ସବୁଦିନ କଲେଜ ସାମ୍ନାରେ ଥିବା ଆମ୍ବଗଛ ମୂଳେ ବସନ୍ତି । ସକାଳୁ ସନ୍ଧ୍ୟା ଯାଏଁ ସେଠି ବସନ୍ତି । ସୂର୍ଯ୍ୟ ନଇଁଲେ ଚୁପଚାପ୍ ପୁଣି ଗାଁ ଘରକୁ ଫେରି ଯାଆନ୍ତି । କି ଖରା, କି ବର୍ଷା, କି ଶୀତ, ୬-୭ ବର୍ଷ ହେଲା ଏହା ତାଙ୍କ ଅଭ୍ୟାସରେ ପରିଣତ ହୋଇଯାଇଛି । ଧୋତି, ପଞ୍ଜାବୀ, ଗାମୁଛା, ସଅଁପ, ତକିଆ ହେଉଛି ତାଙ୍କର ମୋଟ୍ ସଂପତ୍ତି । କିନ୍ତୁ ଗାଁ ଲୋକ ତାଙ୍କର ବହୁତ ସମ୍ମାନ କରନ୍ତି । ସମୟରେ ଆଣି ତାଙ୍କୁ ଖାଇବାକୁ ଦିଅନ୍ତି । କେହି କେହି ତାଙ୍କର କପଡ଼ା ନେଇ ସଫା ମଧ୍ୟ କରି ଦିଅନ୍ତି । ସେ କାହାରିକୁ କିଛି କହନ୍ତି ନାହିଁ । ପାଗଳପ୍ରାୟ, ଚୁପଚାପ୍ ରହନ୍ତି । କେହି କିଛି ପଚାରିଲେ ଉତ୍ତର ବି ଦିଅନ୍ତି ନାହିଁ । କେବଳ ଅନାଇ ଦିଅନ୍ତି । ଲାଗୁଛି ତାଙ୍କ ଆଖିରେ ଭର୍ତ୍ତି ରହିଛି ମାଳ ମାଳ ପ୍ରଶ୍ନ ।

ବିଶ୍ୱମିତ୍ର ସାର୍‌ଙ୍କୁ କିଏ ନ ଚିହ୍ନେ! ମାଳତିପୁର ହାଇସ୍କୁଲର ଖୁବ୍ ଲୋକପ୍ରିୟ ଶିକ୍ଷକ । ତାଙ୍କର ଅନେକ ଶିଷ୍ୟ ସରକାରରେ ବଡ଼ ବଡ଼ ପଦବିରେ ଅଛନ୍ତି । ପିଲାମାନଙ୍କୁ ଏମିତି ସ୍ନେହରେ ପଢ଼ାନ୍ତି ଯେ ପିଲାମାନେ ନିଜ ଘରକୁ ଭୁଲି ଯାଆନ୍ତି । ସେମାନେ ଖାଇବାକୁ ଭୁଲି ପାରନ୍ତି,କିନ୍ତୁ ବିଶ୍ୱମିତ୍ର ସାର୍‌ଙ୍କ କ୍ଲାସ୍‌କୁ ମିସ୍ କରିବେ ନାହିଁ । ଦରକାର ପଡ଼ିଲେ ଘରକୁ ଡାକି ପିଲାଙ୍କୁ ପାଠ ପଢ଼ାନ୍ତି । ଏଥିପାଇଁ ଟଙ୍କାଟିଏ ବି ନିଅନ୍ତି ନାହିଁ ।

ତାଙ୍କର ବି ସୁଖୀ ସଂସାର । ପତ୍ନୀ ବିଜୟଲକ୍ଷ୍ମୀ ମଧ୍ୟ ପର୍‌ଫେକ୍ଟ ଗୃହିଣୀ । ସ୍କୁଲ ପିଲା ଆସିଲେ, ସେମାନଙ୍କୁ ମା'ଙ୍କ ପରି ସ୍ନେହ କରି ଘରେ ବସାନ୍ତି । ନିଜ ପିଲାଙ୍କ ଭଳି ଘରେ ଖାଇବାକୁ ଦିଅନ୍ତି । ବିଶ୍ୱମିତ୍ର ସାର୍‌ଙ୍କର ଦୁଇଟି ଝିଅ । ବଡ଼ ଝିଅ ମନୋରମା ବିପି କଲେଜରେ ବି.ଏସ୍‌ସି. କରୁଛି । ନା ଯେମିତି ଦେଖିବାକୁ ବି ଭାରି ସୁନ୍ଦର । ପାଠପଢ଼ାରେ ବି ସ୍ମାର୍ଟ । ସାନ ଝିଅ ଶେଫାଳି ନବମ କ୍ଲାସ୍‌ରେ ପଢୁଛି ।

ମନୋରମା ସବୁଦିନ ଠିକ୍ ୧୦ଟାରେ ସାଇକଲ୍ ଧରି କଲେଜ ଯାଏ । ସନ୍ଧ୍ୟା ହେଲେ ଫେରି ଆସେ । କ୍ଲାସ୍ ସରିଲେ ଲାଇବ୍ରେରିରେ ବସି ନୋଟ୍ ଲେଖାଲେଖି କରେ । କୌଣସି ଟେନସନ୍ ନାହିଁ । ପାଠ ପଢ଼ିବା ସହିତ ଘର କାମରେ ମାଆଙ୍କ ହାତ ବଢ଼ାଏ । କଲେଜ ଯିବା ପୂର୍ବରୁ ବାପାଙ୍କ ପାଇଁ ଖାଇବା ପ୍ରସ୍ତୁତ କରିଦିଏ । ବାପାଙ୍କର ଯେମିତି ଟିକିଏ ବି ଅସୁବିଧା ନହୁଏ, ସେଥିପାଇଁ ସେ ଭାରି କେୟାରଫୁଲ୍ ।

ସେଦିନ କାହିଁ କେଜାଣି, ମନୋରମା ଭାରି ଟେନ୍‌ସନ୍‌ରେ ଲାଗୁଥିଲା । ମାଆ ବିଜୟଲକ୍ଷ୍ମୀ ବିଶେଷ ଧ୍ୟାନ ଦେଲେନି । ଭାବିଲେ ପଢ଼ାପଢ଼ି କରୁଛି ତ ପ୍ରେସର୍‌ରେ ଥିବ । ସନ୍ଧ୍ୟା ବେଳେ ଚା' ପିଇବାକୁ ବାରଣ୍ଡାରେ ବସି ଥାଆନ୍ତି ବିଶ୍ୱମିତ୍ର ସାର୍ । ପାଖରେ ବିଜୟଲକ୍ଷ୍ମୀ ଏବଂ ଶେଫାଳି ବି ବସିଛନ୍ତି । କିନ୍ତୁ ସେଠାରେ ନଥିଲା ମନୋରମା । ବିଶ୍ୱମିତ୍ର ସାର୍ ଖୋଜିଲେ, ଆରେ ମନୋରମା କୁଆଡ଼େ ଗଲା? କଲେଜରୁ ଫେରିଲାଣି ତ?

ବିଜୟଲକ୍ଷ୍ମୀ କହିଲେ, "ହଁ ଫେରିଛି । ବୋଧେ ଦେହ ଭଲ ଲାଗୁନି, ଶୋଇଛି ସେ ।"

- କାହିଁକି କ'ଣ ହେଲା ତାକୁ? ବ୍ୟସ୍ତ ହୋଇପଡ଼ିଲେ ବିଶ୍ୱମିତ୍ର ସାର୍ ।

- ତମେ ଚା' ପିଅ, ସେ ଟିକିଏ ପରେ ଆସିବ, କହିଲେ ବିଜୟଲକ୍ଷ୍ମୀ ।

- ଚା' କପ୍ ଧରି ଉଠିପଡ଼ିଲେ ବିଶ୍ୱମିତ୍ର ସାର୍ । ମନୋରମାଙ୍କ ରୁମକୁ ଯାଇ ପଚାରିଲେ, "ଆରେ ମା' କ'ଣ ହେଲା, ଶୋଇଛୁ କାହିଁକି? ଦେହ ଭଲ ଲାଗୁନି?"

କିଛି କହିଲାନି ମନୋରମା । ବ୍ୟସ୍ତ ହୋଇପଡ଼ିଲେ ବିଶ୍ୱମିତ୍ର ସାର୍ । ପାଖରେ ଯାଇ ବସି ମନୋରମାର ମୁଣ୍ଡ ଆଉଁସି ଦେଲେ ।

ଧଡ଼ କରି ଉଠିପଡ଼ିଲା ମନୋରମା । କହିଲା – "ନାହିଁ ବାପା କିଛି ନୁହେଁ । ଦେହ ଭଲ ଲାଗୁନି ।"

-କ'ଣ ହେଇଛି କହୁନୁ? ଡାକ୍ତର ପାଖକୁ ନେଇଯିବି ।

ସେପଟୁ ବିଜୟଲକ୍ଷ୍ମୀ ପାଟି କରି କହିଲେ, "ଛାଡ଼ି ଦିଅ ତାକୁ । ଦେହ ଭଲ ଲାଗିଲେ ସେ ଆସିବ ନି ।"

- ଠିକ୍ ଅଛି ମା', ତୁ ରେଷ୍ଟ ନେ । କହିଲେ ବିଶ୍ୱମିତ୍ର ସାର୍ ।

ରାତିରେ ଖାଇଲା ବେଳକୁ ବି ଆସିଲାନି ମନୋରମା । ତାକୁ ଡାକିବା ଲାଗି ବିଶ୍ୱମିତ୍ର ସାର୍ ଜିଦ୍ ଧରିବାରୁ ବିଜୟଲକ୍ଷ୍ମୀ ଯାଇ ମନୋରମାକୁ ଡାକିଲେ । କିନ୍ତୁ ସେ ଖାଇବାକୁ ମନାକଲା ।


-ତତେ କ'ଣ ହେଇଛି କହୁନୁ? କଲେଜରୁ ଫେରିବା ବେଳଠୁ ବେଡ୍‌ରେ ପଡ଼ିଛୁ । ତୋର ପରୀକ୍ଷା ପାଇଁ ଏବେ ସମୟ ତ ଅଛି । ଏତେ ଟେନ୍‌ସନ୍ କାହିଁକି? ବାପାଙ୍କୁ କହୁଛି କାଲି ନେଇ ତତେ ମାମୁଁ ଘରେ ଛାଡ଼ିଦେବେ । ଟିକେ ବୁଲି ଆସିଲେ ଭଲ ଲାଗିବ ।

ଏହାଶୁଣି କାନ୍ଦିବାକୁ ଲାଗିଲା ମନୋରମା । କହିଲା, "କାଲିଠୁ ଆଉ କଲେଜ ଯିବି ନାହିଁ ।"

ମନୋରମା ମୁହଁରୁ ଏହା ଶୁଣି ଚମକି ପଡ଼ିଲେ ବିଜୟଲକ୍ଷ୍ମୀ । ଆଉ ଯାହା ପଚାରିଲେ, କିଛି କହିଲାନି ମନୋରମା । ଖାଲି କାନ୍ଦିବାକୁ ଲାଗିଲା । ବିଜୟଲକ୍ଷ୍ମୀ ଡାକ ପକାଇବାରୁ ବିଶ୍ୱମିତ୍ର ସାର୍ ଆସିଲେ ।

- ହେଇଠି ଶୁଣ, କ'ଣ କହୁଛି ମନୋରମା ।

- କ'ଣ ହେଇଛି ମା' । କାନ୍ଦୁଛୁ କାହିଁକି ପଚାରିଲେ ବିଶ୍ୱମିତ୍ର ସାର୍ ।



ସେହି ତା'ର ଗୋଟିଏ ଉତ୍ତର, ମୁଁ ଆଉ କଲେଜ ଯିବିନାହିଁ ।

- କାହିଁକି କ'ଣ ହେଇଛି, କହୁନୁ ।

- ମୁଁ କଲେଜରୁ ଫେରିଲା ବେଳେ ତିନି ଚାରି ଜଣ ଟୋକା ମୋର ପିଛା କରି ଖରାପ ଖରାପ କମେଣ୍ଟ ମାରୁଛନ୍ତି ।

ମନୋରମାର ଏହି କଥା ଶୁଣି, ରାଗିଗଲେ ବିଶ୍ୱମିତ୍ର ସାର୍ । " ତୁ ତ କାହିଁକି ଆଗରୁ କହିଲୁନି । ହଉ କାଲି ମୁଁ ଯାଇ ତୋ ପ୍ରିନ୍‌ସିପାଲଙ୍କୁ ଦେଖା କରି କହିବି ।"

ମନୋରମା କହିଲା, "ମୁଁ ପ୍ରିନ୍‌ସିପାଲ ସାର୍‌ଙ୍କୁ କହିଥିଲି । ଖାଲି କହୁଛନ୍ତି, ହଁ ଦେଖିବା , ଆଉ କିଛି କରୁ ନାହାନ୍ତି ।"

- ହଉ ଠିକ୍ ଅଛି ମୁଁ କଥା ହେବି । ତୁ ବ୍ୟସ୍ତ ହୁଅନା । କହିଲେ ବିଶ୍ୱମିତ୍ର ସାର୍ ।

ରାତିରେ ଖାଇପିଇ ସମସ୍ତେ ଶୋଇବାକୁ ଗଲେ । ସକାଳେ ସମସ୍ତେ ଶୋଇକି ଉଠିଲେ । ମନୋରମା ଏତେ ଡେରି ଯାଏଁ ଶୋଇବ ନାହିଁ ତ? ବିଜୟଲକ୍ଷ୍ମୀ ଘର କବାଟ ଦେଖିଲା ବେଳକୁ ମନୋରମା ତା' ରୁମରେ ନାହିଁ । ତା' ବେଡ୍‌ରେ ଖାଲି ଗୋଟିଏ ପେପର୍ କ'ଣ ପଡ଼ିଛି!

କାଗଜ ପଢ଼ି ବିଜୟଲକ୍ଷ୍ମୀଙ୍କ ମୁଣ୍ଡରୁ ଝାଳ ବୋହିଗଲା । ସେ ଦୌଡ଼ିଯାଇ ବିଶ୍ୱମିତ୍ରଙ୍କୁ ଦେଖାଇଲେ । ବାରଣ୍ଡାରେ ବସି ଖବର କାଗଜ ପଢୁଥିଲେ ବିଶ୍ୱମିତ୍ର । କାଗଜ ପଢ଼ି ବିଶ୍ୱମିତ୍ର ସାର୍‌ଙ୍କ ଆଖି ତଳେ ଅନ୍ଧାର ହୋଇଗଲା ।

"ବାପା-ବୋଉ, ମତେ ଆଉ ଖୋଜିବ ନାହିଁ । କାଲି କଲେଜରୁ ଫେରିଲା ବେଳେ ସେହି ପିଲାମାନେ ମୋ ସହ ଯାହା କରିଛନ୍ତି, ମୁଁ କହିପାରିବି ନାହିଁ । ମୋତେ କ୍ଷମା କରିବ । ମୁଁ ଆଉ ବଞ୍ଚିବାକୁ ଚାହେଁ ନାହିଁ । ଶେଫାଳିକୁ ଆଉ କଲେଜ ଛାଡ଼ିବ ନାହିଁ । ପ୍ଲିଜ୍ ।"

ମନୋରମାର ଏହି ନୋଟ୍ ଯେମିତି ବିଶ୍ୱମିତ୍ର ସାର୍‌ଙ୍କ ସଂସାର ଉଜାଡ଼ି ଦେଲା । ଆଖପାଖ ଅଞ୍ଚଳରେ ଯେତେ ଖୋଜିଲେ ବି ମନୋରମାର ପତ୍ତା ମିଳିଲା ନାହିଁ । ଥାନାରେ ଏଫ୍‌ଆଇଆର୍ ଦେଲେ । ପୁଲିସ କହୁଛି, ଆମେ ଚେଷ୍ଟା କରୁଛୁ । ଆପଣ ବି ନିଜ ବନ୍ଧୁବାନ୍ଧବ ଘରକୁ ଯାଇ ଖୋଜନ୍ତୁ । ପୁଲିସ ପାଖକୁ ଡେଲି ଦୌଡ଼ିଲେ ବିଶ୍ୱମିତ୍ର ସାର୍ । କାଳେ ସେମାନେ ଖବର ପାଇଥିବେ । ଥାନାରେ ପଶୁ ପଶୁ ଜଣେ ପୁଲିସ ବାଲା କହିଲେ, "ସାର୍ ଯାହା ଲାଗୁଛି, ସେଟିଂ ହେଇ ଆପଣଙ୍କ ଝିଅ କାହା ସହ ପଳାଇଛି । ମୋତେ ଡାଉଟ୍ ଲାଗୁଛି । ଆପଣ ଦେଖନ୍ତୁ ।"

ଏହା ଶୁଣି ବିଶ୍ୱମିତ୍ର ସାରଙ୍କ ମୁହଁ ଲାଲ୍ ପଡ଼ିଗଲା । "ନା ନା ଏମିତି ହେଇପାରିବ ନି । ମୋ ଝିଅ ଏମିତି ସେମିତି ଝିଅ ନୁହେଁ । ମୋ ଝିଅ ଚରିତ୍ର ଉପରେ ଆଙ୍ଗୁଠି ଉଠାଇବାକୁ ଆପଣ କିଏ? ହାଉ ଡେୟାର??"

ମନରେ କୋହ ଓ ଆଖିରେ ଲୁହ ନେଇ ଘରକୁ ଫେରିଲେ ବିଶ୍ୱମିତ୍ର ସାର୍ । ବିଜୟଲକ୍ଷ୍ମୀଙ୍କୁ ସବୁକଥା କହିଲେ । ବିଜୟଲକ୍ଷ୍ମୀ ମୁଣ୍ଡରେ ହାତ ଦେଇ କହିଲେ, କାହା କାହା ତୁଣ୍ଡ ବନ୍ଦ କରିବି । ଯାଡ଼େ ସାଇ ପଡ଼ିଶା ଲୋକ କହୁଥିବା ବେଳେ, ଶେଷରେ ପୁଲିସ ବି ତାଙ୍କ କଥାରେ ପଡ଼ିଗଲା । ହେ ଭଗବାନ, ମୋ ଝିଅଟା ଖାଣ୍ଟି ସୁନା । ତା' ମୁଣ୍ଡରେ ଅପବାଦ କାହିଁକି? ତମର ଆମେ କି ଦୋଷ କରିଥିଲୁ ଯେ ଆଜି ଏଭଳି ଅବସ୍ଥା ଭୋଗିବାକୁ ପଡୁଛି ।

ଝିଅକୁ ଖୋଜିବାରେ ଦିନରାତି ଏକ କରିଦେଲେଣି ବିଶ୍ୱମିତ୍ର ସାର୍ । କେବେ ଥାନାକୁ ଦୌଡୁଛନ୍ତି, ତ କେବେ କଲେଜ । ପୁଣି କଉ ବନ୍ଧୁବାନ୍ଧବ ଘର ବି ଛାଡ଼ି ନାହାନ୍ତି । ମନୋରମାଙ୍କୁ ଖୋଜିବାରେ ଟିକିଏ ବି ଅବହେଳା କରୁ ନାହାନ୍ତି । ଯାହାର ଅଚିହ୍ନା ଶବ ମିଳିଲେ ପୁଲିସବାଲା ବିଶ୍ୱମିତ୍ର ସାର୍‌ଙ୍କୁ ଡାକି ଦେଖାଉଛନ୍ତି । ଏ ଆପଣଙ୍କ ଝିଅ ନୁହେଁ ତ ? ଏମିତ କେତେ ଯେ ବିକୃତ ଶବ ଦେଖିଲେଣି ।

ଥକି ଗଲିଣି ହେ ପ୍ରଭୁ । ମୋ ଦେହରେ ଆଉ ବଳ ନାହିଁ । ମୋ ଝିଅକୁ ଫେରାଇ ଦିଅ । ଝିଅକୁ ଝୁରି ଝୁରି ବେମାର ହୋଇଗଲେଣି ବିଜୟଲକ୍ଷ୍ମୀ । ଆଉ ବିଛଣାରୁ ଉଠି ପାରୁନାହାନ୍ତି । ତାଙ୍କୁ ଡାକ୍ତରଖାନା ନେବାରେ ବିଶ୍ୱମିତ୍ର ସାର୍‌ଙ୍କ ସମୟ ଯାଉଛି । ସାନ ଝିଅ ଶେଫାଳି ଆଉ ସ୍କୁଲ ଯାଇପାରୁନି । ଘର କାମ ବୋଝ ତା' ଉପରେ । ମା'ଙ୍କ ସେବାରେ ବି ଲାଗିଛି ।

ଉଜୁଡ଼ି ଗଲାଣି ସୁନାର ସଂସାର । ଯାହା ଜମିବାଡ଼ି ଥିଲା ସବୁ ବିକ୍ରି କରି ବିଜୟଲକ୍ଷ୍ମୀଙ୍କ ଚିକିତ୍ସାରେ ଯାଉଛି । ଦିନକୁ ଦି ଥର ବି ଆଉ ପେଟପୂରା ଖାଇବାକୁ ନାହିଁ ।

ଝିଅ, ଆମେ କି ଦୋଷ କରିଥିଲୁ ଯେ ତୁ ଏଭଳି ବଦଳା ନେଲୁ । କିଏ କ'ଣ ଭାବୁଛି ଭାବୁ, ତୁ ତ ଆମର ସୁନାପିଲା ଥିଲୁ । ଆମ କଥା ଟିକିଏ ବି ଚିନ୍ତା କଲୁନାହିଁ । ଘର ବାରଣ୍ଡାରେ ବସି କାନ୍ଥରେ ଆଉଜି ମନକୁ ମନ କହି ଚାଲିଥିଲେ ବିଶ୍ୱମିତ୍ର ସାର୍ । ଆଖିରୁ ଲୁହ ସୁଖୁନାହିଁ, ନିଦ ବି ହଜିଗଲାଣି ।

ଶେଷରେ ମୃତ୍ୟୁ ଆଗରେ ହାର ମାନିଗଲେ ବିଜୟଲକ୍ଷ୍ମୀ । ଯାହା ଟିକିଏ ବାକି ଥିଲା, ତାହା ବି ସରିଗଲା । ସାନ ଝିଅ ଶେଫାଳିକୁ ତାଙ୍କ ମାମୁଁ ଘର ଲୋକ ଆସି ନେଇଗଲେ । ସେମାନେ ବିଶ୍ୱାମିତ୍ର ସାର୍‌ଙ୍କୁ ନେବାକୁ ବହୁତ ଚେଷ୍ଟା କଲେ । କିନ୍ତୁ ସେ ଗଲେ ନାହିଁ । କାଳେ ଝିଅ ଆସିବ । କହିଲେ, "ଶେଷ ନିଶ୍ୱାସ ଯାଏଁ ଅପେକ୍ଷା କରିବି ।"

ବିଶ୍ୱମିତ୍ର ସାର୍ ଝିଅ ଓ ପତ୍ନୀଙ୍କୁ ଝୁରି ଝୁରି ପାଗଳ ପ୍ରାୟ ହୋଇଗଲେଣି । ସେ ଖଣ୍ଡିଆ ଦଦରା ସାଇକଲ ଧରି ସବୁଦିନ ଝିଅ ପଢ଼ିଥିବା ବିପି କଲେଜ ସାମ୍ନାକୁ ଯାଇ ଗଛ ତଳେ ବସୁଛନ୍ତି । ଅପେକ୍ଷା, ଝିଅ ନିଶ୍ଚୟ ଫେରିବ । ■

# ଅନ୍ତରୀକ୍ଷରେ ଅନ୍ଧାର



ନୃସିଂହ ତରାଇ

ଅନ୍ଧାର ଚଢୁଥାଏ
ମାଟିରୁ ପାହାଡ଼ ଶିଖରକୁ
ବଣ ମାଳ ଡେଇଁ
ଅମ୍ଳାନ ସରି ଆସୁଥାଏ
ଓ ସେଇଠୁ ଆରମ୍ଭ ହେବାକୁ
ଥାଏ ବୋଧେ
ଗ୍ଲାନିର ଆକାଶ ।

ସାରା ଆକାଶ
ଆକାଶର ଶିରା ପ୍ରଶିରାରେ
ଲୁହ ଆଉ ଲହୁ
ରକ୍ତବୋଳା ମାଂସ ସାରା
ପୋଡ଼ା ଗନ୍ଧ...ବାରୁଦ ବାରୁଦ
ନେସି ହେଇ ରହିଛି
ମୃତ୍ୟୁମାନଙ୍କ ନାଗ ଫାଶ ।

ନଈ ସମୁଦ୍ର ପାହାଡ଼
ଘଞ୍ଚ ବଣ, ପଥ ଅପର୍ଯ୍ୟାପ୍ତ
ଦିଗବଳୟ ପରି ଦିଶୁଥିବା
ମାଇଲ ମାଇଲ ଦୂରତାରୁ
ଯୁଦ୍ଧର ଜୁଆର ଲଂଘେ
ସୀମା ସରହଦ... ।

ଆସ ଆସ ଦେଖିବ
କେତେ କେତେ ମୃତ୍ୟୁ
ମଣିଷର , ପ୍ରକୃତିର
ପୃଥିବୀର ମୃତ୍ୟୁ
ମାନବିକତାର ମୃତ୍ୟୁ
ଆଲୁଅର ଅଶାର ଆକାଂକ୍ଷାର
ମୃତ୍ୟୁ ମୃତ୍ୟୁ ମୃତ୍ୟୁ ... ■

ମୋ ୭୯୭୮୩୮୧୨୧୩



# ଗୁଞ୍ଜରଣ



ପୂରବୀ ଶତପଥୀ

ଅଗଣନ ଅଶରୀରୀର ଅପାଦ ନୃତ୍ୟରେ
କୁହୁଡ଼େଇ ଅଦୃଶ୍ୟ ହୋଇଯାଉଥିବା
ଏକ ଅଦ୍ଭୁତ ପୃଥିବୀ ଏଠି ଏବେ ।

ବନମାନସରେ, ଏଇ ଜୈତ୍ରଯାତ୍ରାରେ,
ମୁହୁର୍ମୁହୁଃ କାନଫଟା ଆତଙ୍କ ଭିତରେ,
ଏ କେଉଁ ଆତ୍ମବିସ୍ମୃତ ସ୍ୱରର ଗୁଞ୍ଜର ?

ମୁଁ କିଏ?
ହଜାର ଲଟାଦେହୀ ମୁଁ କି ଏକ ସେତୁ?
ଅସୁମାରି ପାଣିର ଗାର ନେଇ
ମୁଁ କି ଏକ ନଈ?
ମାଟିର ଦେହରଙ୍ଗ ବଦଳେଇ ପାରୁଥିବା
ମୁଁ ମୁଠାଏ ସ୍ୱଚ୍ଛ ଅବିର ?
ଅଥବା ସ୍ରୋତର ଛାତିରେ
ଛମ୍‌ଛମ୍ ବାଜୁଥିବା ମାଳେ ଘୁଙ୍ଗୁର ?

ମୁଁ କିଏ?
ଜଳପକ୍ଷୀ ଯୂଥର ଅପ୍ରତିଭ ଉଲ୍ଲାସ?
ଅବାଞ୍ଛିତ ବିପ୍ଳବ
ଉହ୍ୟ ଆବେଗ,
ଅଲୋଡ଼ା ସଂପ୍ରୀତି
ନା ଅସମୟର ହାହୁତାଶ?

କିଏ ମୁଁ? ମୁଁ କିଏ?

ମୁଁ କି ଏବେ
ଆନତ ମୁଦ୍ରାରେ ସ୍ଥିରେଇ ଯାଇଥିବା
ଆବେଗ ଓ ତରଙ୍ଗର
ଟୋପେ,ଅକସ୍ମାତ ଦ୍ରବଣ,
ଏକପାଦୀ ମୌନୀ ମୁନି!

ଜିଜୀବିଷା ସହ
ବାଲ୍‌କୋନୀ ରେଲିଂ ଉପରୁ
ଘର ଭିତରକୁ ଡେଇଁପଡ଼ି
ଡାଏରୀ ଭିତରକୁ ଛିଟିକି ଆସୁଥିବା
ଦଲକାଏ ଶବ୍ଦର ସିମ୍ଫୋନି ! ■

ରାସୋଳ, ଢେଙ୍କାନାଳ
ମୋ: ୮୮୪୭୮୨୫୬୮୮

## ପୁସ୍ତକ ପରିଚୟ

### କର୍ଣ୍ଣିକା

**କ୍ଷମାନିଧି ଭୋଇ**




କାବ୍ୟଲୋକ
ଗ୍ୟାରେଜ ଛକ
ଲୁଇସ୍ ରୋଡ୍, ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୨
ମୂଲ୍ୟ: ୨୦୦ ଟଙ୍କା

ତୋଷାମଦ, ଟାଉଟର, କୁଟିଳ ପ୍ରକୃତିର ମଣିଷ ଯଦି ସିଂହାସନରେ ବସେ,ତେବେ ଶାସନ ବ୍ୟବସ୍ଥା ନିଶ୍ଚୟ ଦୁର୍ବଳ ହୋଇପଡ଼ିବ । ସେ ରାଜତନ୍ତ୍ର ହେଉ କି ଗଣତନ୍ତ୍ର । ଏଭଳି ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି କ୍ଷମାନିଧି ଭୋଇଙ୍କ 'କର୍ଣ୍ଣିକା' ପୁସ୍ତକର କେତେକ କବିତାରେ । ଏହି ପୁସ୍ତକର 'ମାୟା ଖେଳଘର', 'ସିଂହାସନ', 'ବସନ୍ତ', 'ମୁଁ ବଢ଼ିଲା ଝିଅର ବାପା', 'ଅସ୍ପଷ୍ଟ ଅସ୍ତିତ୍ୱ', 'ଫାଶ', 'ଭଙ୍ଗା ହୃଦୟ', 'ଗାନ୍ଧିଜୀ ନାହାନ୍ତି ବୋଲି', 'ଚିରନ୍ତନ ପ୍ରେମ', 'ସବୁ ଯଦି ଠିକ୍', 'ବର୍ଷା ଭାବନା','ପ୍ରୀତିପଦ୍ମା', 'ଆମେ ସ୍ୱାଧୀନ', 'ଶାନ୍ତିର ସନ୍ଧାନ', 'ଉଠ ଜାଗ୍ରତ ହୁଅ','ଅଭିବ୍ୟକ୍ତି', 'ମୋ ଚିତ୍ରିତ ପୃଥିବୀ', 'ଅଭିବ୍ୟକ୍ତ', 'ସ୍ୱାର୍ଥପର', 'ଭାଗ୍ୟ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । କେଉଁଠି କବି ସାଂପ୍ରତିକ ସମାଜର ଅବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି, ପୁଣି କେଉଁଠି ଦୁର୍ବଳ ଶାସନ ବ୍ୟବସ୍ଥାକୁ କଟାକ୍ଷ କରିଛନ୍ତି । ପୁଣି କେଉଁ କବିତାରେ ମାନବିକତାର ଚିତ୍ର ପ୍ରତିଫଳିତ ହୋଇଛି । ଭାବ, ଭାଷା, ଅନୁଭବର ଏକ ପରିପକ୍ୱ କାବ୍ୟ ଚେତନାକୁ ଅନୁଭବ କରିହୁଏ ଏହି ପୁସ୍ତକର କବିତାଗୁଡ଼ିକରେ । 'କର୍ଣ୍ଣିକା'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ସ୍ୱାମୀ ବିବେକାନନ୍ଦ

**ଶାରଦା ପ୍ରସନ୍ନ ପଣ୍ଡା**



ସାଇ ଯମୁନା ପବ୍ଲିକେଶନ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୮୦ ଟଙ୍କା

ମହାନ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନକୁ ନେଇ ଶାରଦା ପ୍ରସନ୍ନ ପଣ୍ଡାଙ୍କ 'ବିଶ୍ୱ ବିଜୟୀ ବିବେକାନନ୍ଦ' ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକର 'ବାଲ୍ୟଜୀବନ', 'ଆଦର୍ଶଛାତ୍ର ନରେନ୍ଦ୍ରନାଥ', 'ଗୁରୁ-ଶିଷ୍ୟ ଭେଟାଭେଟି', 'ଗୁରୁ ପରୀକ୍ଷା', 'ବାପ ଛେଉଣ୍ଡ ନରେନ୍ଦ୍ରନାଥ', 'ଶ୍ରୀରାମକୃଷ୍ଣଙ୍କ ସମାଧି ଓ ନରେନ୍ଦ୍ରନାଥଙ୍କ ସିଦ୍ଧି' ଆଦି ଅଧ୍ୟାୟରେ ବିବେକାନନ୍ଦଙ୍କ ଶୈଶବ ଜୀବନ, ଶିକ୍ଷା, ସିଦ୍ଧିପ୍ରାପ୍ତ, ଗୁରୁ ରାମକୃଷ୍ଣଙ୍କ ସାନ୍ନିଧ୍ୟ ଲାଭ ସଂପର୍କରେ ସଂକ୍ଷିପ୍ତ ଅଥଚ ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି । ଛାତ୍ର ଜୀବନରେ ତାଙ୍କର ଉତ୍ତମ ଚରିତ୍ର, ମେଧା, ମାନବିକତା, ସୌମ୍ୟ ଚେହେରା ସମସ୍ତଙ୍କୁ ଆକର୍ଷିତ କରୁଥିଲା । ବିବେକାନନ୍ଦଙ୍କ ନିରାଡ଼ମ୍ବର ଜୀବନ ଶୈଳୀ, ବ୍ୟକ୍ତିତ୍ୱ, ଆଧ୍ୟାତ୍ମିକତା, ମହତ ବାଣୀ ମାନବ ସମାଜ ପାଇଁ ପ୍ରେରଣାଦାୟକ ନିଶ୍ଚୟ । ଏହି ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ସତ୍ୟବାଦୀ ବାଣୀମଞ୍ଚର କବି ନୀଳକଣ୍ଠ



ଡ. ପ୍ରଫୁଲ୍ଲ କୁମାର ସାହୁ

ସତ୍ୟବାଦୀ ବାଣୀମଞ୍ଚର ନୀତିନିଷ୍ଠ ଆଚାର୍ଯ୍ୟ ପଣ୍ଡିତ ନୀଳକଣ୍ଠ ଦାସ । ଉତ୍କଳୀୟ ସଂସ୍କୃତିର ଜଣେ ମୌଳିକ ଭାଷ୍ୟକାର । ଜାତି ଓ ଜାତୀୟ ଚରିତ୍ର ଗଠନ କ୍ଷେତ୍ରରେ ଏହି ଶୁଚିନିଷ୍ଠ ସତ୍ୟ ସନ୍ଧାନୀ କର୍ମବୀରଙ୍କ ଜୀବନ ଥିଲା ଏକ ଅନିର୍ବାଣ ଯଜ୍ଞ । ସାହିତ୍ୟ ସାଧନା, ରାଜନୀତି, ସାମ୍ବାଦିକତା ଓ ସମାଜ ସଂସ୍କାର ଥିଲା ସେ ଯଜ୍ଞର ଏକ ଏକ ଅବିଚ୍ଛେଦ୍ୟ ଓ ଅପରିହାର୍ଯ୍ୟ ଅଙ୍ଗ ।

ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଉତ୍କଳ ସମ୍ମିଳନୀ ମଣ୍ଡପରୁ ଯେଉଁ ଉଗ୍ର ଜାତୀୟତାବୋଧର ପ୍ରବାହ ସୃଷ୍ଟି ହୋଇଥିଲା, ତାକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ସତ୍ୟବାଦୀ ବନବିଦ୍ୟାଳୟକୁ କେନ୍ଦ୍ର କରି ଗଢ଼ି ଉଠିଥିଲା ଏକ ସଂକଳ୍ପସ୍ନାତ ସାରସ୍ୱତ ପରିମଣ୍ଡଳ । ସତ୍ୟବାଦୀର ସାଧକ ଶିକ୍ଷକଙ୍କ ଲେଖନୀ ଚାଳନା ଫଳରେ ଓଡ଼ିଆ ବାଣୀ ଭଣ୍ଡାର ଯେ, କେବଳ ପରିପୁଷ୍ଟ ହେଲା ତା' ନୁହେଁ, ଏଥି ସହିତ ଓଡ଼ିଆ ସାହିତ୍ୟ ଇତିହାସରେ ଆତ୍ମ ପ୍ରକାଶ କଲା ସତ୍ୟବାଦୀ ଯୁଗ ନାମରେ ଆଉ ଏକ ମହିମା ମଣ୍ଡିତ ଅଧ୍ୟାୟ ।

ବିସ୍ମୃତି ଗର୍ଭରୁ ପ୍ରାଚୀନ ଐତିହ୍ୟର ସ୍ମୃତିଚାରଣ,ବୀରତ୍ୱ କାହାଣୀର ଉଦ୍‌ଘାଟନ ଓ ସ୍ୱରାଜ୍ୟ ପ୍ରାପ୍ତିର ଦୁର୍ନିବାର ବାସନା ଥିଲା ଆଲୋଚ୍ୟ ଯୁଗର ସାହିତ୍ୟିକ ଆଦର୍ଶ । ସେହି ଐତିହ୍ୟବୋଧର ଏକ ଗୀତିମୟ ଗାୟତ୍ରୀ ହେଉଛି କବି ନୀଳକଣ୍ଠଙ୍କ ଐତିହାସିକ କାବ୍ୟ 'କୋଣାର୍କେ' । ନିଦ୍ରିତ ଛାତ୍ରମାନଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିବା ତା'ର ବିଷୟ ଉପସ୍ଥାପନା ପରିପାଟୀ ଓ ଚରିତ୍ର ନିର୍ମାଣ କୌଶଳ ଯେମିତି ଅଭିନବ,ଇତିହାସର ନବୀକରଣ ସେମିତି ଜାତୀୟ ଭାବଦ୍ୟୋତକ । ସତ୍ୟବାଦୀ ସାହିତ୍ୟର ମୁଖପତ୍ର ଭାବରେ ପରିଚିତ 'କୋଣାର୍କେ' ।

ଅନ୍ୟପକ୍ଷରେ ଅନୁଭୂତିର ତୀବ୍ରତା ଓ ଅଭିଜ୍ଞତାର ବିଶ୍ୱସ୍ତତାକୁ ଆଧାର କରି ଗଢ଼ି ଉଠିଥିବା ନୀଳକଣ୍ଠଙ୍କ କାବ୍ୟ ଚେତନାର ସମଗ୍ରତାରେ ବିନ୍ୟସ୍ତ ଏକ ମହତ୍ତର ଆଦର୍ଶବୋଧ । ଯା'ର ଆବେଦନ ଅତ୍ୟନ୍ତ ଗଭୀର ଓ ଗମ୍ଭୀର । ତେଣୁ ବ୍ୟଭିଚାର ପରିବର୍ତ୍ତେ ତାଙ୍କ କାବ୍ୟ ନାୟକ ଓ ନାୟିକା ସଂଯମ ଓ ଶୃଙ୍ଖଳାର ଖଣ୍ଡାଧାରରେ ଚାଲନ୍ତି, ଯା'ର ଜ୍ୱଳନ୍ତ ଦୃଷ୍ଟାନ୍ତ ବହନ କରେ ଇତିହାସ ପରିପୁଷ୍ଟ କାବ୍ୟ 'ଖାରବେଳ" । କାବ୍ୟର ବିଷୟବସ୍ତୁ ହୋଇପାରେ ଅତ୍ୟନ୍ତ କ୍ଷୀଣ,ମାତ୍ର ନିର୍ମଳ ପ୍ରେମର ପ୍ରକାଶ ବୈଚିତ୍ର୍ୟ ହିଁ ତା'ର ଯଥାର୍ଥ ସୃଷ୍ଟି ଗୌରବ ।

ଆଧ୍ୟାତ୍ମିକ ଅଭୀପ୍ସାର କବି ପଣ୍ଡିତ ନୀଳକଣ୍ଠ । ତାଙ୍କ 'ଭକ୍ତି ଗାଥା'ର ପ୍ରତ୍ୟେକଟି ଗୀତିକାରେ ପ୍ରକାଶ ପାଇଛି, ସେହି ଭକ୍ତି ପ୍ରାଣତାର ଛଳ ଛଳ ପ୍ରବାହ । 'ଗୀତା ଭାଷ୍ୟ' ଓ 'ଗୀତା ପ୍ରବେଶ' ତାଙ୍କ ଜୀବନ ଦର୍ଶନ ଓ ପ୍ରଜ୍ଞାର ଏକ ପ୍ରସାରିତ ଫଳକ । କବିଙ୍କ ଦୃଷ୍ଟିରେ ଯାହା ମାନବ ସମାଜର ମଙ୍ଗଳ ବିଧାନ କରେ ତାହା ହିଁ ଧର୍ମ । ଅର୍ଥାତ୍ ଧର୍ମକୁ ଏକ ଆଦର୍ଶ ମାର୍ଗ ଭାବେ ଗ୍ରହଣ କରିଛନ୍ତି ଏବଂ ସେହି ମାର୍ଗ ଅନୁସରଣ କରିବା ପାଇଁ ପିଲାମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି 'ପିଲାଙ୍କ ରାମାୟଣ' ଓ 'ପିଲାଙ୍କ ଭାଗବତ'ରେ ।

ପଣ୍ଡିତ ନୀଳକଣ୍ଠ କେବଳ ପରମ୍ପରାର ପ୍ରମୂର୍ତ୍ତ ପୂଜାରୀ ନୁହନ୍ତି, ସେ ପୁରୋଗାମୀ ଚେତନାର ବାର୍ତ୍ତାବହ । ସତ୍ୟବାଦୀ ବନ ବିଦ୍ୟାଳୟକୁ କେନ୍ଦ୍ର କରି ସୂତ୍ରପାତ ହୋଇଥିବା ସଂସ୍କାର ଆନ୍ଦୋଳନର ସେ ଥିଲେ ମୁକ୍ତ ପ୍ରବକ୍ତା । 'ମୋ ନିଶ' ପ୍ରବନ୍ଧରେ ସମାଜର କୁସଂସ୍କାର ବିରୋଧରେ ବିଦ୍ରୂପର ଶାଣିତ ଖଡ଼୍‌ଗ ପ୍ରୟୋଗ କରି ସେ ତା'ର ଭିତ୍ତିଭୂମି ସ୍ଥାପନ କରିଥିଲେ ଏବଂ ସେହି କାରଣରୁ ତାହା ନିଶ ଆନ୍ଦୋଳନ ନାମରେ ପରିଚିତ । ବୌଦ୍ଧିକସ୍ତରରେ ସେ ଆନ୍ଦୋଳନକୁ ଆହୁରି ଆଗକୁ ନେବା ପାଇଁ ସେ ଲେଖିଛନ୍ତି 'ଅଛୁ ଓ ହେବୁ' ଏବଂ 'ପ୍ରତିଭା ପୂଜା ଓ ପ୍ରତିମା ପୂଜା' ଆଦି ଅନେକ ସଂସ୍କାରଧର୍ମୀ ପ୍ରବନ୍ଧ । ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ 'ଆର୍ଯ୍ୟ ଜୀବନ' ଏକ ଉଚ୍ଚକୋଟୀର ଗ୍ରନ୍ଥ । ଏଥିରେ ସେ ଆର୍ଯ୍ୟ ଜୀବନର ପ୍ରକୃତି, ତା'ର ଆଧ୍ୟାତ୍ମିକ ସାଧନା ଓ ଆଦର୍ଶ ସଂପର୍କରେ ଯେଉଁ ମନନଧର୍ମୀ ଆଲୋଚନା କରିଛନ୍ତି, ସାଂପ୍ରତିକ ପରିପ୍ରେକ୍ଷୀରେ ଆଦୌ ମହଲଣ ପଡ଼ି ଯାଇନି ତା'ର ପ୍ରାସଙ୍ଗିକତା ।

କବିଙ୍କ 'ଭକ୍ତିଗାଥା'ର ପ୍ରତ୍ୟେକଟି ଗୀତିକାରେ ପ୍ରକାଶ ପାଇଛି ତାଙ୍କ ଭକ୍ତିପ୍ରାଣତାର ଛଳଛଳ ଆବେଗ । ହଜାରିବାଗ ଜେଲରେ ଥାଇ ଗୀତା ଉପରେ ସେ ଯେଉଁ ଗଭୀର ଅଧ୍ୟୟନ କରିଥିଲେ, ତା'ର ଅମୃତମୟ ଫଳ ହେଉଛି ତାଙ୍କ 'ଗୀତା ଭାଷ୍ୟ' ଓ 'ଗୀତା ପ୍ରବେଶ' । ସଂସ୍କୃତକୁ ଅନେକ ମୃତଭାଷା କହୁଥିବାବେଳେ ସେ ତାକୁ ମର୍ଯ୍ୟାଦାବନ୍ତ ସ୍ଥାନ ଦେଇଛନ୍ତି 'ସଂସ୍କୃତି ଓ ସଂସ୍କୃତି' ଗ୍ରନ୍ଥରେ । କେବଳ ମୌଳିକ ପ୍ରବନ୍ଧ ରଚନା ନୁହେଁ, ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସେ ଥିଲେ ଅନେକଙ୍କ ପାଇଁ ଦିଗଦର୍ଶନ । 'ଓଡ଼ିଆ ସାହିତ୍ୟର କ୍ରମବିକାଶ' ଏକ ଚମତ୍କାର ଆଲୋଚନା ଗ୍ରନ୍ଥ, ଯାହା ତାଙ୍କ ସ୍ୱତନ୍ତ୍ର ଶୈଳୀ ଓ ଗଭୀର ଅନ୍ତର୍ଦୃଷ୍ଟିରେ ଗରୀୟାନ ।

ଓଡ଼ିଆ ଲିପି ସଂସ୍କାର କ୍ଷେତ୍ରରେ ସେ ଥିଲେ ଆଦ୍ୟ ଉଦ୍ୟକ୍ତା । ତାଙ୍କରି ଲେଖାରୁ ଆରମ୍ଭ ହୋଇଥିଲା ଓଡ଼ିଆ ଭାଷାର ବୈଜ୍ଞାନିକ ଶୃଙ୍ଖଳା ଓ ତୁଳନାତ୍ମକ ଅଧ୍ୟୟନ ଧାରା । ସେ ହିଁ ପ୍ରଥମେ ଯୁକ୍ତାକ୍ଷର ପରିବର୍ତ୍ତେ ଅନୁସ୍ୱାର ବ୍ୟବହାର କଲେ ଏବଂ ଏ କ୍ଷେତ୍ରରେ ଏକ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ପରିଚୟ ବହନ କରେ ତାଙ୍କ ଗବେଷଣାତ୍ମକ ଗ୍ରନ୍ଥ 'ଓଡ଼ିଆ ଭାଷା ଓ ସାହିତ୍ୟ' । ତାଙ୍କ ଆତ୍ମଜୀବନୀ 'ସ୍ମୃତି ଓ ଅନୁଭୂତି' କେବଳ ଆତ୍ମକଥା ଅନ୍ତର୍ଲିପି ନୁହେଁ, ଏହା ଦୀର୍ଘ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଘଟଣାବଳୀର ଐତିହାସିକ ଦସ୍ତାବିଜ । ତାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିଲା 'ନବଭାରତ' ମାସିକ ପତ୍ରିକା ଥିଲା ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଏକ ଆଲୋକ ବର୍ତ୍ତିକା । ଇତିହାସ, ଦର୍ଶନ, ସାହିତ୍ୟ ଓ ଭାଷାତତ୍ତ୍ୱ ଆଦି ପ୍ରତ୍ୟେକ ବିଷୟରେ ତାଙ୍କ ପ୍ରଜ୍ଞାର ପରିସୀମା ଏତେ ବ୍ୟାପକ ଯେ ତା'ର ଗୋଟିଏ ପାର୍ଶ୍ୱରେ ଥାଇ ଲକ୍ଷ୍ୟ କଲେ ଅପର ପାର୍ଶ୍ୱଟି ଦିଶେ ଦୂର ଦିଗବଳୟର ଟେନାଏ ନୀଳିମା ପରି । ■

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ୧୮ ରେ ବରଗଡ଼ରେ ବିଜେଡିର ଚାଷୀ ସମାବେଶ




ବରଗଡ଼, ୧୬।୮ (ସମିସ): ବରଗଡ଼ ଜିଲ୍ଲା ରାଜ୍ୟର ଏକ ଚାଷୀବହୁଳ ଅଞ୍ଚଳ। ରାଜ୍ୟର ସର୍ବାଧିକ ଉତ୍ପାଦନ ଏହି ଜିଲ୍ଲାରୁ ହିଁ ହୋଇଥାଏ। ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ପ୍ରଦାନରୁ ବଞ୍ଚିତ କରିବା ପାଇଁ ଚାଷୀ ପଞ୍ଜୀକରଣ ନୀତିକୁ ସରକାର ଜଟିଳ କରିଛନ୍ତି। ଫଳରେ ବହୁ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେ। ଏହା ସରକାରଙ୍କ ଏକ ସୁପରିକଳ୍ପିତ ଫନ୍ଦି। କିନ୍ତୁ ଚାଷୀଙ୍କ ସହ ବିଜେଡି ରହିଆସିଛି, ଆଗକୁ ବି ରହିବ। ଚାଷୀଙ୍କ ହକ୍ ପାଇଁ ଲଢ଼େଇ କରିବ। ଆସନ୍ତା ୧୮ ତାରିଖରେ ଚାଷୀମାନଙ୍କୁ ନେଇ ବରଗଡ଼ରେ ଏକ ବିରାଟ ସମାବେଶ କରାଯିବ। ଉକ୍ତ ଦିନ ଗଣେଶରାମ ଭବନରୁ ଏକ ବିରାଟ ଶୋଭାଯାତ୍ରାରେ ଚାଷୀମାନେ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ପ୍ରଦାନ କରିବେ। ବରଗଡ଼ ଗଣପତି ହୋଟେଲଠାରେ ବିଜେଡି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଆଜି ଏହି ସୂଚନା ଦେବା ସହ ବିଜେପି ସରକାର ଉପରେ ବର୍ଷିଛନ୍ତି।

ଏଥିରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଗୌରହରି ମିଶ୍ର, ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଚାଷୀମାରଣ ନୀତି ପାଇଁ ବିଜେପି ସରକାର ଉପରେ ବର୍ଷିଛନ୍ତି। ସେମାନେ କହିଥିଲେ ଯେ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଆଜି ହଜାରହଜାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରତିଦିନ ଚାଷୀ ନିଜ ହକ୍ ପାଇଁ ରାଜରାସ୍ତାରେ ଗର୍ଜନ କରୁଥିବା ବେଳେ ସରକାର ପୁଲିସ ଲଗାଇ ସେମାନଙ୍କୁ ଗିରଫ କରୁଛି। ଦେଶର ଅନ୍ନଦାତାଙ୍କୁ ଜେଲରେ ପୂରାଉଛି। ଖାଲି ସେତିକି ନୁହେଁ, ଚାଷୀ ଆଖିର ଲୁହକୁ ଖୁସିର ଲୁହ ବୋଲି କହୁଛି। ଏଥିପାଇଁ ସରକାରଙ୍କୁ ଲଜ୍ଜା ଲାଗିବା ଉଚିତ। ସରକାର ଯଦି ଚାଷୀଙ୍କ ପଞ୍ଜୀକରଣ ଓ ଅନ୍ୟ ସମସ୍ୟାର ତୁରନ୍ତ ସମାଧାନ ନ କରନ୍ତି, ଆଗାମୀ ଦିନରେ ବିଧାନସଭାରେ ଚାଷୀଙ୍କ ସମସ୍ୟାକୁ ଉପସ୍ଥାପନ କରାଯିବ ବୋଲି ବିରୋଧୀ ଦଳ ଉପନେତା ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

## ସପ୍ତାହକ ମଧ୍ୟରେ ଗଠନ ହେବ ଶ୍ରୀମନ୍ଦିର ପରିଚାଳନା କମିଟି

ପୁରୀ,୧୬।୮ (ସମିସ): ଆଉ ଦିନ କେଇଟା ପରେ ବର୍ଷେ ପୂରିବ ବିନା ପରିଚାଳନା କମିଟିରେ ଚାଲିଛି ଶ୍ରୀମନ୍ଦିର ପରିଚାଳନା। ଗତବର୍ଷ ସେପ୍ଟେମ୍ବର ୧୪ରେ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲା। ଏବେ ପୁଣି ସେପ୍ଟେମ୍ବର ହେବାକୁ ଯାଉଛି। ହେଲେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରିନାହିଁ। ବିନା ପରିଚାଳନା କମିଟିରେ ରଥଯାତ୍ରା ସମେତ ବିଭିନ୍ନ ପର୍ବପର୍ବାଣୀ ଅନୁଷ୍ଠିତ ହେଉଛି। ଏହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ଟାର୍ଗେଟ କରାଯାଉଛି। ହେଲେ ଏପର୍ଯ୍ୟନ୍ତ ପରିଚାଳନା କମିଟି ଗଢ଼ାଯାଇପାରି ନାହିଁ। ତେବେ ଏହାରି ଭିତରେ ପରିଚାଳନା କମିଟିକୁ ନେଇ ବଡ଼ ଘୋଷଣା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସପ୍ତାହେ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ ହେବ ବୋଲି ଶୁକ୍ରବାର ପୁରୀରେ ସ୍ୱାଧୀନତା ଦିବସ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚାଳନା କମିଟି ଗଠନ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। କମିଟି ଗଠନ ପରେ ବୈଠକ ବସି ଅନୁମୋଦନ ପରେ ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି କରାଯିବ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ର ଦୁଇଜଣ ଅଧିକାରୀ ନିୟୋଜିତ ହୋଇସାରିଛନ୍ତି। ସେମାନଙ୍କ ଉପସ୍ଥିତିରେ ଗଣତି ମଣତି ହେବ।

## ପରଲୋକରେ କଟକର ପ୍ରସିଦ୍ଧ ଦହିବରା ବ୍ୟବସାୟୀ ରଘୁ ମଉସା

କଟକ, ୧୬। ୮(ସମିସ): ନା ସେଥିରେ ଘୁଘୁନି ମିଶୁଥିଲା ନା ପଡୁଥିଲା ପିଆଜ, ସେଓ। କିନ୍ତୁ ସେ ଦହିବରା ଆଳୁଦମର ସ୍ୱାଦ ଥିଲା ନିଆରା। ବାସ୍ନା ନାକରେ ବାଜୁବାଜୁ ପାଟିରୁ ଆପେଆପେ ଲାଳ ଗଡ଼ି ଆସୁଥିଲା। ଥରେ ଯିଏ ଖାଇଛି, ବାରମ୍ବାର ସେଠାକୁ ଦୌଡ଼ିଛି। ସାଙ୍ଗସାଥୀ, ସ୍ତ୍ରୀ-ପିଲା-ଛୁଆଙ୍କୁ ନେଇ ବି ଚଖେଇଛି। ଖାଲି କଟକ ନୁହେଁ, ଦୂରଦୂରାନ୍ତରୁ ବି ଲୋକେ କଟକ ଆସିଲେ, ସେଠି ଖାଇବାକୁ ଭିଡ଼ ଜମାଉଥିଲେ। କିନ୍ତୁ, ବଡ଼ ତରତରରେ ସେ ଆଳୁଦମ୍-ଦହିବରା ବାଢୁଥିବା ଲୋକଟାକୁ ଆଉ ଦେଖିବାକୁ ମିଳିବନି। କଟକ ବିଡାନାସୀରେ ବେପାର କରି ଆସୁଥିବା ପ୍ରସିଦ୍ଧ ରଘୁ ଦହିବରା ଓ ଆଳୁଦମର ମାଲିକ ରଘୁନାଥ ସାସମଲଙ୍କ ପରଲୋକ ଘଟିଛି। ରଘୁ ମଉସା ନାମରେ ଖ୍ୟାତ ସ୍ୱର୍ଗତ ସାସମଲ ତାଙ୍କ ବିଡାନାସୀ ଗୋପାଳସାହିସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୯୧ ବର୍ଷ ହୋଇଥିଲା। କଟକ ଦହିବରାକୁ ଦେଶବିଦେଶରେ ପରିଚିତ ଓ ପ୍ରସିଦ୍ଧ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି।



ରଘୁଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ ନିଶାମଣି, ପୁଅ ଲିଙ୍ଗରାଜ, ବନମାଳୀ ଓ ପୁତୁରା କେଦାରନାଥଙ୍କ ସମେତ ୫ଝିଅ ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଏପରିକି, ସାମାଜିକ ଗଣମାଧ୍ୟମରେ ରଘୁଙ୍କ ପରଲୋକ ଜନିତ ଖବର ଓ ଶୋକବାର୍ତ୍ତା ସମ୍ପୂର୍ଣ୍ଣ ଛାଇ ହୋଇଯାଇଛି।

## ବଲାଙ୍ଗିରରେ କୁକୁର କାମୁଡ଼ାରେ ୩ ମୃତ୍ୟୁ, ୬ ଗୁରୁତର

ଭୁବନେଶ୍ୱର, ୧୬।୮(ସମିସ): ବଲାଙ୍ଗିର ଜିଲ୍ଲା ଗୁଡ଼ଭେଲା ବ୍ଲକର ଚିଞ୍ଚେଡ ଗ୍ରାମରେ କୁକୁର କାମୁଡ଼ାରେ ୩ ଜଣଙ୍କ ଜୀବନ ଯାଇଛି। ଗୁରୁତର ଆହତ ୬ଜଣଙ୍କୁ ବଲାଙ୍ଗିର ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଭିମ୍ସାରକୁ ସ୍ଥାନାନ୍ତର କରାଯାଇଛି। ଏପରି ସ୍ପର୍ଶକାତର ଘଟଣାରେ ପ୍ରଶାସନର ନିରବତାକୁ ଦୃଢ଼ ସମାଲୋଚନା କରିଛି ବିଜେଡି। ଏହି ଘଟଣାରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ପିଏସି ସଦସ୍ୟା ଟୁକୁନି ସାହୁ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଜିଲ୍ଲା ପ୍ରଶାସନର ନିରବତାକୁ ତୀବ୍ର ସମାଲୋଚନା କରିଛନ୍ତି। ସରକାର ମୃତକଙ୍କ ପରିବାରବର୍ଗଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ସହ ଆହତମାନଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରନ୍ତୁ ବୋଲି ଶ୍ରୀମତୀ ସାହୁ ଦାବି କରିଛନ୍ତି।

## ହୀରାକୁଦ ଜଳସ୍ତର ୬୧୩.୪୧ ଫୁଟ୍

ସମ୍ବଲପୁର, ୧୬।୮ (ସମିସ): ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୪୧ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୬,୬୩୮ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୯୮୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୪୩୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୮.୦୬ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୪.୩୭ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୫.୩୭ ଫୁଟ୍ ରହିଥିଲା।

## ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୮(ସମିସ): ଅପପୁଷ୍ଟି ରୋକିବା ପାଇଁ କାର୍ଯ୍ୟକାରୀ ହେଉଥିବା ଟେକ୍-ହୋମ୍-ରାସନ୍ ଯୋଜନାରେ ଦିଆଯାଉଥିବା ଖାଦ୍ୟ ବିଶେଷକରି ଛତୁଆ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ପାଇଁ ଉପଯୁକ୍ତ ତଦାରଖ ଓ ମୂଲ୍ୟାଙ୍କନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି।

ଶନିବାର ଲୋକସେବା ଭବନରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଛତୁଆର ପ୍ରସ୍ତୁତି ଠାରୁ ଆରମ୍ଭ କରି ପ୍ୟାକେଜିଙ୍ଗ୍, ବଣ୍ଟନ ପର୍ଯ୍ୟନ୍ତ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆଣିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର ଯେପରି ମୁକାବିଲା କରିପାରିବେ, ସେଥିପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି।

ସେହିପରି ଓମ୍ବାଡ୍‌ସ ଜିଲ୍ଲାଗୁଡିକରେ ଶତ ପ୍ରତିଶତ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଏଆଇସିସି ନିଯୁକ୍ତ କଲା ୨୮ ଜଣିଆ ପର୍ଯ୍ୟବେକ୍ଷକ

**ନିଯୁକ୍ତ ହେବେ ଜିଲ୍ଲା କଂଗ୍ରେସ ସଭାପତି**

ଭୁବନେଶ୍ୱର,୧୬।୮(ସମିସ): ଦେଶର ୪ଟି ରାଜ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ଏଆଇସିସି ପକ୍ଷରୁ ସୃଜନ ଅଭିଯାନ ଆରମ୍ଭ କରାଯାଇଛି। ପଞ୍ଜାବ, ଉତ୍ତରାଖଣ୍ଡ, ଝାଡଖଣ୍ଡ ଓ ଓଡ଼ିଶାରେ ଜିଲ୍ଲା ଏଥିରେ ଥିବାବେଳେ ଏଆଇସିସି ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଓଡ଼ିଶା ପାଇଁ୨୮ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତି ମିଳିଥିବା ବେଳେ ଏମାନେ ଜିଲ୍ଲା କଂଗ୍ରେସ ସଭାପତି ଚୟନ କରିବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତର ପାକିସ୍ତାନରେ...

ସେହି ଅଞ୍ଚଳକୁ ଯିବା ସମ୍ଭବ ହୋଇପାରୁ ନାହିଁ। ପ୍ରବଳ ବର୍ଷା କାରଣରୁ ଶୁକ୍ରବାର ପାକିସ୍ତାନର ବିଭିନ୍ନ ଜିଲ୍ଲାରେ ଅଚାନକ ବନ୍ୟା ଆସିଥିଲା। ଏଥିରେ ୯ଟି ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ଜିଲ୍ଲାରେ ଦୁଇ ହଜାର ଉଦ୍ଧାରକାରୀ କର୍ମଚାରୀ ନିୟୋଜିତ ହୋଇଛନ୍ତି। କିନ୍ତୁ ଏବେ ବି ବହୁ ଇଲାକାରେ କର୍ମଚାରୀମାନେ ପହଞ୍ଚି ପାରି ନାହାନ୍ତି। ଖାଇବର ପଖତୁନରେ ବର୍ଷା କାରଣରୁ ଭୂସ୍ଖଳନ ମଧ୍ୟ ହୋଇଥିବାର ଖବର ମିଳିଛି। ଜଣେ ସେନା ଅଧିକାରୀ କହିଛନ୍ତି ଯେ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। କାରଣ ଅନେକ ଧ୍ୱସ୍ତବିଧ୍ୱସ୍ତ ଅଞ୍ଚଳକୁ ଉଦ୍ଧାରକାରୀ ଦଳ ଯାଇ ପାରି ନାହାନ୍ତି। ଏବେ ବି ଶତାଧିକ ଗାଁ ପାଣି ଘେରରେ ରହିଛନ୍ତି। ବର୍ଷା ଲାଗି ରହିଥିବାରୁ ଉଦ୍ଧାର କାର୍ଯ୍ୟ ହୋଇପାରୁ ନାହିଁ।

### ୬୫ ମୃତ...

ଭୂସ୍ଖଳନରେ ଅନେକ ଘର ଓ ଲୋକେ ମାଟି ତଳେ ଚାପି ହୋଇରହିଛନ୍ତି। କିସ୍ତୱାର ଜିଲ୍ଲାର ଚୋସିତି ଗ୍ରାମ ଧ୍ୱଂସ ହୋଇଯାଇଛି। ପାର୍ବତ୍ୟ ଅଞ୍ଚଳରେ ଥିବା ଏହି ଗ୍ରାମରେ ହଜାର ହଜାର ଶ୍ରଦ୍ଧାଳୁ ଏକ ଧାର୍ମିକ କାର୍ଯ୍ୟକ୍ରମ ପାଇଁ ଏକତ୍ରିତ ହେଉଥିବା ବେଳେ ଏଭଳି ବିପର୍ଯ୍ୟୟ ଘଟିଛି। ୬୫ ମୃତଦେହ ମଧ୍ୟରୁ ଏପର୍ଯ୍ୟନ୍ତ ୪୦ଟି ମୃତଦେହ ଚିହ୍ନଟ ହୋଇଛି। ୫୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏବେବି ୨୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି ବୋଲି କୁହାଯାଇଛି। ସେହିପରି ଏଥିରେ ୧୮୦ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତ ବ୍ୟକ୍ତିଙ୍କୁ କିସ୍ତୱାର- ଜମ୍ମୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆରଏଫ୍ ୩ଟି ଟିମ୍, ସେନାର ୩୦୦ରୁ ଊର୍ଦ୍ଧ୍ୱ ଯବାନ, ହ୍ୱାଇଟ୍ ନାଇଟ୍ କୋର ମେଡିକାଲ ଟିମ୍, ପୁଲିସ, ଏସ୍‌ଡିଆରଏଫ୍ ଓ ଅନ୍ୟ ଏଜେନ୍ସିଗୁଡିକ ସାମିଲ ରହିଛନ୍ତି।

### ଆଶା ବଢ଼ାଇଲା...

ବୋଲି ପୁଟିନ କହିଛନ୍ତି। ଯଦି ୨୦୨୨ରେ ଟ୍ରମ୍ପ ରାଷ୍ଟ୍ରପତି ହୋଇଥାନ୍ତେ, ତେବେ ଯୁଦ୍ଧ ହୋଇ ନଥାନ୍ତା ବୋଲି ପୁଟିନ କହିଛନ୍ତି। ସେହିପରି ଏହି ବୈଠକକୁ ହ୍ୱାଇଟହାଉସ ମଧ୍ୟ ବହୁତ ପ୍ରଶଂସା କରିଛି ଓ ଏହା ଫଳପ୍ରଦ ହୋଇଛି ବୋଲି କହିଛି। ରୁଷ୍ ତରଫରୁ ମଧ୍ୟ ସମାନକଥା କୁହାଯାଇଛି। ଏବେ ଯୁଦ୍ଧ ରୋକିବା ଜେଲେନ୍‌ସ୍କିଙ୍କ ଉପରେ ନିର୍ଭର କରୁଛି ବୋଲି ଟ୍ରମ୍ପ କହିଛନ୍ତି। ଖୁବଶୀଘ୍ର ପୁଟିନ ଓ ଜେଲେନ୍‌ସ୍କିଙ୍କ ମଧ୍ୟରେ ବୈଠକ ହେବ ବୋଲି ଟ୍ରମ୍ପ କହିଛନ୍ତି। ଆଲାସ୍କା ଯିବା ପୂର୍ବରୁ ପୁଟିନ ଆଙ୍କରେଜ୍ କବରସ୍ଥାନରେ ସୋଭିଏତ ସୈନିକଙ୍କ କବର ଉପରେ ଫୁଲ ଚଢ଼ାଇ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ଟ୍ରମ୍ପ ଏହି ବୈଠକକୁ ୧୦ରୁ ୧୦ ନମ୍ବର ଦେଇଛନ୍ତି। ଅନ୍ୟପଟେ ରୁଷିଆର ସୁରକ୍ଷା ଆମପାଇଁ ସର୍ବୋପରି ବୋଲି ପୁଟିନ କହିଛନ୍ତି। ଆଗାମୀ ବୈଠକ ମସ୍କୋ।।ରେ ଆୟୋଜନ କରିବାକୁ ପୁଟିନ ପ୍ରସ୍ତାବ ଦେଇଛନେ। ସମ୍ବାଦିକ ସମ୍ମିଳନୀରେ ଦୁହେଁ ନିଜ ବକ୍ତବ୍ୟ ରଖିବା ପରେ ଦୁଇ ନେତା ସେଠାରୁ ତୁରନ୍ତ ଚାଲିଯାଇଥିଲେ। ଅନ୍ୟପଟେ ଟ୍ରମ୍ପଙ୍କ ସହ ଦେଢଘଣ୍ଟା ଧରି କଥା ହୋଇଥିବା କଥା ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କି ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଜେଲେନ୍‌ସ୍କି ୧୮ ତାରିଖ ଅର୍ଥାତ ସୋମବାର ଆମେରିକା ଯାଇ ଟ୍ରମ୍ପଙ୍କୁ ଦେଖା କରିବେ।ସମ୍ପୂର୍ଣ୍ଣ ଭାବେ ଶାନ୍ତି ପ୍ରତିଷ୍ଠା କରିବାକୁ ୟୁକ୍ରେନ ପୂର୍ଣ୍ଣପ୍ରାଣରେ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଭାରତ ସରକାର ମଧ୍ୟ ଆଲାସ୍କା ବୈଠକ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି।

### ୨ ଭିସୁଟ୍ ପ୍ରଫେସର...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା।। ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିବା ପରେ ଭିସୁଟ୍ ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏ ନେଇ ପଦକ୍ଷେପ ଗ୍ରହଣ କରି ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ତଦନ୍ତ କରି କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦାଖଲ କରିଥିଲା। ସେହିପରି, ଆଉ ଏକ ବିଭାଗରେ ଜଣେ ମହିଳା ପ୍ରଫେସରଙ୍କୁ ଜଣେ ବିଭାଗୀୟ ପ୍ରଫେସର ଅସଦାଚରଣ କରିଥିଲେ। ଏହି ଘଟଣା ମଧ୍ୟ ଆଇସିସି ଦ୍ୱାରା ତଦନ୍ତ କରାଯାଇ ରିପୋର୍ଟ ଦିଆଯାଇଥିଲା। ଏହାପରେ ଭିସୁଟ୍ କର୍ତ୍ତୃପକ୍ଷ ଉପରୋକ୍ତ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ଉଭୟ ଘଟଣା ଗଣିତ ବିଭାଗ ଓ ପ୍ରଡକ୍ସନ ଇଞ୍ଜିନିୟରିଂ ବିଭାଗରେ ହୋଇଥିବା କୁହାଯାଉଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଅସ୍ୱୀକାର ନକଲେ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରୁନାହାନ୍ତି।

### ଗଠନ ହେବ...

ଏବଂ ଅର୍ଥନୈତିକ ଉନ୍ନତି ଏବଂ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ଶ୍ରୀ ପଟ୍ଟନାୟକ ଏଭଳି ଘୋଷଣା କରିଥିଲେ।

୨୦୨୪ ମସିହାରେ ୫୬ଟି ଏନ୍‌ଏସି ଘୋଷଣା କରାଯାଇଥିଲା ବେଳେ ଏହାର ଗୋଟିଏ ବର୍ଷ ପରେ ନୂତନ ସରକାର ଏନ୍‌ଏସି ଗଠନର ଡ୍ରାଫ୍ଟ ନୋଟିଫିକେସନ୍ ନେଇ ଆସିଛନ୍ତି। ଏହି ନୋଟିଫିକେସନ ଅନେକଙ୍କୁ ନିରାଶ କରିଛି। ଏଥିରେ ମାତ୍ର ୧୨ଟି ଏନ୍‌ଏସି ଗଠନ ହେବ ବୋଲି ଦର୍ଶାଯାଇଛି। ଅର୍ଥାତ୍ ନୂତନ ସରକାର ରାଜ୍ୟରେ ୪୪ଟି ଏନ୍‌ଏସି ଗଠନ ଉପରେ ନିରବ ରହିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି।

### ସମ୍ପତ୍ତି ପାଇଁ ପୁଅକୁ...

ଆସୁଥିଲେ। ଦିନକୁ ଦିନ ଏହି ବିବାଦ ଉଗ୍ର ହେବାରୁ ଜ୍ୟୋତିଙ୍କ ରାସ୍ତାରୁ ହଟାଇବା ପାଇଁ ବାପା, ସାବତ ମା' ଓ ସାବତ ଭାଇ ଷଡ଼୍‌ଯନ୍ତ୍ର ରଚିଥିଲେ। ଗତକାଲି ସେମାନେ ଜ୍ୟୋତିଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଜ୍ୟୋତିରଞ୍ଜନଙ୍କୁ ପ୍ରଥମେ ଅଠାନ୍ତର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ସଂପର୍କରେ ତାଙ୍କ ପତ୍ନୀ ବିଜୟଲକ୍ଷ୍ମୀ ବେହେରା ଅଭିଯୋଗ କରିବାରୁ ପୁଲିସ୍ ହସ୍ପିଟାଲରେ ପହଞ୍ଚି ଜ୍ୟୋତିଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରିଥିଲା। ସେଥିରେ ସେ କହିଥିଲେ ଯେ ତାଙ୍କ ବାପା, ସାବତ ମାଆ ଓ ସାବତ ଭାଇ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପରେ ତାଙ୍କ ଅବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା।

ଜ୍ୟୋତିଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ କହିଛନ୍ତି ଯେ ଜମିବାଡ଼ି ଓ ସମ୍ପତ୍ତି ପାଇଁ ବାପା, ସାବତ ମା' ଓ ଭାଇ ମାରିଛନ୍ତି। ପୂର୍ବରୁ ମାରପିଟ୍ ଘଟଣା ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏପରିକି, ବିଜୟଲକ୍ଷ୍ମୀଙ୍କ ମୁଣ୍ଡ ଫଟାଇ ଦେଇଥିଲେ ପ୍ରଭାତୀ। କିନ୍ତୁ ଅଭିଯୋଗ ପରେ ବି ହୋଇନଥିଲା କାର୍ଯ୍ୟାନୁଷ୍ଠାନ। ନିଜ ଘରେ ରହିବାକୁ ଭଡ଼ାଟିଆ ଭଳି ଭଡ଼ା ଦେଉଥିଲେ ମୃତ ଜ୍ୟୋତିରଞ୍ଜନ। ବାପା ଏବଂ ସାବତ ମା' ସାନ ପୁଅ ନାମରେ ସବୁ ସମ୍ପତ୍ତି କରିଦେଇଥିଲେ। ଏପରିକି, ସେମାନେ କୋଠା ଘରେ ରହୁଥିବା ବେଳେ ତାଙ୍କୁ ଏକ ଆଉଟ୍‌ହାଉସ୍ ଭଳି ଆଜବେଷ୍ଟସ୍ ଘର ରହିବାକୁ ଦେଇଥିଲେ। ତାହାର ମଧ୍ୟ ଭଡ଼ା ନେଉଥିଲେ ବୋଲି ପତ୍ନୀ ବିଜୟଲକ୍ଷ୍ମୀ କହିଛନ୍ତି। କେବଳ ସେତିକି ନୁହଁ ଭଡ଼ା ସାଙ୍ଗକୁ ଦେଉଥିଲେ ବାପାଙ୍କ ପ୍ରତିପୋଷଣର ଖର୍ଚ୍ଚ।


**OFFICE OF THE PANCHAYAT SAMITI: RAYAGADA SADAR** i-275
**DIST- RAYAGADA, PIN CODE-765001, ODISHA**
Tel No/ Fax No - 06856 - 223355, E-mail : ID: ori-brayagada@nic.in
INVITATION FOR BIDS (I.F.B)
e-Tender Notice
**IDENTIFICATION No. PS- RGDA No. 03 OF 2025-26 Dt: 14/08/2025**

1) The Block Development Officer, Rayagada Sadar, Rayagada invites Percentage Rate bid. in Single Cover System in ONLINE MODE for the construction of Additional Class Room Building work (Civil) as detailed in the Detailed Tender Call Notice( D.T.C.N) from the eligible class of contractors.
2) No. of works: 07(Seven) Nos.
3) Cost of Tender paper: Rs. 6000 /- (Rupees Six Thousand)only for each work
4) Class of Contractor: "D & C" Class
5) Date of Time of available in website receipt online: 11:00 Hrs of 19.08.2025 17.00 Hrs of 30.08.2025
6) Date of opening of Technical Bid : 11:00 Hrs of 01.09.2025
7) The Bidders have to participa te in ONLINE bidding only. Further details can be seen from the State Govt. Portal website https: tendersodisha.gov.in
8) Any Conigendum/ Addendum will be displayed in the website https://tendersodisha.gov.in only

Block Development Officer
Rayagada

OIPR-19322/11/0007/2526



**OFFICE OF THE PRINCIPAL PANCHAYAT SAMITI DEGREE COLLEGE,**
**BANGOMUNDA, DIST.- BALANGIR (ODISHA) PIN-767040**
**Mob.: 9078208298**

**TENDER CALL NOTICE**

Sealed tender are hereby invited from the intending manufacturers/ authorized stockists/ Distributors for supply of following items for upgrading I.T. infrastructure at Panchayat Samiti Degree College, Bangomunda, Dist. Balangir. The details specification and guidelines may be referd to Govt. of Odisha, Deptt. of Higher Education vide Letter No. 12655 Dated 05.03.2025

| Sl No. | ITEM/ DESCRIPTION | Quantity |
|---|---|---|
| 1 | DESKTOP ( Intel I3 (13100) or Higher, Chipset – Intel H770 or Higher, OS- Windows – 11 Home Factory Preloaded), Intel UHD Graphics 770 or higher, 512 GB NVMe SSD, 19.5" LED Display with CTO Certified same must be belongs to the same OEM, KEYBOARD, MOUSE | 12 |
| 2 | UPS – 600VA/ 360W, 230 VAC nominal, | 12 |
| 3 | MFM Printer (Print, Scan and Copy) A4 and Legal, Print Speed – 26 to 30, Auto Duplexing Printing (2 sided printing) | 02 |
| 4 | LED TV 65" (350 Nits or better), HDR10, HLG, Speaker Position – Down firing (10W + 10W), Android TV, Storage 16 GB, RAM – 3GB, WiFi, LAN | 01 |
| 5 | Wireless Mice and Camera ( Logitech Master Series Graphite MX Brio 4K Ultra HD Web Camera) for virtual meeting | 01 |
| 6 | Internet Facilities | |

The eligible bidders may submit their tender paper on or before 26.08.2025 through Regd. Post/ Speed Post. The undersigned reserves the right to cancel part or whole of tender/ quotation without specifying any reason thereof.

Sd/- Principal



GOVERNMENT OF ODISHA
OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR
Phone/Fax: 0680-2233996, e-mail: sernb2.ganjam@gmail.com
INVITATION FOR BIDS (IFB) [e-Procurement]
**TENDER CALL NOTICE**

**Bid Identification No. SC (R&B)-GM-II-08/2025-26** **No. 7310 Dated 11.08.2025**

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Double cover system (composite) to be received in **ONLINE MODE** only for the work as detailed below:
2) Nature of Work : Building work
3) No. of work : 01 No.
4) Tender Cost : Rs.10,000/-
5) Class of Contractor : 'B' Class
6) Availability of bid documents in the website : From 20.08.2025 10.00 AM to 02.09.2025 4.00 P.M.
7) Date of opening of Bid : 03.09.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
9) The bidders must submit all the original uploaded documents within 03 days from opening of the tender.

(Sd/- S. Panigrahi)
Superintending Engineer
Ganjam (R&B) Division No.II

OIPR-34080/11/0027/2526 B-402



**AFFIDAVIT (for Minor)**

By virtue of an Affidavit No.477 dtd-13/08/2025 Sworn before the Executive Magistrate Bisoi, I, Bhima Charan Tudu, At-Saraspada ,PO - Sunajodia, Ps-Bisoi, Dist Mayurbhanj, declared that my son Aadhaar card bearing No.7203 9238 6660 my son name has been wrongly written as YOSET TUDU instead of JOSEF TUDU.That both name as YOSET TUDU and JOSEF TUDU are same and one person.And I use to written my son name as JOSEF TUDU for any relevant documents.

**Bhima Charan Tudu**

**AFFIDAVIT**

I, Mohan Prsad Raiguru, S/o- Late Gokuleswar Raiguru, resident of At/Po.: Jagruti Vihar, Ps.: Burla, Dist. - Sambalpur, Pin - 768020, Odisha, declare by this affidavit No. 5144 dtd. - 12/08/2025 that now onwards I shall be known as **MOHAN PRASAD RAIGURU** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Banpur, vide no-3172, dated 14/08/2025 I, Kabiraj Pradhan, S/o- Dhaneswar Pradhan, of At- Sanahantuad, Po-Sanahantuad, Ps- Banpur, Dist-Khordha, declare that in my Adhar card my name is wrongly mentioned as **Kabraj Pradhan instead** of **Kabiraj Pradhan**. Henceforth, I shall be known as **Kabiraj Pradhan** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Ranpur, CF.NO-4/1, SL. NO. 902, dated 29-07-2025 I, **RUDRA MADHAB PRADHAN, S/o Pratap kishore Pradhan** permanent resident of Village At- Kandarasingh, PO-Basudia, PS- Ranpur, Dist- Nayagarh, State- Odisha, PIN- 752026, declare that I have changed my name from **RUDRA MADHAB PRADHAN** (Old name) to **SANTANU KUMAR PRADHAN** (New name), Henceforth, I shall be known as **SANTANU KUMAR PRADHAN** for all purposes.

Sd-( **SANTANU KUMAR PRADHAN** )

**AFFIDAVIT**

I, Manas Ranjan Sankhua, S/o- Chakradhar Sankhua, resident of At-Nuapatana, Po-Gujidarada, PS/Dist-Bhadrak, PIN- 756128, Odisha declared by this affidavit No. 1410, dtd-16/08/2025 that now onwards I shall be known as **Manas Ranjan Sankhua** for all future purposes.

**AFFIDAVIT**

By of an affidavit before Executive Magistrate, Khordha vide No.- 2188, Dt.14.08.2025 I, Fakirun Nisha, of Vill.- Mukundaprasad, Po- P.N. College, Ps-Industrial Estate, Dist-Khordha, Pin- 752057 complete declare that i have changed my name from **Fakrun Nisha** to **Fakirun Nisha**. Henceforth i shall be known as **Fakirun Nisha** for all purposes.

**AFFIDAVIT**

I, Manoj Kumar Singh S/o Madan Singh, presently residing at 1554, Sharma Chhak, 1st Floor, Talcher, Dist-Angul, PIN-759100, Odisha declare by this affidavit No.6569 dtd 14.08.2025 that now onwards I shall be known as **MANOJ SINGH** for all future purposes.

**LOST**

I, **Sekh Jakir**, C/o- Sekh Sabir, resident of At- Musalim Sahi, Balugaon Chilika, Dist-Khordha, Odisha. I was going Kuhuri to Balugaon way from lost my 3 land paper in somewhere, details given below:- **1) ROR Khata No- 321/566, and Plot No-7, 2) Sell Deed No. 2711, Doc No- 11101102712, 3) Deed No-1243.**
If anyone finds it kindly contact to my number: **9853277994** or Balugaon Police Station. If anyone will misutilize it, we will not be responsible for it.

**Sd/- Sekh Jakir**

**AFFIDAVIT**

By virtue of an affidavit (CF No. 06) sworn before The Executive Magistrate, Padampur, on dated-14/08/2025. I, **Naresh Kumar Saha**, S/o- Prahallad Saha, permanent & current resident of At-Putudera, Po- Khaliapali, Ps-Buden, Dist- Bargarh, PIN-768036, Odisha declare that I have changed my name from **Bhopal Saha** (old name) to **Naresh Kumar Saha** (new name). Henceforth, I shall be known as **Naresh Kumar Saha** (new name) for all future purposes.

**Naresh Kumar Saha**

**AFFIDAVIT**

By virtue of an affidavit sworn before The Notary Public, Bhubaneswar. I, **Tithi Das** declare that, after marriage I have changed my name from **Tithi Nayak** to **Tithi Das.** Henceforth, I shall be known as **Tithi Das,** W/o Guru Prasad Das for all future purposes.

**Tithi Das**

**AFFIDAVIT**

I, Pravallika Simhadri, W/o- Bhavani Raj Jami, resident of New Colony, 1st Lane, Ward No.13, Rayagada, PO/PS/Dist-Rayagada, Odisha declared by this affidavit No. 2335, dtd-12/08/2025 that now onwards I shall be known as **PRAVALLIKA JAMI** for all future purposes.

# ଅର୍ଜୁନପୁରରେ ଚାଷୀ ସମାବେଶ

## ତେଲନଦୀରେ ବ୍ୟାରେଜ୍ ନିର୍ମାଣ ଦାବି | ଉପକୃତ ହେବେ ୧୦ ପଞ୍ଚାୟତବାସୀ

ଦେଓଗାଁ,୧୬।୮ (ସମିସ)



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅର୍ଜୁନପୁର ଶିବମନ୍ଦିର ପରିସରରେ ଶୁକ୍ରବାର ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଚାଷୀ ନେତା, ସରପଞ୍ଚଙ୍କ ପ୍ରତିନିଧି ତଥା ସାମାଜିକକର୍ମୀ ଓ ୧୦ଟି ପଞ୍ଚାୟତର ଚାଷୀମାନେ ଯୋଗ ଦେଇଥିଲେ। ବର୍ତ୍ତମାନ ସ୍ୱଳ୍ପବୃଷ୍ଟିପାତ ଓ ଜଳବାୟୁ ପରିବର୍ତ୍ତନକୁ ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅର୍ଜୁନପୁର ନିକଟ ତେଲନଦୀ ଉପରେ ବ୍ୟାରେଜ ନିର୍ମାଣ ପାଇଁ ଦାବି ହୋଇଥିଲା। ଏଠାରେ ବ୍ୟାରେଜ ନିର୍ମାଣ ହେଲେ ବୃହତ ମେଗା ଉଠାଜଳସେଚନ ଥିବା ୧୩ନଂ ଜୋନର ୧୦ଟି ପଞ୍ଚାୟତର ୫୪ଟି ଗାଁରେ ଜଳସେଚନ ସମେତ ପାନୀୟଜଳ ସମସ୍ୟା ଦୂରହୋଇପାରିବ ବୋଲି ମତପ୍ରକାଶ ପାଇଥିଲା।ଅର୍ଜୁନପୁରନିକଟସ୍ଥ ବ୍ରାହ୍ମଣୀପଲା ଓ କେନ୍ଦୁଘାଟ(ଶାସନପାଲି) ତେଲନଦୀରେ ମେଗା ବୃହତ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ହେଉଥିବା ଜଳସେଚନ ବର୍ତ୍ତମାନ ମାତ୍ର ୬୫ ପ୍ରତିଶତ ଗାଁକୁ ଲାଗୁଥିବା ବେଳେ ଆଉ ୩୫ପ୍ରତିଶତ ଚାଷଜମିକୁ ପାଣି ଲାଗୁନାହିଁ। ପ୍ରତି ୨୦ହେକ୍ଟରରେ ନିର୍ମାଣ ହୋଇଥିବା ଆଉଟଲେଟ କୁ ବୃଦ୍ଧି କରାଯାଇ ପ୍ରତି ଗୋଟିଏ ହେକ୍ଟର ଜମିରେ ଗୋଟିଏ ଲେଖାଏଁ ଆଉଟଲେଟ କରିବାକୁ ଚାଷୀମାନେ ଦାବି କରିଥିଲେ। ରବିଚାଷ ପାଇଁ ସିଂହାଟିମାଲ, ଖଇରମାଲ, ମୁଣ୍ଡପଲା, ବ୍ରାହ୍ମଣୀପଲା, ଫଲସାପଦର, ଅର୍ଜୁନପୁର, କେନ୍ଦୁଘାଟ, ଗୌରଗୋଠ, ଆମଦହନ ଓ ରତାଖଣ୍ଡି ଗାଁ ଗୁଡ଼ିକରେ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପ କରିବାପାଇଁ ଚାଷୀମାନେ ଦାବି ଉପସ୍ଥାପନ କରିଥିଲେ। ଏଥିପାଇଁ ଏକ ଚାଷୀ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଗକୁ ଉକ୍ତଦାବି ପୂରଣ ନହେଲେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

# ତିନିଦିନ ଛୁଟି ଘୋଷଣା ଦାବିକଲା କୋଶଳ ମୁକ୍ତି ମୋର୍ଚ୍ଚା

ପାଟଣାଗଡ଼,୧୬।୮ (ସମିସ): ପଶ୍ଚିମ ଓଡିଶା ତଥା କୋଶଲାଞ୍ଚଳ ବାସିଙ୍କ ମହାନ ଗଣଭିତ୍ତିକ ପର୍ବ ନୂଆଖାଇ ପାଇଁ ରାଜ୍ୟ ସରକାର ତିନି ଦିନ ଛୁଟି ଘୋଷଣା ଦାବି ନେଇ ଗୁରୁବାର କୋଶଲ ମୁକ୍ତି ମୋର୍ଚ୍ଚା ର ସଦସ୍ୟ ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଉପଜିଲ୍ଲାପାଳ ପାଟଣାଗଡଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ଅନୁସାରେ ପଶ୍ଚିମଓଡ଼ିଶା ତଥା କୋଶଲାଞ୍ଚଳ ର ଦୁଇ କୋଟି ଜନସାଧାରଣଙ୍କ ମହାନ ଗଣପର୍ବ, ଭାଇଚାରାର ପର୍ବ, କୃଷିଭିତ୍ତିକ ପର୍ବ ହେଉଛି ନୂଆଁଖାଇ।ଏହି ପର୍ବ ପାଇଁ ପଶ୍ଚିମ ଓଡିଶାର ଲୋକେ

**● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର**

**● ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ**

ଅନ୍ୟ ରାଜ୍ୟ ତଥା ଦେଶ ବାହାରେ ଥିଲେ ମଧ୍ୟ ଘରକୁ ଫେରି ଏହି ମହାନ ପର୍ବରେ ସାମିଲ ହୋଇଥାନ୍ତି।ନୂଆଁଖାଇ ପଶ୍ଚିମ ଓଡ଼ିଶାରେ ସୀମିତ ନ ରହି ବାହାର ରାଜ୍ୟ, ଦେଶ ତଥା ଏପରିକି ବିଦେଶରେ ମଧ୍ୟ ପ୍ରବାସୀମାନେ ନୂଆଖାଇ ପାଳନ କରିଥାନ୍ତି। କିନ୍ତୁ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାବାସୀଙ୍କ ମହାନ ଗଣପର୍ବ ନୂଆଖାଇକୁ ବୈମାତୃକ ମନୋଭାବ ରଖି ଆସୁଛନ୍ତି। ପୂର୍ବ ଓଡ଼ିଶାରେ ସରକାର ରଜ ପର୍ବପାଇଁ ତିନି ଦିନ ଛୁଟି ଘୋଷଣା କରିଥିବାବେଳେ ନୂଆଖାଇ ପାଇଁ କେବଳ ଗୋଟିଏ ଦିନ ଛୁଟି ମଞ୍ଜୁର କରିଛନ୍ତି। ଏଣୁ ନୂଆଖାଇ ପାଇଁ ତିନି ଦିନ ଛୁଟି ଘୋଷଣା ସହ ସରକାରୀ କ୍ୟାଲେଣ୍ଡରରେ ଏହାକୁ ସ୍ଥାନିତ କରିବା ପାଇଁ ଦାବି କରିଛି କୋଶଲ ମୁକ୍ତି ମୋର୍ଚ୍ଚା। ଗୁରୁବାର କୋଶଲ ମୁକ୍ତି ମୋର୍ଚ୍ଚାର ଆବାହକ ଶ୍ରୀ ଗିରିରାଜ ଭୋଇଙ୍କ ନେତୃତ୍ୱରେ ପାଟଣାଗଡ଼ କଚେରୀ ଛକ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳ ପାଟଣାଗଡ଼ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚି ସରକାରଙ୍କ ପଶ୍ଚିମ ଓଡିଶା ପ୍ରତି ବୈମାତୃକ ମନୋଭାବ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ କୋଶଲ ସଂଗ୍ରାମୀ ମାନେ।ପରେ ପାଟଣାଗଡ଼ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ନୁଆଁଖାଇକୁ ତିନି ଦିନ ସରକାରୀ ଛୁଟି ଘୋଷଣା ସହ ସରକାରୀ କେଲେଣ୍ଡରରେ ସ୍ଥାନ ଦେବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ ହେବ ସେଥିପାଇଁ ପ୍ରଶାସନ ସହ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।ଦାବିପତ୍ର ପ୍ରଦାନ ସମୟରେ କୋଶଲ ମୁକ୍ତି ମୋର୍ଚ୍ଚାର ଜଗନ ମେହେର, ଜିତୁ ନାଏକ, ଜନସନ ନାଗ, ସୁବାଷ ଚନ୍ଦ୍ର ଆଚାର୍ଯ୍ୟ, ଜନାର୍ଦନ ସିଂ,ପ୍ରକାଶ ସାହୁ, ଅଭିଲାଷ ଭୋଇ, ଜୈସିଂ ପୂଝାରୀ, ସନ୍ତୋଷ ପଧାନ, ଝସକେତନ ରାଏ, ଧବଳେଶ୍ୱର ଭୋଇ,ରମେଶ କୁମୁରା, ରଞ୍ଜିତ ସାହୁ, ଯୁଧିଷ୍ଠିର ମିର୍ଦ୍ଧା, କାର୍ତ୍ତିକ ହଂସ, ଭଗବାନ ମାଝୀ, କୈଳାଶ ବେହେରା, ରାଜ କିଶୋର ଛତ୍ରିଆ, ଅମ୍ଳାନ ପଧାନ, ବୀରେନ୍ଦ୍ର ବାଗଙ୍କ ସହ ଅନେକ କୋଶଲ ସଂଗ୍ରାମୀ ଉପସ୍ଥିତ ଥିଲେ।

### ● ସେମାନେ ଯାହା କୁହନ୍ତି



ପଶ୍ଚିମ ଓଡ଼ିଶାକୁ ସରକାର ବାରମ୍ବାର ବୈମାତୃକ ମନୋଭାବ ଦେଖାଉଛନ୍ତି। ଆମର ତିହାର, ପୂଜା ପର୍ବ ଯାହା କିଛି ଅଛି ସବୁକୁ ସରକାର ଅଣଦେଖା କରୁଛନ୍ତି। ପ୍ରତିବର୍ଷ କେତେ ଆନ୍ଦୋଳନ ପରେ ଗୋଟିଏ ଦିନ ଛୁଟି ମିଳୁଛି। ଆମ ପରମ୍ପରା ଅନୁସାରେ ତିନି ଦିନ ଛୁଟି ଦରକାର।

ଜନସନ ନାଗ (କୋଶଳ ମୁକ୍ତି ମୋର୍ଚ୍ଚା ସଦସ୍ୟ)



ପ୍ରତିବର୍ଷ ନୂଆଁଖାଇ ସମୟରେ ଦାବି କଲାପରେ ଗୋଟିଏ ଦିନ ଛୁଟି ମଞ୍ଜୁର ହେଉଛି। ପୂର୍ବ ଓଡ଼ିଶାର ରଜ ପର୍ବ ପଶ୍ଚିମ ଓଡ଼ିଶାରେ ପାଳନ ନ ହେଲେ ମଧ୍ୟ ତିନି ଦିନ ଆମେ ଛୁଟି ପାଳନ କରୁଛୁ। କିନ୍ତୁ ଆମର ଶିଘା ତିହାର ନୁଆଁଖାଇରେ ଗୋଟିଏ ଦିନ ଛୁଟି ମିଳୁଛି।ଯେହେତୁ ବାହାର ରାଜ୍ୟ ତଥା ଦେଶରୁ ନୁଆଁଖାଇ ପାଇଁ ଏଠାକୁ ଲୋକେ ଆସୁଛନ୍ତି ଯିବା ଆସିବା ପାଇଁ ତିନି ଦିନ ସମୟ ଲାଗୁଛି। ତେଣୁ ତିନିଦିନ ଛୁଟି ଘୋଷଣା କରାଯାଉ। ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ। ସେଥିପାଇଁ ପ୍ରଶାସନ ଦାୟୀ ରହିବ।

ଜଗନ ମେହେର (କୋଶଳ ମୁକ୍ତି ମୋର୍ଚ୍ଚା ସଦସ୍ୟ)



ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ନୂଆଁଖାଇ ପର୍ବକୁ ସରକାରୀ ଛୁଟିର ମାନ୍ୟତା ମିଳିପାରିନାହିଁ। ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ଦେଇଛୁ। ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ।

ଗିରିରାଜ ଭୋଇ (ଆବାହକ କୋଶଳ ମୁକ୍ତି ମୋର୍ଚ୍ଚା)

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ କୋର୍ଟ ଚାଲାଣ

ଦେଓଗାଁ,୧୬।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଜରାସିଂହା ଅଞ୍ଚଳରେ ଜନୈକା ନବମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଯୁବକ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗକୁ ଆଧାରକରି ଥାନାରେ କେସନଂ ୨୬୭/୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଯୁବକ ବରକାନୀର ଚୂଡ଼ାମଣି ମେହେର(୨୧)କୁ ପୁଲିସ କୋର୍ଟ ଚାଲାଣ କରିଥିବା ଡିଏସ୍‌ପି ସମର୍ଥ କେ. ବେହେରା ସୂଚନା ଦେଇଛନ୍ତି। ସୂଚନାନୁସାରେ ସଂପୃକ୍ତା ଛାତ୍ରୀ ଶୁକ୍ରବାର ବିଦ୍ୟାଳୟରେ ସ୍ୱାଧୀନତା ଦିବସ ସାରି ଘରକୁ ଫେରୁଥିବାବେଳେ ବାଟରେ ଚୂଡ଼ାମଣି ଛାତ୍ରୀଙ୍କୁ ଅଟକାଇ ଜୋରଜବରଦସ୍ତ ଧରି ଟଣାଓଟରା କରିଥିଲା। ଏଥିରେ ଛାତ୍ରୀଙ୍କ ଡ୍ରେସ୍ ଚିରିଯାଇଥିଲା। ଛାତ୍ରୀ ଘରକୁ ଆସି ଘଟଣା ସମ୍ପର୍କରେ କହିବାପରେ ପରିବାର ଲୋକେ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ।

## ବିବାହ ପାଇଁ ଅରାଜି ହେବାରୁ ପ୍ରେମିକଙ୍କୁ ପୁଲିସ ଜିମାଦେଲେ

ଦେଓଗାଁ,୧୬।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଞ୍ଚଳରେ ଇନ୍‌ଷ୍ଟାଗ୍ରାମରେ ପ୍ରେମ କରୁଥିଲେ ଜଣେ ଯୁବକ। ସମ୍ପର୍କ ନିବିଡ଼ ହେବା ପରେ ପ୍ରେମିକା ଘରକୁ ରାତିରେ ଲୁଚିଛପି ଯାଇଥିଲେ। ତେବେ ପ୍ରେମିକା ସହ ଘରଭିତରେ ଥିବାବେଳେ ପରିବାର ଲୋକଙ୍କ ହାତରେ ଧରାପଡ଼ିଗଲେ। ଧରାପଡ଼ିବା ପରେ ପରିବାର ଲୋକେ ବିବାହ ପାଇଁ କହିବାରୁ ଏଥିରେ ପ୍ରେମିକ ଅରାଜି ହୋଇଥିଲେ। ତେଣୁ ପ୍ରେମିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ଏବେ ପ୍ରେମିକକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏଭଳି ଘଟଣା ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରେମିକାଙ୍କ ଅଭିଯୋଗକୁ ଆଧାରକରି ଥାନାରେ କେସନଂ ୨୬୮/୨୫ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଯୁବକ ହେଲେ ବେଲପଡ଼ା ଥାନା ସେମେଲପାଲି ଗାଁର କହ୍ନେଇ ବାଗ(୧୯) ବୋଲି ଡିଏସପି ସମର୍ଥ କେ. ବେହେରା ସୂଚନା ଦେଇଛନ୍ତି।

## ମହିଳା ପୁଲିସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନୂଆପଡ଼ା,୧୬।୮ (ସମିସ): ନୂଆପଡ଼ା ଜିଲ୍ଲା ସଦର ଥାନା ରାଧାକୃଷ୍ଣ ପଡ଼ାରେ ରହୁଥିବା ଜଣେ ମହିଳା ପୁଲିସ କର୍ମଚାରୀଙ୍କ ମୃତଦେହ ଶନିବାର ନୂଆପଡ଼ା ରେଲୱେ ଫାଟକ ନିକଟରେ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛ। ମୃତକଙ୍କ ନାମ ରୁକ୍ମଣୀ ନାଗ (୨୮) ବୋଲି ଜଣା ପଡ଼ିଛି। ସେ ନୂଆପଡ଼ା ପୁଲିସରେ କାର୍ଯ୍ୟରତ ଥିଲେ। ସେ ରେଲୱେ ଫାଟକ ପାଖରେ ଥିବା ଏକ ଗଛରେ ଓଢ଼ନି ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ନୂଆପଡ଼ା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ନୂଆପଡ଼ା ମୁଖ୍ୟ ଡାକ୍ତରଖାନାରେ ରଖିଛି। ମହିଳା ପୁଲିସ କର୍ମଚାରୀ କାହିଁକି ଆତ୍ମହତ୍ୟା କଲେ ବର୍ତ୍ତମାନ ସନ୍ଦେହ ଘେରରେ ରହିଛି। ମୃତ ପୁଲିସ କର୍ମଚାରୀଙ୍କ ସ୍ୱାମୀ ମଧ୍ୟ ପୁଲିସ ବିଭାଗରେ କାମ କରୁଥିବା ଜଣାପଡିଛି। ପୁଲିସ ରାତିରେ ଶବ ବ୍ୟବଚ୍ଛେଦ କରାଇଛି। ଏକ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଲାଇଛି।

## ଏଟିଏମ୍‌ରେ ଟଙ୍କା ନଥିବାରୁ ନିରାଶ ଗ୍ରାହକ

କଳମପୁର,୧୬।୮ (ସମିସ): କଳମପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ଓ ଲଖିରାମ ଫୁଏଲ ପେଟ୍ରୋଲ ପମ୍ପ ନିକଟରେ ଅଞ୍ଚଳବାସୀଙ୍କ ପାଇଁ ମାତ୍ର ଦୁଇଟି ଏଟିଏମ ସ୍ଥାପିତ ହୋଇଛି। ଏହି ଦୁଇଟି ଏଟିଏମରେ ପରିଚାଳନା କରୁଥିବା ସଂସ୍ଥା ଟଙ୍କା ଜମା ନ କରିବାରୁ ଟଙ୍କା ଉଠାଣ ପାଇଁ ଆସି ଗ୍ରାହକ ମାନେ ନିରାଶରେ ଫେରି ଯାଉଛନ୍ତି। ଏଭଳି ପରିସ୍ଥିତି ପ୍ରାୟ ଏକ ସପ୍ତାହରୁ ଉର୍ଦ୍ଧ୍ୱ ହେବ ଲାଗି ରହିଥିଲେ ମଧ୍ୟ ପରିଚାଳନା କରୁଥିବା ସଂସ୍ଥା ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ଗ୍ରାହକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀ ରୁଆ କାମ କରୁଥିବା ବେଳେ ମଜୁରି ଦେବାକୁ ଅସୁବିଧା ଭୋଗୁଛନ୍ତି। ଆଗକୁ ଗଣେଶ ପୂଜା ସହିତ ନୂଆଁଖାଇ ପର୍ବ ପାଖେଇ ଆସୁଥିବା ବେଳେ ଏଟିଏମ ଧାରୀ ମାନେ ଏପରି ଅବ୍ୟବସ୍ଥା ଯୋଗୁଁ ହନ୍ତସନ୍ତ ହେଉଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

### ବିଜେପିର ନିର୍ବାଚନ ପ୍ରତିଶ୍ରୁତି ପାଣିର ଗାର

# ଭତ୍ତା ବାବଦକୁ ୩୦୦୦ଟଙ୍କା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର

ଭବାନୀପାଟଣା,୧୬।୮ (ସମିସ): ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ଦଳ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ୩୦୦୦ ରୁ ୩୫୦୦ ଟଙ୍କା କରିବା ପାଇଁ ସଂକଳ୍ପ ପତ୍ରରେ ଉଲ୍ଲେଖ କରିଥିଲା। ରାଜ୍ୟର ପାଖାପାଖି ୬୦ ଲକ୍ଷରୁ ଗରିବ ଓ ଅବହେଳିତ ଭତ୍ତାଧିକାରୀମାନେ ଟିକିଏ ଭଲରେ ବଞ୍ଚିବା ଆଶାରେ ଭୋଟ ଦେଇଥିଲେ। କିନ୍ତୁ ସରକାର ହେବାର ୬ ମାସ ପରେ କେବଳ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ଏବଂ ୮୦%ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ପାଇଁ ଭତ୍ତା ୩୫୦୦ଟଙ୍କା ଘୋଷଣା କଲେ। ଯାହାଦ୍ୱାରା ରାଜ୍ୟର କେବଳ ୪ ଲକ୍ଷ ୧୭ ହଜାର ହିତାଧିକାରୀ ଗତ ଜାନୁଆରୀ ୧୫ରୁ ଲାଭବାନ ହେଲେ। କିନ୍ତୁ ରାଜ୍ୟରେ ବାକି ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ, ବିଧବା, ଅବିବାହିତା ଓ ୪୦% ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ପାଖାପାଖି ୫୬ଲକ୍ଷ ଭତ୍ତାଧିକାରୀମାନେ ୧୪ମାସ ହେଲା ଭତ୍ତା ୩୦୦୦ଟଙ୍କା ଘୋଷଣାକୁ ଚାହିଁ ବସିଛନ୍ତି। ତେଣୁ ଆଜି 'ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ସଂଗଠନର ସଂଗଠକ ଇଂ. ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ସର୍କିଟ୍ ହାଉସରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମହୋଦୟଙ୍କୁ ଭେଟି ୪ଦଫା ଦାବିପତ୍ର ପ୍ରଦାନ କରିଥିଲେ। ପ୍ରତିଶ୍ରୁତି ଭତ୍ତା ୩୦୦୦ଟଙ୍କା କେବେ ଘୋଷଣା କରିବେ ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଏହାର କୌଣସି ସନ୍ତୋଷଜନକ ଉତ୍ତର ନରଖି ଆଗାମୀ ଦିନରେ ରାଜ୍ୟର ରାଜସ୍ୱକୁ ଦେଖି ବିଚାର କରାଯିବ ବୋଲି କହିଥିଲେ। ସରକାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପୂର୍ବରୁ ଘୋଷଣା ନ କଲେ, ସଂଗଠନ ହିତାଧିକାରୀଙ୍କୁ ଧରି ରାଜାରାସ୍ତାକୁ ଓହ୍ଲାଇବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସଂଗଠନର ନାରୀ ନେତ୍ରୀ କବିତା ରାଉତ, ନିରୋଦ ରାଉତ, ଓକିଲ କ୍ଷୀରୋଦ ନାଗ, ସସ୍ମିତା ସିଂ, ରାଜେନ୍ଦ୍ର ମହାରଣା, ଟଙ୍କଧର ସାହୁ, ମଧୁଲାଲ ନାଏକ, ସୌମ୍ୟରଞ୍ଜନ କର, କୁନୁ ଗଉଡ ପ୍ରମୁଖ ଉପସ୍ଥିତ ଥିଲେ।

## ଆସ ବୁଲିଯିବା ଆମ ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,୧୬।୮ (ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ଗର୍ଭବତୀ, ପ୍ରସୂତି ମହିଳା ଏବଂ ୭ ମାସରୁ ୩ ବର୍ଷ ଶିଶୁ ମାନଙ୍କ, ସୁପୋଷଣ ନିମନ୍ତେ ଛତୁଆ, ଚିନାବାଦାମ ଲଡୁ, ଚିକ୍କି, ସୁଜି ହାଲୁଆ ସହ ଅଣ୍ଡା ବଣ୍ଟନ ଏବଂ ୩ ବର୍ଷରୁ ୫ ବର୍ଷ ଶିଶୁ ମାନଙ୍କ ପାଇଁ କେନ୍ଦ୍ରରେ ଖାଦ୍ୟ ତିଆରି ହେଉଛି। ସେହିପରି ବାଳିକାମାନଙ୍କୁ ମଧ୍ୟ ଛତୁଆ ସହ ଅଣ୍ଡା ଦିଆ ଯାଉଛି। ଏହା କିପରି ଚାଲିଛି ତାହାକୁ ଲୋକ ଲୋଚନ ଆଣିବା ଏବଂ ତନଖିବା ପାଇଁ ସରକାର ପୁଣି ଆଉ ଏକ ନୂତନ ଯୋଜନା କରିଛନ୍ତି। ସେହି ଯୋଜନାଟିର ନାମ ହେଉଛି ଆସ ବୁଲିଯିବା ଆମ ଅଙ୍ଗନବାଡି କେନ୍ଦ୍ର। ଏହି ଯୋଜନାରେ ଅଙ୍ଗନବାଡି କର୍ମୀ, ଗାଁର ୱାର୍ଡସଭ୍ୟ, ଶିକ୍ଷକ, ଏସଏଚଜି ମହିଳା, ଏବଂ ଯାଞ୍ଚ କମିଟି, ମଦର କମିଟି ଏବଂ ଗାଁର ଅନ୍ୟାନ୍ୟ ଭଦ୍ରବ୍ୟକ୍ତିଙ୍କୁ ନିମନ୍ତ୍ରଣ କରିବା ସହ ନିଜ କେନ୍ଦ୍ରରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି।

ଅଙ୍ଗନବାଡି କର୍ମୀ ଗୋଲାପି ବାଗଙ୍କ ନିମନ୍ତ୍ରଣରେ ଗୋଇଣ୍ଡିମୁଣ୍ଡା ପଡା ନୂତନ ପ୍ରାଥମିକ ବିଦ୍ୟାଳୟ ସହ ଶିକ୍ଷକ ଖଗେନ୍ଦ୍ର ପ୍ରଧାନ, ଆଶା ଦିଦି ବିଦୁଲତା ମାଝି, ଏସଏଚଜିର ମହିଳା ବୃନ୍ଦ, ଯାଞ୍ଚ କମିଟି ସଭ୍ୟ, ସଭ୍ୟା, ମଦର କମିଟିର ସଭ୍ୟା ମାନେ ଏବଂ ଗାଁର ଅନେକ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସହାୟିକା ସେବନି ମାଝି ସହଯୋଗ କରିଥିଲେ।

# ପାଗଳ କୁକୁର ଆତଙ୍କ, ଜିଲ୍ଲାପାଳଙ୍କୁ ଫେରାଦ

ବଲାଙ୍ଗିର,୧୬।୮ (ସମିସ): ଆତଙ୍କ ଖେଳାଉଛନ୍ତି ପାଗଳ କୁକୁର। କିଛିଦିନ ମଧ୍ୟରେ କୁକୁର କାମୁଡ଼ାରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପରିକି ବହୁ ଗୃହପାଳିତ ପଶୁଙ୍କୁ କାମୁଡ଼ି ମାରି ଦେଉଛନ୍ତି। ଗତ କିଛି ଦିନ ହେଲା ଏହି ପାଗଳ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଯୋଗୁ ଗ୍ରାମବାସୀ ଭୟରେ ଘରୁ ବାହାରି ପାରୁନଥିବା ବେଳେ ଗାଁର ଶିଶୁଙ୍କ ଖେଳିବା ବି ବନ୍ଦ ହୋଇଯାଇଛି। କିଛି ଦିନ ତଳେ କୁକୁର କାମୁଡ଼ାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ଗାଁରେ କୁକୁର ଭୟ ସମସ୍ତଙ୍କୁ ଘାରିଛି। ତେବେ ଏହା ଗୁଡଭେଲା ବ୍ଲକ୍ ଚିଡେ ଗାଁରେ ଦୃଶ୍ୟ ହୋଇଥିବା ବେଳେ ଏହାର ସମାଧାନ ଓ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବି କରି ଶନିବାର ଜିଲ୍ଲାପାଳ ଅଫିସକୁ ଆସି ଗ୍ରାମବାସୀ ସହାୟତା ଦାବି କରିଛନ୍ତି।



ଗତ କିଛି ଦିନ ତଳେ ଗୁଡଭେଲା ବ୍ଲକ ଚିଡେ ଗାଁର କିଛି ଲୋକଙ୍କୁ କୁକୁର କାମୁଡି ଦେଇଥିଲେ। ଫଳରେ ସେମାନେ ଗୁରୁତର ହୋଇ ପ୍ରଥମେ ଗୁଡଭେଲା ପରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। କିଛି ବ୍ୟକ୍ତି ବଲାଙ୍ଗିରରେ ଆରୋଗ୍ୟ ଲାଭ କରିଥିବା ବେଳେ ଦୁଇ ଜଣ ଯୋଗେନ୍ଦ୍ର ଛତ୍ରିଆ (୩୩) ଓ ହୃଷିକେଶ ରଣା (୪୮)ଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୯ ତାରିଖ ରାତିରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ତେବେ ମୃତ୍ୟୁ ପରେ ସେମାନଙ୍କ ପରିବାର ଏବେ ଅସହାୟ ହୋଇପଡିଥିବା ବେଳେ ସେମାନଙ୍କୁ ସରକାରୀ ସହାୟତା ଏଯାଏଁ ପ୍ରଦାନ କରାଯାଇନାହିଁ। ମୃତ ଯୋଗେନ୍ଦ୍ର ଜଣ ଜାତୀୟ ସ୍ତରର ପାରା ଖେଳାଳି ହୋଇଥିବା ବେଳେ ତାଙ୍କ ମୃତ୍ୟୁ ରେ ଗାଁ ସ୍ତବ୍ଧ ହୋଇଯାଇଥିଲା। କେବଳ ଏତିକି ନୁହଁ ଗତ କିଛି ଦିନ ହେଲା ଚିଡେ ଗ୍ରାମବାସୀଙ୍କୁ ବୁଲା ପାଗଳ କୁକୁରଙ୍କ ଭୟ ଘାରିଛି। ଗାଁ ଚାରିଆଡ଼େ ଏହି ବୁଲା କୁକୁର ବୁଲୁଥିବା ବେଳେ ମଣିଷ, ପଶୁ ସମସ୍ତଙ୍କୁ କାମୁଡିବାକୁ ଗୋଡାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି କିଛି ଦିନ ଭିତରେ କୁକୁର କାମୁଡିବାରେ ଅନେକ ବ୍ୟକ୍ତି ଆହତ ହୋଇଥିବା ବେଳେ ଗାଇ, ମେଣ୍ଢା, କୁକୁଡ଼ାଙ୍କୁ ମଧ୍ୟ କାମୁଡି ସାରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତଥାପି ଏଥିପ୍ରତି କୌଣସି ପ୍ରଶାସନିକ ଅଧିକାରୀ ଧ୍ୟାନ ଦେଉନଥିବା ବେଳେ ଶନିବାର ଗ୍ରାମବାସୀ ମୃତକଙ୍କ ପରିବାର ଲୋକଙ୍କ ସହ ଜିଲ୍ଲାପାଳ ଅଫିସ ଘେରାଓ କରିଥିଲେ। ମୃତକ ପରିବାର ଲୋକଙ୍କ ପାଇଁ ସରକାରୀ ସହାୟତା ପ୍ରଦାନ, ଗୃହପାଳିତ ପଶୁପକ୍ଷୀଙ୍କ କ୍ଷତି ଯୋଗୁ କ୍ଷତିପୂରଣ ପ୍ରଦାନ ଓ ଭୟର କାରଣ ସାଜିଥିବା ବୁଲା କୁକୁରଙ୍କ ଦାଉରୁ ରକ୍ଷା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଗ୍ରାମବାସୀ ପ୍ରଦାନ କରିଥିଲେ।

### ● ଛାତ୍ର ଛୁରାମାଡ଼ ଘଟଣା

## ୯ ନାବାଳକ, ଜଣେ ପିଇଟି ଶିକ୍ଷକ କୋର୍ଟଚାଲାଣ

ଭବାନୀପାଟଣା,୧୬।୮ (ସମିସ): ଭବାନୀପାଟଣା ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମଠାରେ ସ୍ୱାଧୀନତା ଦିବସ ପ୍ୟାରେଡ ସମୟରେ ଜଣେ ଛାତ୍ରଙ୍କୁ ଛୁରାମାଡ ଘଟଣା ସହରରେ ଚହଳ ପକାଇଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ମନ୍ତ୍ରୀ ପତାକା ଉତ୍ତୋଳନ କରି ଫେରିବା ପରେ ଦୁଇ ଛାତ୍ର ଗୋଷ୍ଠୀ ଭିତରେ ଝଗଡା ତୀବ୍ର ରୂପ ନେଇଥିଲା। ଏହାପର ଜଣେ ଛାତ୍ର ଅନ୍ୟ ଜଣେ ଛାତ୍ରକୁ ଧାରୁଆ ଛୁରୀରେ ଅତର୍କିତ ଆକ୍ରମଣ କରିଥିଲା। ଫଳରେ ଛାତ୍ର ଜଣକୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣା ବିଜୁଳି ବେଗରେ ବ୍ୟାପିବା ପରେ ଗୁରୁତର ଛାତ୍ରଙ୍କ ପରିବାର ଓ ସାହି ବାସିନ୍ଦା ଥାନାରେ ପହଞ୍ଚି ଘଟଣାର ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି। ଘଟଣାରେ ଜଣେ ପିଇଟି ଶିକ୍ଷକଙ୍କ ଭୂମିକାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉକ୍ତ ପରିବାରର ଏତାଲାକୁ ଭିତ୍ତିକରି ଆଜି ପୁଲିସ ଉଭୟ ଗୋଷ୍ଠୀରୁ ୯ ଜଣ ଛାତ୍ର ଏବଂ ପିଇଟି ଶିକ୍ଷକଙ୍କୁ କୋର୍ଟ ଚାଲାଣ କରିଥିବା ଆଇଆଇସି ଯଶୋବନ୍ତ ହିଆଲ ସୂଚନା ଦେଇଛନ୍ତି। ଘଟଣାରୁ ଜଣାଯାଇଛି ଯେ, ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଏକମାସ ପୂର୍ବରୁ ନବରଙ୍ଗପୁର ଠାରେ ଅନୁଷ୍ଠିତ ହୋଇଥିବା କ୍ୟାମ୍ପରୁ ଆରମ୍ଭ ହୋଇଥିଲା। ଏହାପରେ ଚଳିତ ମାସ ଅଗଷ୍ଟ ପନ୍ଦର ପ୍ୟାରେଡ ଅଭ୍ୟାସ ସମୟରେ ତିନିଦିନ ଧରି ପରସ୍ପର ଭିତରେ କୁହୁଳୁଥିବା ଅଶାନ୍ତିରୁ ଛୁରାମାଡ଼ ଘଟିଥିବା କୁହାଯାଇଛି। ଏହାକୁ ନେଇ ପଡାବାସୀ ୨ ଦିନଧରି ନ୍ୟାୟ ଦାବିରେ ଥାନା ସମ୍ମୁଖରେ ଜମା ହୋଇଥିବା ଦେଖିବାକୁ ମିଳିଛି।

## ସୁବର୍ଣ୍ଣପୁର ଗଡ଼ଜାତ ପାଇଁ ନୂଆଁଖାଇ ଲଗ୍ନଧାର୍ଯ୍ୟ

ସୋନପୁର, ୧୬।୦୮ (ସମିସ): ଗଣପର୍ବ ନୂଆଁଖାଇ ଲାଗି ସୁବର୍ଣ୍ଣପୁର ଗଡ଼ଜାତ ଅଧୀନ ପାଇଁ ସୁବର୍ଣ୍ଣପୁର ଜିଲ୍ଲା ସମେତ ବୌଦ୍ଧ ଜିଲ୍ଲାର ପଞ୍ଚରା ଅଞ୍ଚଳ ସକାଶେ ଲଗ୍ନ ସ୍ଥିର ହୋଇଛି। ସୁବର୍ଣ୍ଣପୁର ରାଜବାଟୀ ପରିସରରେ ଥିବା ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପରେ ଆୟୋଜିତ ପଣ୍ଡିତ ମହାସଭାରେ ଏହି ଲଗ୍ନ ସ୍ଥିର ହୋଇଛି। ଜ୍ୟୋତିର୍ବିଦ୍ ରାଜେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ୫ ଜଣିଆ ପଣ୍ଡିତ ମଣ୍ଡଳି ଚଳିତବର୍ଷର ନୂଆଁଖାଇ ଲଗ୍ନ ସ୍ଥିର କରିଛନ୍ତି। ଆସନ୍ତା ୨୮ ତାରିଖ (ଗୁରୁବାର) ଭାଦ୍ରବ ଶୁକ୍ଲପକ୍ଷ ଋଷି ପଞ୍ଚମୀ ତିଥିର ସ୍ୱାତୀ ନକ୍ଷତ୍ରେ ବିଶୁଦ୍ଧ ତୁଳା ଲଗ୍ନର ପୂର୍ବାହ୍ନ ୧୧ଘଣ୍ଟା ୦୯ରୁ ୧୧ଘଣ୍ଟା ୨୩ମିନିଟ ମଧ୍ୟେ ଲଗ୍ନଧାର୍ଯ୍ୟ ହୋଇଛି। ଏହି ଲଗ୍ନ ମତେ ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କ ପାଖରେ ପାହୁର୍ ଭୋଗ ଲାଗି ହେବ। ୨୮ ତାରିଖ ଦିବା ୧୦ ରୁ ୧୦.୩୦ ମଧ୍ୟେ ସ୍ଥାନୀୟ ସମଲେଇ ମନ୍ଦିରରୁ ପାହୁର ଶୋଭାଯାତ୍ରାର କାର୍ଯ୍ୟକ୍ରମ ରହିଛି।

# ଓଡ଼ିଶା ରାଜସ୍ୱ ଅମଲା ସଂଘର ଜିଲ୍ଲାବ୍ୟାପି ସମୂହ ଛୁଟି

ନୂଆପଡ଼ା,୧୬।୮ (ସମିସ): ଗତ ସରକାର ସମୟରେ ଅମଲା ମାନଙ୍କ କ୍ୟାଡର ପୁନଃଗଠନ ପାଇଁ ବାରମ୍ବାର ଦାବି କରାଯାଇଥିଲା। ସରକାର ଏଥିପାଇଁ ନିର୍ଦ୍ଦେଶ କରିଥିଲେ। ବର୍ତ୍ତମାନର ସରକାର ଏହାକୁ କାର୍ଯ୍ୟକାରୀ କରିବା କଥା। ମାତ୍ର ଏଥିରେ ଟାଳଟୁଳ ନୀତି ଚାଲିଥିବା ଅଭିଯୋଗ କରି ରାଜ୍ୟ ଅମଲା ସଙ୍ଘର ଆହ୍ୱାନକ୍ରମେ ନୂଆପଡା ଜିଲ୍ଲା ଶାଖା ତରଫରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ରହି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ନୂଆପଡା ଜିଲ୍ଲା ସଦର ମହକୁମା ସମେତ ଜିଲ୍ଲାର ୫ଟି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣରେ ବସିଛନ୍ତି କର୍ମଚାରୀମାନେ। ଗତ ୧୧ତାରିଖରୁ ଆରମ୍ଭ ହୋଇଥିବା ଆନ୍ଦୋଳନରେ ସାରା ଜିଲ୍ଲାରେ ସରକାରୀ କାର୍ଯ୍ୟ ବନ୍ଦ ହୋଇ ପଡିଛି। ଗତ ମାସ ୨୫ ତାରିଖରେ ରାଜ୍ୟ ଅମଲା ସଂଘ ନୂଆପଡା ଶାଖା ଜିଲ୍ଲା ସଭାପତି ତ୍ରିଲୋଚନ ରଥଙ୍କ ନେତୃତ୍ୱରେ ୧୦ଦଫା ସମ୍ବଳିତ ଦାବିପତ୍ର ନୂଆପଡା ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ୧୫ ଦିନ ମଧ୍ୟରେ ଦାବି ଗୁଡିକ ପୂରଣ ନ ହେଲେ ଜୁଲାଇ ୭ ରୁ ୧୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରିବେ ଅବା ପରେ ସମୂହ ଛୁଟିରେ ଯିବେ ବୋଲି କୁହାଯାଇଥିଲା। କୌଣସି ସୁଫଳ ନମିଳିବାରୁ ୧୧ ତାରିଖରେ ସରକାରଙ୍କ ସହ ଆଲୋଚନା ବିଫଳ ହେଲା ପରେ ଆନ୍ଦୋଳନ ଆରମ୍ଭ ହୋଇଛି। ଏହାପରେ ନୂଆପଡା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲାପରିଷଦ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଜିଲ୍ଲା ସହ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ପାଞ୍ଚୋଟି ବ୍ଲକ୍, ତହସିଲ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାର ସେବା ବ୍ୟାହତ ହେଉଛି। ଦାବି ଗୁଡିକ ମଧ୍ୟରେ ମୁଖ୍ୟତଃ ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆରଏସପି ୪୯୭ ନିୟମ ଅନୁସାର ଲେଭେଲ ୯ କୁ ବୃଦ୍ଧି କରାଯିବା। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସକ ଏବଂ



## ୧୦ଦଫା ଦାବିରେ ୬ଦିନ ସରକାରୀ କାମ ବନ୍ଦ

ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ ବୋଲି ଦାବି କରାଯାଇଛି। ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଉ। ଓଡ଼ିଶା ରାଜ୍ୟ ସେବା ପଦ୍ଧତିରେ ରାଜସ୍ୱ ଅମଲା ମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି ଦିଆଯାଉ। ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଦାବି ଉଲ୍ଲିଖିତ ରହିଛି। ଆନ୍ଦୋଳନରେ ଜିଲ୍ଲା ସଭାପତି ତ୍ରିଲୋଚନ ରଥଙ୍କ ସମେତ, ସମ୍ପାଦକ ମଦନ ସୁନ୍ଦର ସାହୁ, କାର୍ଯ୍ୟକାରୀ ସଭାପତି ମନୋଜ ମହାରଣା, ମମତା ଶବର, ବରିଷ୍ଠ ସଦସ୍ୟା ମିନାକ୍ଷୀ ଦାସ, ରେଶମ ସାହୁ, ଅପର୍ଣ୍ଣା ଅଗସ୍ତି, ରିତା ବେହେରା, ରାଜ କିଶାନ ଡୋରା, କେଶବରାମ ପୁଞ୍ଜି, ମିନେଶ ଧରୁଆ, ଗୋକୁଳ ଯାନୀ, ଅଂବରୀଶ ମିଶ୍ର, ଆର୍ତ୍ତତ୍ରାଣ ମିଶ୍ର, ପୂଜା ଅରପିତା ଦାସ, କ୍ଷେତ୍ର ନାଏକ, ବିକ୍ରମ ହେର୍ଣ୍ଣା, ବିରଞ୍ଚି ନାଏକ, ହରିସିଂରାଜପୁତ, ଗୁପ୍ତେଶ୍ୱର ବେହେରା, ହିତେଶ ମେହେର, ବିକ୍ରମ ମାଝୀ, ବିଜୟଲକ୍ଷ୍ମୀ ଶବର, ସଞ୍ଜିତା ସାହୁ ପ୍ରମୁଖ ସାମିଲ ରହିଛନ୍ତି।

## ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

# ତ୍ରିରଙ୍ଗା ତଳେ ସଭିଏଁ ଏକାଠି






ସୋନପୁର, ୧୬।୮(ସମିସ): ସୁବର୍ଣ୍ଣପୁରର ରାମେଶ୍ୱର ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି । ଏହି ଉତ୍ସବରେ ଓଡ଼ିଶାର ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ତଥା କ୍ରୀଡ଼ା ଓ ଯୁବ ସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ । ସ୍ୱାଧୀନତା ସଂଗ୍ରାମୀ ଓ ଜିଲ୍ଲାର ବରପୁତ୍ରମାନଙ୍କୁ ମନେପକେଇ ଆଜି ଏହି ଜିଲ୍ଲାର ଗୁରୁବାରି ମେହେର, ଲକ୍ଷ୍ମଣ ଶତପଥୀ ଓ ଚତୁର୍ଭୁଜ ମିଶ୍ରଙ୍କ ଭଳି ସଂଗ୍ରାମୀଙ୍କ ବଳିଦାନ ଆଗାମୀ ପିଢିଙ୍କୁ ପ୍ରେରିତ କରିବ ବୋଲି କହିଥିଲେ । ପାତାଳୀ ଶ୍ରୀକ୍ଷେତ୍ର ଓ ସନ୍ଥ କବି ଭୀମଭୋଇଙ୍କ ପାଇଁ ଏ ମାଟିର ଏକ ସ୍ୱତନ୍ତ୍ର ପରିଚୟ ଅଛି ବୋଲି କହିଥିଲେ । ଏ ମାଟିର ଉଚ୍ଚ କୋଟିର କଳା, ସଂସ୍କୃତି ଓ ପରମ୍ପରାକୁ ସେ ଭୁୟସୀ ପ୍ରଶଂସା କରିଥିଲେ । ଏହାସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନକୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ପରେଡ ଶେଷ ହେବାପରେ ସୋନପୁର ସହର ସ୍ଥିତ ଶିଶୁ ଗୃହର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ପୋଷକ ବଣ୍ଟନ, ଜିଲ୍ଲା କାରାଗାରର ଅନ୍ତେବାସୀଙ୍କ ସହ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ରୋଗୀମାନଙ୍କୁ ମନ୍ତ୍ରୀ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରିଥିଲେ । ପରେ ସୋନପୁର ବ୍ଲକ ଅନ୍ତର୍ଗତ ଖଲିଆପାଲି ପଞ୍ଚାୟତ ସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ସମାଧୀ ପୀଠ ଗସ୍ତକରି ଉପସ୍ଥିତ ସନ୍ୟାସୀ ଓ କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରିଥିଲେ । ବିନିକା ବ୍ଲକ୍ ଅଧୀନ ଚରଦା ଗ୍ରାମକୁ କପିଳେଶ୍ୱର ଶିବ ମନ୍ଦିର ଓ ଚରଦେଇ ଦେବୀଙ୍କ ଦର୍ଶନ କରିଥିଲେ । ଅପରାହ୍ନରେ ମନ୍ତ୍ରୀ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ଗ୍ରାମ ପଞ୍ଚାୟତ ସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର ଗସ୍ତ ସମୟରେ ରାସ୍ତାରେ ସୁବର୍ଣ୍ଣପୁର କୁଷ୍ଠାଶ୍ରମ ଗସ୍ତ କରି ଅନ୍ତେବାସୀଙ୍କ ସହିତ ଆଲୋଚନା କରି ସେମାନଙ୍କ ସମସ୍ୟା ଗୁଡ଼ିକ ପଚାରି ବୁଝିଥିଲେ । ଏହି ପବିତ୍ର ଦିବସ ପାଳନ ଅବସରରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଜିଲ୍ଲାପାଳ ଡ.ନୃପରାଜ ସାହୁ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

**ବୌଦ୍ଧ :** ଜିଲ୍ଲା ଷ୍ଟାଡିୟମ ପଡ଼ିଆରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିଲେ । ପରେଡରେ ସର୍ବମୋଟ ୩୭ ଟି ଦଳ ଅଂଶଗ୍ରହଣ କରିଥିଲେ । ଜୁନିଅର ସିଭିଲିଆନରେ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ, ସରସରା - ପ୍ରଥମ, ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର - ଦ୍ୱିତୀୟ, ସିନିଅର ସିଭିଲିଆନରେ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲ - ପ୍ରଥମ, ଓଡିଶା ଆଦର୍ଶ ବିଦ୍ୟାଳୟ - ଦ୍ୱିତୀୟ, ନନ୍‌ସିଭିଲିଆନରେ ବୌଦ୍ଧ ପଂଚାୟତ ମହାବିଦ୍ୟାଳୟର ଏନସିସି - ପ୍ରଥମ, ପି. ଏମ. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ - ଦ୍ୱିତୀୟ, ସେହିପରି ଶାରୀରିକ କ୍ରୀଡ଼ାରେ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚବିଦ୍ୟାଳୟ, ସରସରା - ପ୍ରଥମ, ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲ - ଦ୍ୱିତୀୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ଗୌରୀ ଶଙ୍କର ପବ୍ଲିକ ସ୍କୁଲ - ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । କୁଳମଣି ଗିରି, ରିଜର୍ଭ ଇନ୍ସପେକ୍ଟର ପରିଚାଳନା କରିଥିବାବେଳେ ସରଜେଣ୍ଟ ଖଗେଶ୍ୱର ବିଶ୍ୱାଳ, ସୁବ୍ରତ କୁମାର ଜେନା ଏବଂ ବର୍ଣ୍ଣି ମିର୍ଦ୍ଧା ସହଯୋଗ କରିଥିଲେ । ନଗେଶ ଜେନା, ସତ୍ୟ ନାରାୟଣ ବିନ୍ଧାଣି ଏବଂ ସୂର୍ଯ୍ୟ ନାରାୟଣ ପଣ୍ଡା ଯୋଗ ଦେଇଥିଲେ । ସନ୍ଧ୍ୟା କାର୍ଯ୍ୟକ୍ରମର ଅତିଥିଭାବେ ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜ୍ୟୋସ୍ନାରାଣୀ ପାଢ଼ୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଲିପସା ପଟ୍ଟନାୟକ, ସହକାରୀ ଜିଲ୍ଲାପାଳ ଶରତ ଚନ୍ଦ୍ର ମିଶ୍ର, ସହକାରୀ ଜିଲ୍ଲାପାଳ ଚାନ୍ଦିନୀ ମେହେର, ସଭାପତି, ଜିଲ୍ଲା ୟୁନିଅନ ପରିଷଦ ଚିତ୍ତରଞ୍ଜନ ଦାଶ, ପ୍ରଧାନ ଶିକ୍ଷୟତ୍ରୀ ପଦ୍ମଜା ପତି, ଗୋପାଳ କୃଷ୍ଣ ବେହେରା ଯୋଗ ଦେଇଥିଲେ । ଏହି ଅବସରରେ ସେନା ବାହିନୀର ବୀର ଯବାନମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ତନ୍ମଧ୍ୟରେ ସୁବେଦାର ଅଞ୍ଜନ କୁମାର ଯୋଷୀ, ଏୟାର ଭେଟେରାନ ସୂର୍ଯ୍ୟ ନାରାୟଣ ପଣ୍ଡା ଏବଂ ହାବିଲଦାର ଫଣୀ ହୋତାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଜିଲ୍ଲା ପରିଷଦ ସ୍ୱଚ୍ଛ ଭାରତ ପ୍ରଜ୍ଞାପନ ମେଢ଼ରେ ପ୍ରଥମ, ବୌଦ୍ଧ ବ୍ଲକ ଅନ୍ତୋଦୟ ଗୃହ ଯୋଜନା ମେଢ଼ କରି ଦ୍ୱିତୀୟସ୍ଥାନ ଅଧିକାର କରିଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ମିଶନ ଇ ୧, ଶିଶୁ ସୁରକ୍ଷା ବିଭାଗ, ବୌଦ୍ଧ ବନଖଣ୍ଡ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରଜ୍ଞାପନ ମେଢ଼କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ ।

**ବାଉଁଶୁଣି :** ବୌଦ୍ଧ ଜିଲ୍ଲା ବାଉଁଶୁଣିରେ ସ୍ୱାଧୀନତା ଦିବସ ପାଳନ ରୌପ୍ୟ ଜୟନ୍ତୀ ଉତ୍ସବ ବାଉଁଶୁଣି ନୋଡାଲ ହାଇସ୍କୁଲ୍ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ଦଶରଥ ମେହେର, ମୁଖ୍ୟ ଅତିଥି ରୁପଧର ନାଏକ, ପଦ୍ମଶ୍ରୀ ହଳଧର ନାଗ, ଆବାହକ ରାଜେନ୍ଦ୍ର ମେହେର, ସଂଯୋଜକ ପ୍ରବୀଣ ମିଶ୍ର, ବରିଷ୍ଠ ସଦସ୍ୟ ପ୍ରଭାସ କୁମାର ରଥ ଓ ଗୋକୁଳାନନ୍ଦ ଚାନ୍ଦଙ୍କ ଉପସ୍ଥିତିରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ମିଳିତ ପରେଡ୍ କାର୍ଯ୍ୟକ୍ରମ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ପୂର୍ବରୁ ୨୫ଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ର ଛାତ୍ରୀ ଙ୍କୁ ପ୍ରମାଣ ପତ୍ର ଦେଇ ପୁରସ୍କୃତ କରଯାଇଥିଲା ।

**ବୀରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ବୀରମହାରାଜପୁର କଲେଜର ଏନ୍‌ସିସି, ସ୍କାଉଟ ଗ୍ରୁପ୍, ରେଡକ୍ରସ୍ ଗ୍ରୁପ୍, ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ, ଗଣପତି ଆଦର୍ଶ ଶିକ୍ଷା ନିକେତନ, ଓ ବିଭିନ୍ନ ସ୍କୁଲ୍‌ର ଛାତ୍ରଛାତ୍ରୀ ପରେଡରେ ଭାଗ ନେଇଥିଲେ । ମୁଖ୍ୟଅତିଥି ଭବେ ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେର ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ଉପଖଣ୍ଡ ପୁଲିସ୍ ଅଧିକାରୀ ହେମନ୍ତ ରାଓ, ରେଭିନ୍ୟୁ ଅଫିସର୍ ଅଜିତ୍ ମିର୍ଦ୍ଧା, ତହସିଲଦାର ସୁଚିସ୍ମିତା ପାଣିଗ୍ରାହି, ବିଡିଓ ପୁରୁଷୋତ୍ତମ ଧରୁଅ, ଥାନା ଅଧିକାରୀ, ଅଗ୍ନି ସେବା ଅଧିକାରୀଙ୍କ ସହ ଅନେକ ଶିକ୍ଷକ, ସମାଜସେବୀ ଉପସ୍ଥିତି ଥିଲେ ।

**ମନମୁଣ୍ଡା:** ମନମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ଦୀନବନ୍ଧୁ ସେଠୀଙ୍କ ନେତୃତ୍ୱରେ ଓ ସିଆର୍‌ସିସି ପ୍ରଜୀନା ପାଢ଼ୀ, ଶିକ୍ଷୟିତ୍ରୀ ସ୍ୱାଗତିକା ମିଶ୍ର, ରୀନାରାଣୀ ବସ୍ତିଆ, ତପସ୍ୱନୀ ବାରିକ, ସସ୍ମିତା ମେହେର, ସ୍ୱର୍ଣ୍ଣଲତା ପୁରୋହିତ, ଶିକ୍ଷକ ଭରତ ସେନାପତି, ପ୍ରଶାନ୍ତ ତରିଆଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ହାତରେ ତ୍ରିରଙ୍ଗା ପତାକା ଧରି ପ୍ରଭାତ ଫେରି କରିଥିଲେ । ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସିଆରସିସି ଶ୍ରୀମତୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ମନମୁଣ୍ଡା ଲୋପାମୁଦ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ସମ୍ପଦ ଭୁକ୍ତା, ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷୟିତ୍ରୀ ନିଳୀମା ମହାପାତ୍ର, ମନମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ନାଏକ, ବୁଲବୁଲି ନାୟକ, ଉମାକାନ୍ତ ସାଣ୍ଡେ, ସୁମିତ୍ରା ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

**ହରଭଙ୍ଗା:** ହରଭଙ୍ଗା ବ୍ଲକ୍‌ରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଚାରିଛକ ଠାରେ ଥିବା କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସିଂ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଝାଡ଼ରାଜିଙ୍ଗ ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀମାନେ ଯୋଗଦେଇ ପାରେଡରେ ଅଂଶଗ୍ରହଣ କରିଥିଲେ । ସାମ୍ବାଦିକ ବିଭୁଦତ୍ତ ବୋଷ, ଭାଗବତ ମେହେର, ସୁଶାନ୍ତ ବେହେରା, ସଦାନନ୍ଦ ନାଏକ, ବିଜୟ ନାଏକ, ପ୍ରଭାତ ନାଏକ, ଅକ୍ଷୟ ମହାକୁଡ଼ ବାସୁଦେବ ସାହୁ, କୁମୁଦ ସାହୁ, ବୃନ୍ଦାବନପାତ୍ର, ସର୍ବେଶ୍ୱର ଖେତୀ, ଶାଶ୍ୱତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

**ଡୁଙ୍ଗୁରିପାଲି:** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଛି । ସଂଘ ସମ୍ପାଦକ ମୁକେଶ ଭୋଇଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ବିଶିଷ୍ଟ କବି ଏବଂ ପ୍ରବଚକ ବିନୟ ଦଣ୍ଡସେନା ସଂଘ ସଭାପତି ପଦ୍ମବାଗ ଯାଦବଙ୍କୁ ଜାତୀୟ ପତାକା ଉତ୍ତୋଳନ କରିବା ସକାଶେ ନିମନ୍ତ୍ରଣ ଜଣାଇବା ପରେ ଶ୍ରୀବାଗ ଯାଦବ ଉତ୍ତୋଳନ କରିଥିଲେ । ସଂଘ ସଭାପତି ଶ୍ରୀବାଗ ଯାଦବ ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ । ବରିଷ୍ଠ ଆଇନଜୀବୀ ତପନ ଯୁଆଡ଼ି, ବରିଷ୍ଠ ସାମ୍ବାଦିକ ଦୀନବନ୍ଧୁ ସୁନା, ବରିଷ୍ଠ ସାମ୍ବାଦିକ ପ୍ରକାଶ ହାତୀ, ସାମ୍ବାଦିକ ସୁଦାମ ସାହୁ, ଉମାକାନ୍ତ ବାଗ୍, ରବୀନ୍ଦ୍ର ତ୍ରିପାଠୀ, ଗୋପାଳ ମାଝୀ, କୃଷ୍ଣଚନ୍ଦ୍ର ବାଗ ପ୍ରମୁଖ ସହଯୋଗ କରିଥିଲେ ।

**ତରଭା:** ତରଭା ଏନ୍‌ଏସି ସମେତ ବ୍ଲକର ସମସ୍ତ ୨୧ଟି ପଞ୍ଚାୟତରେ ସ୍ୱାଧୀନତା ଦିବସ ପାଳିତ ହୋଇଛି । ଏହି ସମୟରେ ଡାକ୍ତରଖାନା ମାନଙ୍କରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଫଳ ବିସ୍କୁଟ ବଣ୍ଟନ କରାଯାଇଥିବାବେଳେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ତରଭା ବାଳକ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ମୁଖ୍ୟ ଉତ୍ସବରେ ଏନଏସି ଅଧକ୍ଷା ବନ୍ଦିତା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ । ନଗରପାଳ ଶ୍ରୀମତୀ ନାଏକ ତାଙ୍କର ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନେ ଭଲଭାବେ ଅଧ୍ୟୟନ କରିବା ସହିତ ମହାପୁରୁଷ ମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ । ଅତିଥି ଭାବରେ ଭାରପ୍ରାପ୍ତ ବିଡିଓ ନିରଞ୍ଜନ ନାଏକ, ତହସିଲଦାର ଶ୍ୱେତୋଲୀନା ମହାଣା, ବଲାଙ୍ଗିର ସାଂସଦଙ୍କ ପ୍ରତିନିଧି ମାନସ ସାହୁ ଓ ସମସ୍ତ କାଉନସିଲର ମଞ୍ଚାସିନ ଥିଲେ । ପରେଡ଼ରେ ତରଭା ଏନ୍‌ଏସି ଅନ୍ତର୍ଗତ ୬ ଗୋଟି ବିଦ୍ୟାଳୟର ୧୪ ଗୋଟି ଟ୍ରୁପ ଯୋଗ ଦେଇଥିଲେ । ସିନିଅର ବିଭାଗରେ ଜବାହର ନବୋଦୟ ବିଦ୍ୟାଳୟ ପ୍ରଥମ ଓ ଓଏଭି ଜାମକାନି ଦ୍ୱିତୀୟ, ଜୁନିୟର ବିଭାଗରେ ଶ୍ରୀହରି ବିଦ୍ୟାନିକେତନ ପ୍ରଥମ ଓ ବାଳିକା ହାଇସ୍କୁଲ ଦ୍ୱିତୀୟ, ସବ୍‌ଜୁନିୟର ବିଭାଗରେ ଗୁଡୱିଲ ପବ୍ଲିକ ସ୍କୁଲ୍ ପ୍ରଥମ ଓ ଶ୍ରୀହରି ବିଦ୍ୟା ନିକେତନ ଦ୍ୱିତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । ଖେଳ ଶିକ୍ଷକ ସଞ୍ଜୀବ ସାହୁ ପେରେଡ ପରିଚାଳନା କରିଥିବାବେଳେ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ ।



## ପଲଶାଗୋରା ହାଇସ୍କୁଲରେ 'ଆସ ସ୍କୁଲ ଯିବା' ଶୋଭାଯାତ୍ରା




ପଲଶାଗୋରା,୧୬।୮(ସମିସ): କଣ୍ଟାମାଳ ବ୍ଲକ୍ ପଲଶାଗୋରା ମିଳିତ ଗ୍ରାମ ପଞ୍ଚୟାତ ଉଚ୍ଚ ବିଦ୍ୟାଳୟରେ ଆସ ସ୍କୁଲ ଯିବା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ୬୩ ଜଣ ଅଭିଭାବକ ଯୋଗ ଦେଇଥିଲେ । ଅଧାରୁ ପଠଛାଡ଼ିଥିବା ପିଲାମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବାପାଇଁ କୁହାଯାଇଥିଲା । ଏହି ଶୋଭାଯାତ୍ରାରେ ଅନ୍ତର୍ନିବେସୀ ଶିକ୍ଷା ସଂଯୋଜକ ହରିଶଙ୍କର ଦଣ୍ଡସେନା ଓ ଯୋଜନା ସଂଯୋଜକ ଦେବାଶିଷ ଦ୍ୱାରି ଯୋଗଦେଇଥିଲେ ।

## ମାଟ୍ରିକ ବ୍ଲକ୍ ଟପ୍ପର ଶୁଭମ ରଣାଙ୍କୁ ପୁରସ୍କୃତ କଲା ବ୍ଲକ୍ ପ୍ରଶାସନ

ଶଗଡା,୧୬।୮(ସମିସ): ମାଟ୍ରିକ ପରୀକ୍ଷାରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଅଞ୍ଚଳର ସମସ୍ତ ହାଇସ୍କୁଲର ପରୀକ୍ଷାର୍ଥୀ ମଧ୍ୟରୁ ଘଣ୍ଟାପଡା ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ ରଣା ବ୍ଲକ୍ ଟପ୍ପର ହୋଇଥିଲେ । ସ୍ୱାଧୀନତା ଦିବସରେ ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସ୍ୱାଧୀନତା ଦିବସ ଅବସରରେ କଣ୍ଟାମାଳ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ଉତ୍ସବରେ ବିଡିଓ ସାମିଜୟଶ୍ରୀ ରେଟ୍ଟି ସଭାପତିତ୍ୱ କରିଥିଲେ । କଣ୍ଟାମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ ମୁଖ୍ୟ ଅତିଥି, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ସିଡିପିଓ ପଙ୍କଜିନୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପୁରସ୍କୃତ ଛାତ୍ର ଶୁଭମକୁ ନିଜ ବିଦ୍ୟାଳୟରେ ଶନିବାର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଆଶୀର୍ବାଦ ପ୍ରଦାନ କରିଥିଲେ ।



## ଭୀମଭୋଇ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟରେ ସ୍ୱାଧୀନତା ଦିବସ



ଶଗଡ଼ା,୧୬।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଜାତୀୟ ତ୍ରିରଙ୍ଗା ପତକା ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତ୍ତୋଳନ କରାଯାଇଛି । ଏହିକ୍ରମରେ ଘଣ୍ଟାପଡା ପଞ୍ଚାୟତର କୋଡିବାହାଲ କୁରୁକୁପା ସ୍ଥିତ ମନବୋଧ ନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ଭିମଭୋଇ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥ ôଭାବେ ଘଣ୍ଟାପଡା ବନାଞ୍ଚଳ ଅଧିକାରୀ ସୁଧିର ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ମନବୋଧ ନନ୍ଦଙ୍କ ସଭାପତିତ୍ୱରେ ଘଣ୍ଟାପଡା ଥାନାଧିକାରୀ ବାଲ୍ମିକ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଚ୍ଚାଭିଳାଷୀ ହେବାକୁ ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ଉଦବୋଧନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଘଣ୍ଟାପଡା ପଞ୍ଚାୟତ ସରପଞ୍ଚ ରୀତା କହଁର, ପ୍ରଭାତ ସାହୁ ଏବଂ ମୁଖ୍ୟବକ୍ତା ଭାବେ ପରିଚାଳନା କମିଟି ସଭାପତି ବିପିନ ଭୋଇ ଯୋଗ ଦେଇ ସ୍ୱାଧୀନତା ଦିବସ ପାଳନ ଉପରେ ବକ୍ତବ୍ୟ ରଖିଥିଲେ । ପୂର୍ବରୁ ହୋଇଥିବା ବିଭିନ୍ନ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷକ ଘନଶ୍ୟାମ ନାଏକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ରାହାସ ବିଭାର ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ ।

**● ଛୁଟିରେ ରାଜସ୍ୱ ଅମଲା କର୍ମଚାରୀ**

## ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ; ହଇରାଣ ଲୋକେ

ବୀରମହାରାଜପୁର,୧୬।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକରେ କାର୍ଯ୍ୟରତ ସମସ୍ତ ରଜସ୍ୱ ଅମଲା କର୍ମଚାରୀ ଦୀର୍ଘ ୬ଦିନ ହେଲା ଛୁଟିରେ ଅଛନ୍ତି । ରାଜ୍ୟ ସଂଘର ପୂର୍ବ ନିଷ୍ପତ୍ତି କ୍ରମେ ୧୦ ଦଫା ଦାବି ପୂରଣ ନେଇ ରାଜ୍ୟସରକାରଙ୍କ ସହିତ ଆଲୋଚନା ବିଫଳ ପରେ ଏହି ଆନ୍ଦୋଳନ କର୍ଯ୍ୟ ବନ୍ଦ ପନ୍ଥା ବାଛି ନେଇଥିବାକୁ ବାଧ୍ୟ ହୋଇଥିବା ଆନ୍ଦୋଳନ କର୍ମଚାରୀମାନେ କହିଛନ୍ତି । ଅମଲା ସଂଘର କର୍ମଚାରୀଙ୍କ ସମୂହ ଛୁଟି ଯୋଗୁଁ ବୀରମହାରାଜପୁରର ଉପଜିଲ୍ଲାପାଳ ଅଫିସ, ବ୍ଲକ୍ ଅଫିସ, ଓ ତହସିଲ ଅଫିସ୍‌ର କର୍ମଚାରୀ ଧାରଣାରେ ବସିଛନ୍ତି । ଫଳର ସରକାରୀ କାମରେ ବାଧାପ୍ରାପ୍ତ ହେବାସହ ସାଧାରଣ ଜନସାଧାରଣ ହଇରାଣ ହରକତ ହେଉଛନ୍ତି । ଏହି ଧାରଣା ବୀରମହାରାଜପୁର ସେକ୍ସନ ଅଫିସର୍ ସଞ୍ଜୀବ ବାବୁଙ୍କ ନେତୃତ୍ୱରେ ଗିରିଧାରୀ ହୋତା, ପ୍ରମୋଦ କୁମାର ମହାନ୍ତିଙ୍କ ସହ ସମସ୍ତ ଅମଲା ସଂଘର କର୍ମଚାରୀ ସାମିଲ୍ ହୋଇଛନ୍ତି ।

## ଝାରତରଭା ହାଇସ୍କୁଲରୁ ଚୋରି

ତରଭା,୧୬।୮ (ସମିସ): ତରଭା ଥାନା ଅଧୀନ ଝାରତରଭା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ଶୁକ୍ରବାର ଚୋରି ହୋଇଥିବା ଥାନାରେ ରିପୋର୍ଟ ହୋଇଛି । ଚୋର ମାନେ ଅଫିସ ଗୃହର ସ୍କାଇ ଲାଇଟର ଗ୍ରୀଲ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ । ଅଫିସରେ ଥିବା ଡ୍ୟାସ୍କଟପ, ମନିଟର, ପ୍ରିଣ୍ଟର ଓ ଇନ୍‌ଭଟର ନେଇ ଫେରାର ମାରିଥିଲେ । ଶନିବାର ସକାଳ ୬.୩୦ରେ ସ୍କୁଲ ଖୋଲାଯିବା ପରେ ଚୋରି ହୋଇଥିବା ଜଣା ପଡିବାରୁ ପୁଲିସକୁ ଖବର ଦିଆଯାଇଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଥିବା ଜଣାଯାଇଛି ।

## ସାର ଓ କୀଟନାଶକ ଔଷଧ କଳାବଜାର

ବୀରମହାରାଜପୁର,୧୬।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳରେ ସାର ଓ କୀଟନାଶକ ଔଷଧ ବ୍ୟାପକ କଳାବଜାର ଯୋଗୁଁ ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି । ଦିନଥିଲା ଏହି ଅଞ୍ଚଳରେ ଚାଷୀମାନେ ଆଗୁଆ ଚାଷକରି ଅନ୍ୟ ଅଞ୍ଚଳର ଅପେକ୍ଷା ଅଧିକ ପରିମାଣରେ ଧାନ ଓ ପନିପରିବାରେ ଉତ୍ପାଦନ କରୁଥିଲେ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ବିଭିନ୍ନ ନକଲି ରାସାୟନିକ ସାର, କୀଟନାଶକ ଔଷଧ, ଭିଟାମିନ ଇତ୍ୟାଦିର୍ ବ୍ୟବହାର ଫଳରେ ଧାନ ଓ ପନିପରିବା ଅମଳ କମି ଯାଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି । ସେହିପରି ବିଭିନ୍ନ ସମୟରେ ନକଲି ସାମଗ୍ରୀକୁ ଅଧିକ ଦରରେ କିଣି ଚାଷୀ ତଳିତଳାନ୍ତ ହେଉଥିବା ଅଭିଯୋଗ ହୋଇଛି । କୃଷି ବିଭାଗ ପକ୍ଷରୁ ଆବଶ୍ୟକ ସଚେତନତା ସୃଷ୍ଟି ହେଉନଥିବା ଏବଂ ବେଆଇନ ନକଲି ଦୋକାନ ଗୁଡିକ ଉପରେ ଚଢ଼ଉ କରାନଯାଇ ସେମାନଙ୍କ ପ୍ରତି ଅନୁକମ୍ପା ଦେଖାଉଥିବା ମଧ୍ୟ ଅଭିଯୋଗ ହେଉଛି । ବିଭାଗୀୟ ଅବହେଳା ଯୋଗୁଁ ବୀରମହାରାଜପୁର, ସୁବଳୟା, ଖଣ୍ଡହତା, ମୂର୍ଷୁଣ୍ଡୀ ଆଦି ଅନେକ ଗାଁରେ ଅଣଲାଇସନପ୍ରାପ୍ତ ସାର, କୀଟନାଶକ ଔଷଧ ଦୋକାନ ଛତୁଫୁଟିଲା ଭଳି ଖୋଲିଛି । ଏହି ଅଞ୍ଚଳରେ ବର୍ତ୍ତମାନ ଧାନଚାଷରେ ୟୁରିଆ, ଗ୍ରୋମାର, ପଟସ ସାରର ଜରୁରୀ ଆବଶ୍ୟକତା ରହିଛି ।

## ବୌଦ୍ଧ ଜିଲ୍ଲାର କଳା, ସଂସ୍କୃତି ଓ ପର୍ଯ୍ୟଟନ ଉଚ୍ଚକୋଟିର

ବୌଦ୍ଧ,୧୬।୮(ସମିସ): ରାଜ୍ୟ ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଦିନିକିଆ ବୌଦ୍ଧ ଜିଲ୍ଲାଗସ୍ତରେ ଆସି ପହଞ୍ଚିଛନ୍ତି । ଶନିବାର ସକାଳେ ମନ୍ତ୍ରୀ ସୂର୍ଯ୍ୟବଂଶୀ ବୌଦ୍ଧର ରାମେଶ୍ୱର ମନ୍ଦିରରେ ପହଞ୍ଚି ବାବା ରାମେଶ୍ୱରଙ୍କ ଦର୍ଶନ କରିଥିଲେ । ଏଠାରେ ଥିବା ନାଲି ପଥରରେ ଅତ୍ୟନ୍ତ କାରୁକାଯ୍ୟ ପୂର୍ଣ୍ଣ ତିନୋଟି ମନ୍ଦିର ସହିତ ଗଡଜାତ ସମୟରେ ଅର୍ଦ୍ଧନିର୍ମିତ ହୋଇ ରହିଥିବା ମୁଖ୍ୟ ମନ୍ଦିର ବୁଲି ଦେଖିବା ସହ ଏଭଳି କାରୁକାର୍ଯ୍ୟ ଦେଖି ମନ୍ତ୍ରୀ ବେଶ ବିମୋହିତ ହୋଇଥିଲେ । ପରେ ମନ୍ତ୍ରୀ ମହାନଦୀ ଗର୍ଭରେ ଥିବା ମର୍ଯ୍ୟାକୁଦ ଦ୍ୱୀପର ଶେଷରେ ଥିବା କୁଲାରୀ କୁଦ ଇକୋରିଟ୍ରିଟକୁ ବୁଲି ଦେଖିଥିଲେ । ସେଠାରେ ଅତିଥି ବୃନ୍ଦ ଚାରା ରୋପଣ କରିଥିଲେ । ଏହାପରେ ବୌଦ୍ଧ ଜିଲ୍ଲା ସଂଗ୍ରହାଳୟକୁ ଯାଇ ମନ୍ତ୍ରୀ ରାଜରାଜୁଡା ସମୟରେ ବ୍ୟବହୃତ ପ୍ରାଚୀନ କୀର୍ତ୍ତିରାଜି, ଦୁର୍ଲଭ ଜିନିଷ ବୁଲି ଦେଖିଥିଲେ । ସେଠାରେ ପୂର୍ତ୍ତବିଭାଗର ଅଧିକାରୀମାନଙ୍କ ସହ ସଂଗ୍ରହାଳୟର ଉନ୍ନତୀକରଣ ଦିଗରେ ଡିପିଆର ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କ ସହ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲ୍ଲାପାଳ ବିଭୁତିଭୂଷଣ ନାଏକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ବୌଦ୍ଧ ଜିଲ୍ଲା ଆଥିଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ, ବିଜେପି ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଓମପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ବୌଦ୍ଧ ପଞ୍ଚାୟତ କଲେଜକୁ ସରକାରୀ ସ୍ୱୀକୃତି ସହ ବିଭିନ୍ନ ସମସ୍ୟା ର ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୬୭.୬୫ • ପାଉଣ୍ଡ ୧୧୮.୬୪
- ୟୁରୋ ୧୦୨.୩୫ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୯୬୩ (ନୂଆଦିଲ୍ଲୀ)
- ରୁପା : ୧,୧୬,୨୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୯୭.୦୦
- ନିଫ୍ଟି ୨୪,୬୩୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଗ୍ରାହକଙ୍କୁ ଝଟ୍‌କା ଦେଲା ଦେଶର ବଡ଼ ବ୍ୟାଙ୍କ

# ଗୃହ ଋଣ ମହଙ୍ଗା କଲା ଏସ୍‌ବିଆଇ

**ସୁଧହାର ବଢ଼ାଇଲା ୨୫ ବେସିସ୍ ପଏଣ୍ଟ**

ମୁମ୍ବାଇ, ୧୬।୮ (ଏଜେନ୍ସି)

ଭାରତର ସବୁଠାରୁ ବଡ଼ ସରକାରୀ ବ୍ୟାଙ୍କ ଏସ୍‌ବିଆଇ ଗ୍ରାହକଙ୍କୁ ବଡ଼ ଝଟ୍‌କା ଦେଇଛି। ଏହି ବ୍ୟାଙ୍କ ଗୃହ ଋଣର ସୁଧ ହାର ବଢ଼ାଇ ଦେଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସୁଧ ହାର ୨୫ ବେସିସ ପଏଣ୍ଟ ବୃଦ୍ଧି କରିଛି। ପୂର୍ବରୁ ଯେଉଁ ସୁଧ ହାର ୭.୫ରୁ ୮.୪୫ ପ୍ରତିଶତ ଥିଲା ଏବେ ତାହା ୭.୫ରୁ ୮.୭୦ ପ୍ରତିଶତ ହୋଇଯାଇଛି। ଏହି ବ୍ୟାଙ୍କ ଉପର ବ୍ୟାଣ୍ଡରେ ସୁଧ ହାର ବୃଦ୍ଧି କରିବାକୁ ଘୋଷଣା କରିଛି। ଏହା ଦ୍ୱାରା ସାଧାରଣ ନାଗରିକଙ୍କ ପାଇଁ ଗୃହ ଋଣ ମହଙ୍ଗା ହୋଇଯିବ। ଘର କରିବା ମଧ୍ୟ ଅଧିକ କଠିନ ହେବ। ଏହି ନିଷ୍ପତ୍ତି ଦ୍ୱାରା କ୍ରେଡିଟ ସ୍କୋର କମ୍ ଥିବା ଲୋକେ ବେଶୀ ପ୍ରଭାବିତ ହେବେ। କାରଣ ବ୍ୟାଙ୍କଗୁଡ଼ିକ ଋଣ ହାରର ସର୍ବାଧିକ ସୀମାକୁ ବୃଦ୍ଧି କରିଦେଇଛନ୍ତି। ଆଗାମୀ ଦିନରେ ଅନ୍ୟ ସରକାରୀ ବ୍ୟାଙ୍କଗୁଡ଼ିକ ମଧ୍ୟ ଏପରି ନିଷ୍ପତ୍ତି ନେଇପାରନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ଥର ରେପୋ ରେଟ୍‌କୁ ଅପରିବର୍ତ୍ତିତ ରଖିଥିବାବେଳେ ବ୍ୟାଙ୍କଗୁଡ଼ିକ ସୁଧ ହାର ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ବୈଠକକୁ ଛାଡ଼ି ଦେଲେ ତା ପୂର୍ବରୁ ଆର୍‌ବିଆଇ କ୍ରମାଗତ ଭାବେ ରେପୋ ରେଟ୍ ହ୍ରାସ କରିଛି।

ଜୁଲାଇ ଶେଷରେ ଏସ୍‌ବିଆଇର ଗୃହ ଋଣ ଉପରେ ସୁଧ ହାର ୭.୫ ରୁ ୮.୪୫ ପ୍ରତିଶତ ଥିଲା। ସେହିପରି ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟ ଜୁଲାଇ ଶେଷରେ ନିଜ ସୁଧ ହାର ବଢ଼ାଇ ୭.୩୫ରୁ ବଢ଼ାଇ ୭.୪୫ ପ୍ରତିଶତ କରି ଦେଇଥିଲା। ଅନ୍ୟପଟେ ଏଚ୍‌ଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଆକ୍ସିସ ବ୍ୟାଙ୍କ ଭଳି ଘରୋଇ ବ୍ୟାଙ୍କର ସୁଧ ହାର ଯଥାକ୍ରମେ ୭.୯୦ ପ୍ରତିଶତ, ୮ ପ୍ରତିଶତ ଏବଂ ୮. ୩୫ ପ୍ରତିଶତ ରହିଛି। ରିପୋର୍ଟ ଅନୁଯାୟୀ ଏସ୍‌ବିଆଇ ସିବିଲ ସ୍କୋର ଏବଂ ଏକ୍ସଟରନା ବେଞ୍ଚମାର୍କ ଲେଣ୍ଡିଂ ରେଟ (ଇବିଏଲଆର) ଆଧାରରେ ସୁଧ ହାରରେ ପରିବର୍ତ୍ତନ କରିଛି।

## ଆରମ୍ଭ ହେଲା ବର୍ଷିକିଆ ଫାସଟାଗ୍

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଅଗଷ୍ଟ ୧୫ରୁ ସାରା ଦେଶରେ 'ବର୍ଷିକିଆ ଫାସ୍‌ଟାଗ୍ ପାସ୍'ସେବା ଆରମ୍ଭ ହୋଇଛି। ଏହି ପାସ୍‌ର ମୂଲ୍ୟ ୩ ହଜାର ଟଙ୍କା ରଖାଯାଇଛି। ଏହା ବର୍ଷେ ପର୍ଯ୍ୟନ୍ତ ବୈଧ ରହିବ। ବ୍ୟବହାରକାରୀ ଏହାକୁ ଦେଖାଇ ୨୦୦ ଥର ଟୋଲ୍ ଦେଇ ଯାତାୟତ କରିପାରିବେ। ଏହା ଦ୍ୱାରା ବ୍ୟବହାରକାରୀ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। କାରଣ ଏହି ପାସ୍ ମାଧ୍ୟମରେ ଗୋଟିଏ ଟୋଲ୍ ଅତିକ୍ରମ କରିବା ପାଇଁ ୧୫ ଟଙ୍କା ଲାଗିବ। ସାରା ଦେଶରେ ଏନ୍‌ଏଚ୍ ଗୁଡ଼ିକରେ ଭିଡ଼ କମ୍ ହେବ। ବାରମ୍ବାର ଟୋଲ୍ ପ୍ଲାଜାରେ ଅଟକିବାକୁ ପଡ଼ିବ ନାହିଁ। ରିଚାର୍ଜ ସମସ୍ୟାରୁ ମଧ୍ୟ ଆଶ୍ୱସ୍ତି ମିଳିବ। ବାରମ୍ବାର ଏନ୍‌ଏଚ୍‌ରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏହି ପାସ୍ ବ୍ୟବସ୍ଥା ଉପଯୋଗୀ ହେବ। ଗତ ଜୁନ୍ ୧୮ରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଏହି ପାସ୍ ବ୍ୟବସ୍ଥାର ଘୋଷଣା କରିଥିଲେ। ଟୋଲ୍ କ୍ରସ କରିବାରେ ପ୍ରାୟ ୧୦ ହଜାର ଟଙ୍କା ବ୍ୟୟ ହେଉଥିବାବେଳେ ଏବେ ୩ ହଜାରରେ କାମ ହୋଇଯିବ ବୋଲି ସେ କହିଥିଲେ। ବର୍ଷିକିଆ ପାସ୍ ଦ୍ୱାରା ପ୍ରତି ଟୋଲ୍‌ରେ ପ୍ରାୟ ୩୫ ଟଙ୍କା ସଞ୍ଚୟ ହେବ। ବ୍ଲାକଲିଷ୍ଟ ହେବାର ଚିନ୍ତା ଦୂର ହେବ। ଲୋକେ ଡିଜିଟାଲ ପେମେଣ୍ଟକୁ ଅଧିକ ବ୍ୟବହାର କରିବେ। ଟୋଲ୍ କର୍ମଚାରୀ ଏବଂ ଡ୍ରାଇଭରଙ୍କ ମଧ୍ୟରେ ଝଗଡ଼ା ଶେଷ ହେବ। ୬୦ କିମି ମଧ୍ୟରେ ରହୁଥିବା ଲୋକଙ୍କ ସମସ୍ୟା ଦୂର ହେବ। ଟୋଲ୍ ପ୍ଲାଜାରେ ଭିଡ଼ ହ୍ରାସ ପାଇବ।




### ଟାଫେର ମାସି ଡାଇନାଷ୍ଟାର ପ୍ରତିଯୋଗିତା

## ତୃଣମୂଳସ୍ତରର କୃଷି ଉଦ୍ଭାବନକୁ ସ୍ୱୀକୃତି

ହାଇଦରାବାଦ, ୧୬।୮ (ସମିସ): ଟାଫେ - ଟ୍ରାକ୍ଟର ଓ ଫାର୍ମ ଇକ୍ୟୁପମେଣ୍ଟ ଲିମିଟେଡ୍ ଏବଂ ମାସି ଫର୍ଗୁସନ ଟ୍ରାକ୍ଟରର ନିର୍ମାତା ଏହାର ମାସି ଡାଇନାଷ୍ଟାର ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣକୁ ସଫଳତାର ସହ ଶେଷ କରିଛନ୍ତି। ଏହି ପଦକ୍ଷେପ ବହୁମୁଖୀ ମାସି ଫର୍ଗୁସନ ଡାଇନାଟ୍ରାକ୍ ୨୪୧ ଟ୍ରାକ୍ଟର ଦ୍ୱାରା ପରିଚାଳିତ ମୌଳିକ, ଦକ୍ଷତାଏବଂ ସାମାଜିକ ଭାବରେ ପ୍ରଭାବଶାଳୀ ଚିନ୍ତାଧାରା ଆବିଷ୍କାରକୁ ପୁରସ୍କୃତ କରିବା ଲକ୍ଷ୍ୟ ରଖିଛି। ଏହି ସଂସ୍କରଣରେ ୨୬ ରାଜ୍ୟ ଏବଂ ୫ କେନ୍ଦ୍ରଶାସିତ ଅଞ୍ଚଳରୁ ୧୬ ହଜାରରୁ ଅଧିକ ପ୍ରବେଶ ମିଳିଛି। ଏହି ଗୋଷ୍ଠୀରୁ ଆସାମ, ଗୁଜରାଟ, କର୍ଣ୍ଣାଟକ, ମଧ୍ୟ ପ୍ରଦେଶ, ପଞ୍ଜାବ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶ - ୭ଟି ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ୧୨ ଜଣ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଚାଷୀ, ଗ୍ରାମୀଣ ଉଦ୍ୟୋଗୀ ଏବଂ ଉତ୍ସାହୀ କୃଷି-ଛାତ୍ର ସାମିଲ ଥିଲେ।

କର୍ଣ୍ଣାଟକର ବେଲଗାମର ଆଇଟି କର୍ମଚାରୀ ଅଭିନାଶ ଦେଶାଇଙ୍କୁ ମହାନ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କୁ ପ୍ରାୟ ୮.୨ ଲକ୍ଷ ମୂଲ୍ୟର ଏକ ସମ୍ପୂର୍ଣ୍ଣ ନୂତନ ଏମଏଫ ୨୫୪ ଡାଇନା ସ୍ମାର୍ଟ ୨ ଡବ୍ଲୁଡି ଟ୍ରାକ୍ଟର ସହିତ ସମ୍ମାନିତ କରାଯାଇଥିଲା। ଆସାମର ହୋଜାଇର ପ୍ରତୀକ ଅଗ୍ରୱାଲଙ୍କୁ ଏବଂ ପଟିଆଲାର ଅମ୍ରିତ ଜୋତ ସିଂହଙ୍କୁ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ପାଇଁ ୮ ଗ୍ରାମ ସୁନା ମୁଦ୍ରା ପ୍ରଦାନ କରାଯାଇଥିଲା। ଆସାମ କାମରୂପ ମେଟ୍ରୋପଲିଟାନର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଡକ୍ଟର ଜୟକୁମାର କାରୁପ୍ପୁସାମି ଜୁରି'ସ ଚଏସ୍ ପୁରସ୍କାରରେ ୫୦ ଗ୍ରାମ ରୂପା ମୁଦ୍ରା ଜିତିଥିଲେ।

## ସ୍ୱିଗିରେ ଖାଇବା ମଗାଇବା ମହଙ୍ଗା

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଅନ୍‌ଲାଇନ ଫୁଡ୍ ଡେଲିଭରି ପ୍ଲାଟଫର୍ମ ସ୍ୱିଗି ଖାଦ୍ୟ ମଗାଇବାକୁ ଅଧିକ ମହଙ୍ଗା କରିଦେଇଛି। କମ୍ପାନୀ ନିଜ ପ୍ଲାଟଫର୍ମ ଦେୟ ୧୭ ପ୍ରତିଶତ ଅର୍ଥାତ୍ ୨ ଟଙ୍କା ବୃଦ୍ଧି କରିଛି। ଏବେ ଖାଦ୍ୟ ମଗାଇଲେ ଥରକୁ ପ୍ଲାଟଫର୍ମ ଦେୟ ବାବଦକୁ ୧୪ ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଏହି ଦର ୧୨ ଟଙ୍କା ଥିଲା। ପାର୍ବଣ ଋତୁରେ ଚାହିଦା ବୃଦ୍ଧି ପାଉଥିବାବେଳେ ଲାଭ ଏବଂ ଆର୍ଥିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ କମ୍ପାନୀ ଏହି ପଦକ୍ଷେପ ନେଇଛି। ସ୍ୱିଗି ପ୍ରଥମ ଥର ପାଇଁ ୨୦୨୩ ଏପ୍ରିଲରେ ପ୍ଲାଟଫର୍ମ ଦେୟ ଆରମ୍ଭ କରିଥିଲା। ନିଜର ଆର୍ଥିକ ସ୍ଥିତିକୁ ଅଧିକ ଭଲ କରିବା ପାଇଁ ଏପରି କରାଯାଇଥିଲା। ସେହି ଦିନଠାରୁ କମ୍ପାନୀ ଧିରେ ଧିରେ ଅନେକ ଥର ପ୍ଲାଟଫର୍ମ ଦେୟ ବଢ଼ାଇଲାଣି। କାରଣ ଏହା ଦ୍ୱାରା ଖାଦ୍ୟ ମଗାଇବା ଉପରେ କୌଣସି ପ୍ରଭାବ ପଡୁନାହିଁ। ଗ୍ରାହକଙ୍କ ଏହି ଧାରାରେ ପଡ଼ି ଯାଉଛନ୍ତି। ଦୁଇ ଚାରି ଟଙ୍କା ବୃଦ୍ଧି ଦ୍ୱାରା ଗ୍ରାହକଙ୍କୁ ମଧ୍ୟ କୌଣସି ପ୍ରଭାବ ପଡୁନି। ପ୍ରାରମ୍ଭରେ ଏହି ଦେୟ ମାତ୍ର ୨ ଟଙ୍କା ଥିଲା। ସେହିପରି ଗତ ବର୍ଷ ନୂଆ ବର୍ଷରେ ଏହି ଦେୟ ୧୨ ଟଙ୍କା କରିଦିଆଯାଇଥିଲା।

### ଜିଏସ୍‌ଟି ହାର ବଦଳିବ

# କ୍ଷୀର, ଦହି, ପେନ୍‌ସିଲ ଆଦି ହେବ ଶସ୍ତା!

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି)

ସାରା ଦେଶରୁ ଟିକସ ବୋଝ କମ୍ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସରେ 'ନେକ୍ସଟ ଜେନେରେସନ ଜିଏସ୍‌ଟି ରିଫର୍ମ' ଘୋଷଣା କରିଛନ୍ତି। ଏହି ଜିଏସ୍‌ଟି ସଂସ୍କାର ଆସନ୍ତା ଦିପାବଳୀରୁ ଲାଗୁ ହେବ ବୋଲି ସେ ସଙ୍କେତ ଦେଇଛନ୍ତି। ସାଧାରଣ ଲୋକଙ୍କ ପାଇଁ ଟିକସ ହ୍ରାସ କରାଯିବ। ଦୈନନ୍ଦିନ ସାମଗ୍ରୀ ଶସ୍ତା ହୋଇପାରେ ବୋଲି କହିଥିଲେ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୧୨ ପ୍ରତିଶତ ଜିଏସ୍‌ଟି ସ୍ଲାବରେ ଆସୁଥିବା ସାମଗ୍ରୀକୁ ହ୍ରାସ କରି ୫ ପ୍ରତିଶତ କରାଯାଇପାରେ। ୨୮ ପ୍ରତିଶତ ବର୍ଗରେ ଥିବା ସାମଗ୍ରୀ ୧୮ ପ୍ରତିଶତକୁ ହ୍ରାସ ପାଇପାରେ। ପୂର୍ବରୁ ଟୁଥପେଷ୍ଟ, ବାସନକୁସନ, ପୋଷାକ, ଜୋତା ଭଳି ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ ବୋଲି କୁହାଯାଉଥିଲା। କାରଣ ସରକାର ମଧ୍ୟବର୍ତ୍ତି, ନିମ୍ନ ଆୟକାରୀ ପରିବାରକୁ ଜିଏସ୍‌ଟିରେ ଆଶ୍ୱସ୍ତି ଦେବାକୁ ପ୍ରସ୍ତୁତି କରୁଛନ୍ତି।

ରିପୋର୍ଟ ଅନୁଯାୟୀ ସରକାର ୧୨ ପ୍ରତିଶତ ଜିଏସ୍‌ଟି ସ୍ଲାବ ସମ୍ପୂର୍ଣ୍ଣ ଉଚ୍ଛେଦ କରିବେ କିମ୍ବା ବର୍ତ୍ତମାନର ୧୨ ପ୍ରତିଶତ ଟିକସ ଥିବା ସାମଗ୍ରୀକୁ ହ୍ରାସ କରି ୫ ପ୍ରତିଶତକୁ ଆଣିପାରନ୍ତି। ଏହି ପରିବର୍ତ୍ତନରେ ମଧ୍ୟବିତ୍ତ, ଆର୍ଥିକ ଦୁର୍ବଳ ଶ୍ରେଣୀରେ ଲୋକ ବ୍ୟବହାର କରୁଥିବା ସାମଗ୍ରୀ ସାମିଲ ହେବ। ଏବେ ଜିଏସ୍‌ଟି ଚାରୋଟି ସ୍ଲାବ୍‌ରେ ରହିଛି। ଏଥିରେ ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ ଏବଂ ୨୮ ପ୍ରତିଶତ ସାମିଲ ରହିଛି। ତେବେ ତମାଖୁ, ସିଗାରେଟ ଏବଂ ବିୟର ଭଳି ତମାଖୁ ଉତ୍ପାଦ ପାଇଁ ଅତିରିକ୍ତ ୪୦ ପ୍ରତିଶତ ଜିଏସ୍‌ଟି ସ୍ଲାବ ରହିବ। ବିଶେଷଜ୍ଞଙ୍କ ଅନୁଯାୟୀ ଜିଏସ୍‌ଟିରେ ସଂସ୍କାର ଦ୍ୱାରା ଦୈନନ୍ଦିନର ସାମଗ୍ରୀଠାରୁ ନେଇ ଔଷଧ, ଟିଭି ଏବଂ ୱାସିଂ ମେସିନ ଆଦି ଶସ୍ତା ହେବ। କୃଷି ଉପକରଣ, ସାଇକେଲ, ବୀମା, ଶିକ୍ଷା, କ୍ଷୀର, ଦହି, ପେନ୍‌ସିଲ ଆଦି ଶସ୍ତା ହେବ। ଏହା ଦ୍ୱାରା ପରିବାର ଏବଂ ଚାଷୀଙ୍କୁ ସିଧା ଲାଭ ମିଳିବ। ଅର୍ଥ ବ୍ୟବସ୍ଥା ବଢ଼ିବ। ଜିଏସ୍‌ଟି ସ୍ଲାବ୍‌କୁ ହ୍ରାସ କରି ୫, ୧୮ ଏବଂ ୪୦ ପ୍ରତିଶତ କରାଯାଇପାରେ। ୧୨ ପ୍ରତିଶତରେ ଥିବା ପ୍ରାୟ ୯୯ ପ୍ରତିଶତ ସାମଗ୍ରୀକୁ ୫ ପ୍ରତିଶତ ସ୍ଲାବକୁ ଅଣାଯିବ। ଏହି ସାମଗ୍ରୀ ମଧ୍ୟରେ କ୍ଷୀର, ଦହି, ଖଟାମିଠା, ପାସ୍ତା, ଭୁଜିଆ, ଜାମ, ଟୁଥ୍ ପାଉଡର, କ୍ଷୀର ବୋତଲ, ଛତା, ସାଇକେଲ, ଆସବାବପତ୍ର, ପେନ୍‌ସିଲ, କପା, ହ୍ୟାଣ୍ଡବ୍ୟାଗ ଏବଂ ହଜାରେ ଟଙ୍କାରୁ କମ୍ ଦାମର ଜୋତା ସାମିଲ ରହିଛି। ଏ ସବୁର ଜିଏସ୍‌ଟି ହାର ହ୍ରାସ ପାଇ ୫ ପ୍ରତିଶତ କରାଯାଇପାରେ।




## ଟ୍ରମ୍ପ-ପୁତିନଙ୍କ ବୈଠକ ପରେ ୧୦୦ ଦେଶକୁ ଆଶ୍ୱସ୍ତି



ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଆଲାସ୍କାରେ ଅନୁଷ୍ଠିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ କୌଣସି ଚୁକ୍ତି ହୋଇପାରି ନାହିଁ। କିନ୍ତୁ ଏହି ବୈଠକ ବିଶ୍ୱର ଶହେ ଦେଶକୁ ଆଶ୍ୱସ୍ତି ଦେଇଛି। ଏହି ଦୁଇ ନେତାଙ୍କ ଆଲୋଚନା ପରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ଦୁଇ ପ୍ରତିଶତ ହ୍ରାସ ପାଇଛି। ସୂଚନା ଅନୁଯାୟୀ ବିଶ୍ୱର ପ୍ରାୟ ୯୮ଟି ଦେଶ ଅଶୋଧିତ ତୈଳ ଉତ୍ପାଦନ କରୁଛନ୍ତି। ଏହି ତୈଳ ଅନ୍ୟ ଶହେ ରାଷ୍ଟ୍ରଙ୍କୁ ରପ୍ତାନୀ କରନ୍ତି। ଅଶୋଧିତ ତୈଳ ଦର ହ୍ରାସ ପାଇବା ଯୋଗୁଁ ତୈଳ ଆମଦାନୀକାରୀ ଦେଶମାନଙ୍କ ଉପରେ ଚାପ କମ୍ ରହିଛି। ଅଗଷ୍ଟ ମାସରେ ଉପସାଗରୀୟ ଏବଂ ଆମେରିକୀୟ ତୈଳ ୯ ପ୍ରତିଶତରୁ ଅଧିକ ଶସ୍ତା ହୋଇଛି।

ଟ୍ରମ୍ପ ଏବଂ ପୁତିନଙ୍କ ବୈଠକ ଦ୍ୱାରା ପରବର୍ତ୍ତୀ ବାର୍ତ୍ତାର ଦ୍ୱାର ଖୋଲି ଯାଇଛି। ମସ୍କୋରେ ଏହି ବୈଠକ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାର ପ୍ରଭାବ ଅଶୋଧିତ ତୈଳ ଦର ଉପରେ ପଡିଛି। ଅନ୍ତର୍ଜାତୀୟ ବଜାରରେ ଏହି ଦର ହ୍ରାସ ପାଇଛି। ଆମେରିକା କ୍ରୁଡ ଅଏଲ ତଥା ଡବ୍ଲୁଟିଆଇ ମୂଲ୍ୟ ପ୍ରାୟ ୨ ପ୍ରତିଶତ ହ୍ରାସ ପାଇଛି। ରିପୋର୍ଟ ଅନୁଯାୟୀ ଏହା ୧.୮୦ ପ୍ରତିଶତ ହ୍ରାସ ପାଇ ବ୍ୟାରେଲ ପିଛା ୬୨.୮୦ ପ୍ରତିଶତ ରହିଛି। ଚଳିତ ମାସରେ ଆମେରିକା ଅଶୋଧିତ ତୈଳ ପ୍ରାୟ ୯.୩୨ ପ୍ରତିଶତ ଅର୍ଥାତ ୬.୪୬ ଡଲାର କମିଲାଣି। ଏହା ଦ୍ୱାରା ଅନେକ ଦେଶକୁ ଲାଭ ମିଳିଛି। ସେହିପରି ଉପସାଗରୀୟ ଦେଶଗୁଡ଼ିକର ତୈଳ ମୂଲ୍ୟ ମଧ୍ୟ ଦେଢ଼ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଲାଣି। ଶୁକ୍ରବାର ବ୍ରେଣ୍ଟ କ୍ରୁଡ ଅଏଲ ବ୍ୟାରେଲ ପିଛା ୧.୪୮ ପ୍ରତିଶତ ହ୍ରାସ ପାଇ ୬୫.୮୫ ଡଲାର ରହିଛି। ଚଳିତ ମାସରେ ଏହା ୬.୬୮ ଡଲାର ତଥା ୯.୨୧ ପ୍ରତିଶତ ହ୍ରାସ ପାଇଲାଣି।

## ରାଜ୍ୟ ଖବର



ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୁଲିସ ପଦକ ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ

# ଶ୍ରୀମନ୍ଦିର ଉପରକୁ ଚଢ଼ିବା ବେଳେ ଧରାପଡ଼ିଲେ ଭକ୍ତ

**ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ**



ପୁରୀ, ୧୬।୮ (ସମିସ): ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ। ହଜାର ହଜାର ଭକ୍ତଙ୍କ ଭିଡ଼ ମଧ୍ୟରେ ପୁଲିସ କର୍ମୀ ଓ ସେବାୟତଙ୍କ ଆଖିରେ ଧୂଳି ଦେଇ ଶ୍ରୀମନ୍ଦିର ଉପରକୁ ଚଢୁଥିଲେ ଜଣେ ଭକ୍ତ। ବେହେରଣ ଦ୍ୱାର ଦେଇ ଉପରକୁ ଉଠୁଥିବାବେଳେ ଜେଟିପି ତାଙ୍କୁ ଦେଖିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଭାବେ ତଳକୁ ଅଣାଯାଇଥିଲା। ପରେ ତାଙ୍କୁ ସିଂହଦ୍ୱାର ଥାନା ନିଆଯାଇଥିଲା। ସେଠାରେ ପଚରାଉଚରା କରିଥିଲା ପୁଲିସ। ସମ୍ପୃକ୍ତ ବ୍ୟକ୍ତି ଝାଡ଼ଖଣ୍ଡ ରାଞ୍ଚିର ପଞ୍ଚମ ମହାତୋ ବୋଲି ଜଣାପଡ଼ିଛି। ତେବେ ସେ କାହିଁକି ଚଢୁଥିଲେ, ସେମିତି କିଛି ସ୍ୱଷ୍ଟ କାରଣ ଜଣାପଡ଼ିନାହିଁ। ପୁଲିସ ପଚରାଉଚରା କରିବା ପରେ ତାଙ୍କୁ ଛାଡ଼ିଦେଇଛି।

ଶନିବାର ଥିଲା ନନ୍ଦୋତ୍ସବ। ଏଥିପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ପୂର୍ବାହ୍ଣରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ଏହି ସମୟରେ ସମ୍ପୃକ୍ତ ବ୍ୟକ୍ତି ବେହେରଣ ଦ୍ୱାର ପଟରୁ ପ୍ରାୟ ୫ରୁ ୭ ଫୁଟ୍ ଚଢ଼ିଯାଇଥିବା ବେଳେ ଜେଟିପି (ଜଗନ୍ନାଥ ଟେମ୍ପଲ ପୁଲିସ) ହାତରେ ଧରାପଡ଼ିଲେ। ଏହାପରେ ତାଙ୍କୁ ସିଂହଦ୍ୱାର ଥାନାରେ ପଚରାଉଚରା କରିଥିଲା। କେଉଁ ପରିସ୍ଥିତିରେ ଏବଂ କାହିଁକି ମନ୍ଦିର ଉପରକୁ ଚଢୁଥିଲେ ବୋଲି ପୁଲିସ ତାଙ୍କୁ ପଚାରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ। ତେବେ ସେ ଏକୁଟିଆ ଦର୍ଶନ ପାଇଁ ଆସିଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଜଣଙ୍କ ମନ୍ଦିର ଉପରକୁ ଚଢୁଥିବା ବେଳେ ତାଙ୍କୁ ସୁରକ୍ଷା କର୍ମୀ ଦେଖି ତଳକୁ ଆଣିଥିଲେ। ସେମିତି କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ତାଙ୍କର ନ ଥିଲା। ଜେରା ପରେ ତାଙ୍କୁ ଛାଡ଼ି ଦିଆଯାଇଛି ବୋଲି ସିଟି ଡିଏସ୍‌ପି ସୂଚନା ଦେଇଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଭିତରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥା ପାଇଁ ମାଳମାଳ ସୁରକ୍ଷାକର୍ମୀଙ୍କ ସହ ସିସିଟିଭି ମଧ୍ୟ ଲାଗିଛି। ଏହା ସତ୍ତ୍ୱେ ଜଣେ ବ୍ୟକ୍ତି କେମିତି ଓ କେଉଁ ପରିସ୍ଥିତିରେ ମନ୍ଦିର ଉପରକୁ ଚଢ଼ିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ସୁରକ୍ଷା ବ୍ୟବସ୍ଥାରେ ବଡ଼ ତ୍ରୁଟି। ଯଦି ଉକ୍ତ ବ୍ୟକ୍ତିଙ୍କର କିଛି ଅସୁବିଧା ହୋଇଥାନ୍ତା, କିଏ ଦାୟୀ ରହିଥାନ୍ତା ବୋଲି ପ୍ରଶ୍ନ ଉଠୁଛି। ଏହା ଅତି ଅଭାବନୀୟ ଘଟଣା। ପୁଲିସ ଓ ପ୍ରଶାସନ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଆହୁରି ସମ୍ବେଦନଶୀଳ ହେବା ଉଚିତ ବୋଲି କହିଛନ୍ତି ଶ୍ରଦ୍ଧାଳୁ।

ସୂଚନାଥାଉ କି, ପୂର୍ବରୁ ମଧ୍ୟ ଏମିତି ଏକାଧିକ ଘଟଣା ନଜିର ରହିଛି। ଗତବର୍ଷ ସେପ୍ଟେମ୍ବର ୧୧ ତାରିଖରେ ଗଞ୍ଜାମ ଜିଲ୍ଲା ଛତ୍ରପୁରର ବଳରାମ ମହାରଣା ନାମକ ଜଣେ ବ୍ୟକ୍ତି ଶ୍ରୀମନ୍ଦିର ଦଧିନଉତିକୁ ଚଢ଼ିଯାଇଥିଲେ। ସେ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ପୁଲିସ କହିଥିଲା। ସେହିପରି ୨୦୨୨ ଏପ୍ରିଲ ୧ ତାରିଖରେ ଶ୍ରୀମନ୍ଦିରରେ ଘଟିଥିଲା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ସିଂହଦ୍ୱାର ଗୁମୁଟ ଉପରୁ ତଳକୁ ଡେଇଁ ଜୀବନ ହାରିଥିଲେ ନିମାପଡ଼ା ଗଡ଼ଇଟାପୋଖରୀର ବଳରାମ ରାଉତ ନାମକ ଜଣେ କିନ୍ନର। ୨୦୧୯ ଏପ୍ରିଲ ୨୦ତାରିଖରେ ନୀଳଚକ୍ରରେ ଚଢ଼ି ଗାମୁଛା ବାନ୍ଧିଥିଲେ ଜଣେ ବାଳକ। ଏପରିକି ସେ ମହାପ୍ରଭୁଙ୍କ ବାନା ମଧ୍ୟ ଖୋଲି ନେଇ ଆସିଥିଲେ। ଏମିତି କିଛି ଘଟଣା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଥିବା ବେଳେ ଶନିବାର ପୁଣି ଏହାର ପୁନରାବୃତ୍ତି ହୋଇଛି।

# ସାପ କାମୁଡ଼ାରେ ସ୍ୱାମୀଙ୍କ ମୃତ୍ୟୁ

**ଖବର ଶୁଣି ବିଷ ପିଇଦେଲେ ସ୍ତ୍ରୀ**





ନିଆଳି, ୧୬।୮ (ସମିସ): ସାପ କାମୁଡ଼ାରେ ସ୍ୱାମୀଙ୍କ ମୃତ୍ୟୁ ହେବା ପରେ ଖବର ପାଇ ସ୍ତ୍ରୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ନିଆଳି ବ୍ଲକ୍ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳ ଏକବେରୁଆଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ସୁରେନ୍ଦ୍ର ସ୍ୱାଇଁ (୭୦)। ଗୁରୁତର ସ୍ତ୍ରୀ ଲତିକା ଏବେ ହସ୍ପିଟାଲ ଶଯ୍ୟାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଶନିବାର ଭୋର୍‌ରେ ସୁରେନ୍ଦ୍ର ଘର ପାଖ ପରିବା କିଆରିରେ ବାଇଗଣ ତୋଳୁଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜଗତସିଂହପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଶୁଣିବା ପରେ ସ୍ତ୍ରୀ ଲତିକା ମାନସିକ ଭାରସାମ୍ୟ ହରାଇ ବସିଥିଲେ। ନିଜକୁ ଏକ ଘର ଭିତରେ ବନ୍ଦ କରି କୀଟନାଶକ ପିଇ ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଇଥିଲେ। ତାଙ୍କ ଅବସ୍ଥା ଗୁରୁତର ରହିଛି।

ସୁରେନ୍ଦ୍ରଙ୍କ ତିନିଝିଅ ବିବାହିତ। ଏକମାତ୍ର ୨୫ ବର୍ଷର ପୁଅ ଦିବ୍ୟାଙ୍ଗ। ଏପରି ଖବର ପାଇ ୩ଝିଅ ପହଞ୍ଚିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘଟଣାସ୍ଥଳରେ ସଦର ଏସ୍‌ଡିପିଓ କିରଣ ହେମ୍ବ୍ରମ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରାଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ମହିଳା ଟ୍ରାଭେଲ୍ ଭ୍ଲଗର

**ଆଜିର ମହିଳା ସବୁ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି । ଶିକ୍ଷା, ବ୍ୟବସାୟ, ସ୍ୱାସ୍ଥ୍ୟ, କଳା ଓ ଖେଳ ଆଦିରେ ସେମାନେ ନିଜକୁ ସମୃଦ୍ଧ କରିଛନ୍ତି । ସେହିପରି କିଛି ମହିଳା ଟ୍ରାଭେଲ ଭ୍ଲଗ୍ କରି ନିଜର ପରିଚୟ ସୃଷ୍ଟି କରିଛନ୍ତି । ଭ୍ରମଣ କରିବା କେବଳ ପୁରୁଷଙ୍କ କାର୍ଯ୍ୟ ନୁହେଁ, ବୋଲି ସେ ପ୍ରମାଣ କରିଛନ୍ତି । ଅଦମ୍ୟ ସାହସ, ଦୃଢ଼ ମନୋବଳ ପାଇଁ ସେମାନେ ବିଶ୍ୱର ବିଭିନ୍ନ ସ୍ଥାନକୁ ଭ୍ରମଣ କରିବାରେ ସଫଳ ହୋଇଛନ୍ତି । ଯେଉଁଠି ମହିଳାଙ୍କ ଏକାକୀ ଯାତ୍ରାକୁ ଅସୁରକ୍ଷିତ ମନାଯାଏ, ସେହି ରଢ଼ିବାଦୀ ଚିନ୍ତାଧାରାରୁ ବାହାରି ସେମାନେ ନିଜର ପରିଚୟ ସୃଷ୍ଟି କରିଛନ୍ତି । ସେହିପରି ପ୍ରସିଦ୍ଧି ଲାଭ କରିଥିବା କେତେକ ଭାରତୀୟ ମହିଳା ଟ୍ରାଭେଲ୍ ଭ୍ଲଗରଙ୍କୁ ନେଇ ଏହି ଉପସ୍ଥାପନା ।**




ତାନ୍ୟା ଖନିଜୋ ଜଣେ ପ୍ରସିଦ୍ଧ ଭାରତୀୟ ଟ୍ରାଭେଲ ଭ୍ଲଗର, ୟୁଟ୍ୟୁବର୍ ତଥା ଇନ୍‌ଫ୍ଲୁଏନ୍ସର ଭାବେ ପରିଚିତ । ସେ ଦେଶ, ବିଦେଶ ବିଭିନ୍ନ ସ୍ଥାନକୁ ଭ୍ରମଣ କରି ତାହାର ଅନୁଭୂତି ସାଉଁଟିବା ସହ ତାକୁ ନେଇ ବୃତ୍ତଚିତ୍ର ପ୍ରସ୍ତୁତ କରନ୍ତି । ହରିୟାଣାରେ ରହୁଥିବା ଏହି ଯୁବତୀଙ୍କର ଅଜଣା ଜିନିଷ, ସ୍ଥାନ ଓ ଲୋକଙ୍କ ବିଷୟରେ ଜାଣିବାରେ ବେଶ୍ ରୁଚି ରହିଛି । ଏଥିପାଇଁ ସେ କର୍ପୋରେଟ୍ ଚାକିରି ଛାଡ଼ି ଭ୍ରମଣ ଦିଗରେ ଆଗେଇଥିଲେ । ସେ ୨୦୧୨ ମସିହାରେ ଏହି ଭ୍ରମଣ ଯାତ୍ରା ଆରମ୍ଭ କରିଥଲେ । ସେ ବିଭିନ୍ନ ସ୍ଥାନ ବୁଲି ସେଠାର ସଂସ୍କୃତି, ପରମ୍ପରାକୁ ୟୁଟ୍ୟୁବରେ ଭିଡିଓ କରି ଲୋକମାନଙ୍କୁ ଦେଖାଇଥାନ୍ତି । ଏଥିସହ ଲୋକମାନଙ୍କୁ ବିଦେଶ ଯାତ୍ରା କରିବାର ସମ୍ପୂର୍ଣ୍ଣ ବିବରଣୀ ଦେଇଥାନ୍ତି । ତାଙ୍କର ୟୁଟ୍ୟୁବ୍‌ରେ ଲକ୍ଷ ଲକ୍ଷ ସବ୍‌ସ୍କ୍ରାଇବର ରହିଛନ୍ତି । ସେ ଏକାକୀ ମହିଳା ଭାବେ ଆଫ୍ରିକା, ଆମେରିକା, ମାଳଦ୍ୱୀପ, ଆଣ୍ଡମାନ, କେରଳ, ହିମାଚଳ ପ୍ରଦେଶ, ନେପାଳ ଏଭେରେଷ୍ଟ ବେସ୍ କ୍ୟାମ୍ପ ଆଦି ସ୍ଥାନକୁ ଭ୍ରମଣ କରିଛନ୍ତି । ସେ ନିଜ ଟ୍ରାଭେଲ ଭ୍ଲଗ୍ ମାଧ୍ୟମରେ, ବିଭିନ୍ନ ସ୍ଥାନର ବିଶେଷତା ଯଥା- ଖାଦ୍ୟପେୟ, ଜଳବାୟୁ ବାବଦରେ ଜଣାଇଥାନ୍ତି ।




ସେହିପରି ଆଉ ଜଣେ ସଫଳ ଟ୍ରାଭେଲ୍ ଭ୍ଲଗର ହେଲେ କ୍ରୀତିକା ଗୋଏଲ । ସେ କର୍ପୋରେଟ୍ କର୍ମଚାରୀ ହେବା ସହ ଜଣେ ଟ୍ରାଭେଲ୍ ଭ୍ଲଗର ଭାବେ ପରିଚିତ । ସେ ବିଭିନ୍ନ ସ୍ଥାନ ବୁଲି ତାହା ବିଷୟରେ ଜାଣିବାକୁ ରୁଚି ରଖନ୍ତି । ୨୦୧୭ ରେ ସେ ନିଜର ଭ୍ରମଣ ଯାତ୍ରା ଆରମ୍ଭ କରିଥିଲେ । ସେ ୟୁଟ୍ୟୁବ୍ ଭ୍ଲଗ୍ ମାଧ୍ୟମରେ ବିଭିନ୍ନ ପର୍ଯଟନ ସ୍ଥଳୀର ବିବରଣୀ ସମେତ ଲୋକଙ୍କ ଜୀବନ ଶୈଳୀ, ଫେଶନ ବିଷୟରେ ମଧ୍ୟ ବାର୍ତ୍ତା ଦେଇଥାନ୍ତି । ପାଞ୍ଚ ବର୍ଷରେ ଚାରି ଲକ୍ଷ ସବ୍‌ସ୍କ୍ରାଇବର ହାସଲ କରିଥିବା କ୍ରୀତିକା ସ୍ୱିଜର୍‌ଲ୍ୟାଣ୍ଡ, ଆମେରିକା, ଆଦି ସ୍ଥାନକୁ ଯାତ୍ରା କରିଛନ୍ତି । ସେ ବିଭିନ୍ନ ସ୍ଥାନ ଯାତ୍ରା କରି ଖୁବ୍ ରୋମାଞ୍ଚକର ଅନୁଭୂତି ନେଇଛନ୍ତି , ଯାହା ତାଙ୍କୁ ଏକ ନୂଆ ଜୀବନ ବଞ୍ଚିବାର ମାର୍ଗ ଦର୍ଶାଇଛି ବୋଲି ସେ କୁହନ୍ତି ।




ପ୍ରିୟଙ୍କା ଚନ୍ଦୋଲା ଜଣେ, ଦେଶୀ ଗର୍ଲ ଟ୍ରାଭେଲର ଭାବେ ପରିଚିତ । ସେ ୨୦୧୮ ଏହି ଭ୍ରମଣ ଯାତ୍ରା ଆରମ୍ଭ କରିଥିଲେ । କମ୍ ଟଙ୍କାରେ ପର୍ଯ୍ୟଟକମାନେ କିପରି ବିଭିନ୍ନ ସ୍ଥାନ ବୁଲିପାରିବେ, ସେ ବିଷୟରେ ୟୁଟ୍ୟୁବ୍ ଭିଡିଓ କରି ଦେଖାଇଥାନ୍ତି । ସେହିପରି ସେ ଜଣେ ବଜେଟ୍ ଫ୍ରେଣ୍ଡଲୀ ଟ୍ରାଭେଲ୍ ଭ୍ଲଗର ଭାବେ ଜଣାଯାଆନ୍ତି । ସେ ଭାରତର ବିଭିନ୍ନ ସ୍ଥାନ ବୁଲି ସେଠାର ସଂସ୍କୃତି, ପରମ୍ପରା ସମେତ କିଛି ଜଣା ଅଜଣା କଥା ଜଣାଇଥାନ୍ତି । ତାଙ୍କର ୟୁଟ୍ୟୁବ୍‌ରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ଅଛନ୍ତି । ସେହିପରି ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଏକ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରଂଶକ ରହିଛନ୍ତି ।

# ପାରମ୍ପରିକ ଶାଢ଼ିରେ ଆଧୁନିକ ସ୍ପର୍ଶ



**ସାଧାରଣତଃ ଶାଢ଼ି ପିନ୍ଧିବାକୁ ସମସ୍ତେ ପସନ୍ଦ କରନ୍ତି । ଏହା ମହିଳାଙ୍କ ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ତେବେ ଏହା କେବଳ ଏକ ପାରମ୍ପରିକ ପରିଧାନ ନୁହେଁ, ଏହା ଏବେ ଏକ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି । ପୂର୍ବରୁ ମହିଳାମାନେ ଏହାକୁ ସିମ୍ପଲ୍ ଷ୍ଟାଇଲ୍‌ରେ ପିନ୍ଧୁଥିବାବେଳେ ଏବେ ଏହାକୁ ବେଲ୍ଟ, ଜ୍ୟାକେଟ୍, ଧୋତି, ତଥା ଟପ୍‌ସ ସହ ପିନ୍ଧି ନିଜକୁ ଆଧୁନିକ ଲୁକ୍ ଦେଉଛନ୍ତି ।**

### ବେଲ୍ଟ

ଏବେ ମହିଳାମାନେ ଅଣ୍ଟାରେ ବେଲ୍ଟ ବାନ୍ଧି ଶାଢ଼ୀ ପିନ୍ଧୁଛନ୍ତି । ଏହାଦ୍ୱାରା ଶାଢ଼ି ଭଲରେ ସେଟ୍ ହୋଇ ରହିଥାଏ । ପଣତକାନି ବାରମ୍ବାର ତଳକୁ ଖସେ ନାହିଁ । ଏଥିରୁ ଷ୍ଟାଇଲିଶ୍ ସାଙ୍ଗକୁ ଏକ ଆଧୁନିକ ଲୁକ୍ ମିଳିଥାଏ । ବେଲ୍ଟ ଉଭୟ ଆଧୁନିକ ଓ ପାରମ୍ପରିକ ରହିଛି । ସେହିପରି ଏହାକୁ ପିନ୍ଧି ପାର୍ଟି, ଫଙ୍କ୍‌ସନ୍‌କୁ ଯାଇପାରିବେ ।

### ଧୋତି ଷ୍ଟାଇଲ୍

ଶାଢ଼ି ପିନ୍ଧିବାର ଏହି ପ୍ରକ୍ରିୟା ଟିକେ ଭିନ୍ନ । ଏଥିରେ ଶାଢ଼ି କୁଞ୍ଚ କରି ଧୋତି ଷ୍ଟାଇଲ୍‌ରେ ଡ୍ରେପିଂ କରି ପିନ୍ଧା ଯାଇଥାଏ । ଏଥିରେ ଶାଢ଼ିର ପ୍ଲିଟ୍‌ଗୁଡ଼ିକ ଦୁଇଗୋଡ଼ ମଧ୍ୟ ଦେଇ ନିଆଯାଇ ଅଣ୍ଟା ପାଖରେ ବନ୍ଧା ଯାଇଥାଏ । ଏହା ବିଶେଷ କରି ନୃତ୍ୟ ପ୍ରତିଯୋଗୀତା କିମ୍ବା କୌଣସି ବିଶେଷ ଦିନମାନଙ୍କରେ ପିନ୍ଧା ଯାଇଥାଏ । ଏହା ଖୁବ୍ ଆର୍ଷଣୀୟ ଦେଖାଯାଏ ।

### ଜ୍ୟାକେଟ୍ ସହ ଶାଢ଼ି

ମହିଳାମାନେ ନିଜକୁ ଏକ ରୟାଲ୍ ଲୁକ୍ ଦେବାକୁ ଚାହୁଁଥିଲେ, ଶାଢ଼ି ଉପରେ ଜ୍ୟାକେଟ୍ ପରିଧାନ କରିପାରିବେ । ଏହି ଜ୍ୟାକେଟ୍ ଛୋଟ, ବଡ଼ ବିଭିନ୍ନ ଷ୍ଟାଇଲ୍‌ର ରହିଛି । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ ।

### ଫ୍ୟାନ୍‌ସି ବ୍ଲାଉଜ୍

ସେହିପରି ଶାଢ଼ିରେ ପାରମ୍ପରିକ ବ୍ଲାଉଜ୍ ବଦଳରେ ଅଫ୍‌ସୋଲଡର୍, ହଲ୍‌ଟର୍ ନେକ୍, ବ୍ୟାକ୍‌ଲେସ୍ ବ୍ଲାଉଜ୍ ଆଦି ପିନ୍ଧିପାରିବେ । ଏଥିରେ ଶାଢ଼ିର ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।

### ସାର୍ଟ ସହ ଶାଢ଼ି

ସାର୍ଟ ସହ ଶାଢ଼ି ପିନ୍ଧିଲେ ଏଥିରୁ ଏକ ମଡର୍ଣ୍ଣ ତଥା ଫ୍ୟୁଜନ୍ ଲୁକ୍ ମିଳିଥାଏ । ଏହାଦ୍ୱାରା ପାରମ୍ପରିକ ଶାଢ଼ିକୁ ଆଧୁନିକ୍ ଲୁକ୍ ଦିଆଯାଇଥାଏ । ଏଥିରେ ବ୍ଲାଉଜ୍ ବଦଳରେ ଫୁଲ୍ ସ୍ଲିଭ୍ ସାର୍ଟ, ଡେନିମ୍ କିମ୍ବା କ୍ରପ୍ ସାର୍ଟ ପିନ୍ଧା ଯାଇଥାଏ । ଏହାକୁ ଶାଢ଼ି ଉପରେ କିମ୍ବା ଭିତର ପାର୍ଶ୍ୱରେ ଟକ୍ କରି ଷ୍ଟାଇଲ କରିପାରିବେ ।

# ଘନ କେଶ ପାଇଁ ମେହେନ୍ଦୀ ତେଲ

**ମେହେନ୍ଦୀ କେଶ ପାଇଁ ଖୁବ୍ ଉପକାରୀ ହୋଇଥାଏ । ଏଥିପାଇଁ ଅନେକ ସପ୍ତାହକୁ ଥରେ ଏହା କେଶରେ ଲଗାଇଥାନ୍ତି । ଏହାଦ୍ୱାରା କେଶରେ ପ୍ରାକୃତିକ ଚମକ ଆସିଥାଏ । ସେହିପରି ଚାହିଁଲେ ମେହେନ୍ଦୀ ତେଲ ଲଗାଇ କେଶକୁ ଘନକଳା କରିପାରିବେ ।**



### ଆବଶ୍ୟକ ସାମଗ୍ରୀ

ଏହାକୁ ପ୍ରସ୍ତୁତ କରିବା ପାଇଁ ଅଧା ଚାମଚ ମେହେନ୍ଦୀ ପାଉଡର, ଏକ କପ୍ ନଡ଼ିଆ ତେଲ, ଜଡ଼ା ତେଲ, ମେଥି ଦାନା ଓ ଏକ ଚାମଚ ଭୃସଙ୍ଗପତ୍ର ଗୁଣ୍ଡ ଭିଟାମିନ୍ – ଇ କ୍ୟାପ୍‌ସୁଲ୍ ଆବଶ୍ୟକ ।

### ପ୍ରସ୍ତୁତି

ଗୋଟେ ଲୁହା କଡ଼େଇରେ ତେଲ ଢାଳି ତାକୁ ଧିମା ଆଞ୍ଚରେ ଗରମ କରନ୍ତୁ । ତେଲ ଗରମ ହୋଇଗଲେ ଏଥିରେ ମେହେନ୍ଦୀ ଓ ଭୃସଙ୍ଗପତ୍ରଗୁଣ୍ଡ ପକାଇ ଏପଟସେପଟ କରନ୍ତୁ । ଏହାପରେ ମେଥିଦାନା ଦିଅନ୍ତୁ । ଏହାକୁ ଧିମା ଆଞ୍ଚରେ ୧୫ ମିନିଟ୍ ବସାନ୍ତୁ । ଧ୍ୟାନ ରଖିବେ ତେଲ ଯେମିତି ନ ଜଳେ । ତେଲର ରଙ୍ଗ ପରିବର୍ତ୍ତନ ହେଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଏହା ଥଣ୍ଡା ହୋଇଗଲେ ଗୋଟିଏ ସୂତା କପଡ଼ାରେ ଛାଣି ଏହାକୁ ରଖନ୍ତୁ ।

### ତେଲ ଲଗାଇବାର ବିଧି

କେଶ ଧୋଇବାର କିଛି ଘଣ୍ଟା ପୂର୍ବରୁ ଏହାକୁ ଲଗାନ୍ତୁ । ପ୍ରଥମେ ଏହାକୁ ହାଲୁକା ହାତରେ ସ୍କାଲ୍‌ପରେ ମସାଜ୍ କରନ୍ତୁ । ଏହାପରେ କେଶର ଲଗାନ୍ତୁ । ଚାହିଁଲେ ଏହାକୁ ରାତିରେ ଲଗାଇ ସକାଳେ ଧୋଇପାରିବେ । ସପ୍ତାହରେ ଥରେ ଦୁଇଥର ଲଗାଇବା ପରେ କେଶରେ ନାନା ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହା କେଶକୁ ମୂଳରୁ ମଜଭୂତ କରି କେଶଝଡ଼ା ରୋକିଥାଏ । ଏଥିସହ କେଶରେ ଚମକ ଆଣି କେଶକୁ କଳା, ଚିକ୍କଣ କରିଥାଏ ।




# ରାଇସ୍ ଆମ୍‌ଲେଟ୍

### ଆବଶ୍ୟକ ସାମଗ୍ରୀ

ବଏଲ୍ ରାଇସ୍ - ୨୦୦ ଗ୍ରାମ୍, ଅଣ୍ଡା- ଦୁଇଟି, ହଳଦୀଗୁଣ୍ଡ - ଅଧା ଚାମଚ ଲଙ୍କାଗୁଣ୍ଡ - ଅଧା ଚାମଚ, କଟା ପିଆଜ ଶଣ୍ଢା - ଏକ ଚାମଚ, ଚିଜ୍ - ଖଣ୍ଡେ, ଲୁଣ - ସ୍ୱାଦ ଅନୁସାରେ, ଚିଲି ଅଏଲ୍- ଦୁଇ ଚାମଚ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଚିଲି ଅଏଲ୍ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସିଝା ଭାତକୁ ଦେଇ ପିଠା ଖଡ଼ିକାରେ ଭଲରେ ଖେଳାଇ ଦିଅନ୍ତୁ । ଏହାପରେ ଗୋଟିଏ ପାତ୍ର ନେଇ ସେଥିରେ ଅଣ୍ଡା ଭାଙ୍ଗି ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଲୁଣ ପକାଇ ଗୋଳେଇ ଦିଅନ୍ତୁ । ଏହି ଅଣ୍ଡାକୁ ଭାତ ଉପରେ ଦେଇ ଦିଅନ୍ତୁ । ଏହା ଉପରେ ପିଆଜ ଶଣ୍ଢା, ଚିଜ୍ ପକାଇ ପାଞ୍ଚ ମିନିଟ୍ ଧିମା ଆଞ୍ଚରେ ଘୋଡାଇ ଦିଅନ୍ତୁ । ଏହାପରେ ଢାଙ୍କୁଣି ଖୋଲି, ଆମ୍‌ଲେଟ୍‌କୁ ଏକ ପାଖ କରି ଲେଉଟାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ରାଇସ୍ ଅମ୍‌ଲେଟ୍' ।

# ଥ୍ରେଡର୍ ଇୟରିଂ



**ମେକ୍‌ଅପ୍ ଭଳି ସମୟାନୁସାରେ କାନଫୁଲକୁ ନେଇ ମଧ୍ୟ ବିଭିନ୍ନ ଡିଜାଇନ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଯୁବତୀଙ୍କ ମଧ୍ୟରେ ଥ୍ରେଡର୍ ଇୟରିଂର ଚାହିଦା ରହିଛି । ଏହା ସାଧା ଓ ସରୁ ଚେନ୍ କାନଫୁଲ । ଏଥିରେ ହୁପ୍ କିମ୍ବା ତାଲି ନ ଥିବାରୁ ଏହା ପିନ୍ଧିବା ସୁବିଧାଜନକ ହୋଇଥାଏ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ । ଏହା ସବୁ ପ୍ରକାର ମୁଖଗଠନ ଶୈଳୀକୁ ମାନିଥାଏ । ତେବେ ଏହା କେଉଁ ଆଉଟ୍ ଫିଟକୁ ଭଲ ମାନିବ ଜାଣିବା ସେ ବିଷୟରେ ।**

ପାର୍ଟି, ପଙ୍କ୍‌ସନ୍‌ରେ ଟିକେ ହେଭି ଦିଶିବାକୁ ଚାହୁଁଥିଲେ, ଝୁମ୍‌କା କିମ୍ବା ଷ୍ଟୋନ୍ ଲାଗିଥିବା କାନଫୁଲ ପିନ୍ଧିପାରିବେ । ଖୋଲା କେଶ ଅପେକ୍ଷା ଏହା ବନ୍ଧା କେଶରେ ଭଲ ମାନିଥାଏ ।



ସେହିପରି ଏହି କାନଫୁଲ ତଳୁ ଚେନ୍ ଭଳି ଝୁଲି ରହୁଥିବାରୁ ଏହା ଯୁବତୀଙ୍କର ଅତି ପ୍ରିୟ ହୋଇଥାଏ । ଏହା ଜିନ୍ସ, ଟପ୍‌ସ, ସାଲୱର ସୁଟ୍ ଆଦି ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

ଗୋଲକାର ଏବଂ ଡାଇମଣ୍ଡ ଫେସ୍ ଥିବା ଯୁବତୀମାନେ ପତଳା, ଲେୟାର୍ଡ ଚେନ୍ ଡିଜାଇନର କାନଫୁଲ ପିନ୍ଧିପାରିବେ । ସେହିପରି ଲମ୍ବା, ସେପ୍ ଥିବା ମହିଳାଙ୍କୁ ଓଜନିଆ ଥ୍ରେଡର୍ ଇୟରିଂ ଡିଜାଇନ୍ ଭଲ ମାନିଥାଏ ।

ଏହି ଡିଜାଇନର ବିଶେଷ କରି ବଟର ଫ୍ଲାଏ, ଷ୍ଟୋନ୍, ଫ୍ଲାୱାର, ମୁନ୍ ସେପ୍ , ହାଟ୍‌ସେପ୍ ଆଦି କାନଫୁଲ ଡିଜାଇନ୍ ଟ୍ରେଣ୍ଡରେ ରହିଛି । ପର୍ଲ ଏବଂ ହାପ୍‌ମୁନ୍ ଡିଜାଇନର କାନଫୁଲ ବିଶେଷ କରି କଲେଜ ଏବଂ କର୍ମଜୀବୀ ମହିଳାଙ୍କ ପ୍ରଥମ ପସନ୍ଦ ପାଲଟିଛି ।

# ଆଲମଣ୍ଡରେ ତ୍ୱଚା ଉଜ୍ଜ୍ୱଳ

**ପୋଷକ ତତ୍ତ୍ୱରେ ଭରପୂର ଆଲମଣ୍ଡ ତ୍ୱଚା ପାଇଁ ହିତକର । ଏହାର ବ୍ୟବହାରରେ ବ୍ରଣ, ଚର୍ମ କୁଞ୍ଚନ ଦୂର ହେବା ସହ ତ୍ୱଚା ଉଜ୍ଜ୍ୱଳ ଦିଶେ । ସୁସ୍ଥ, ସୁନ୍ଦର ତ୍ୱଚା ପାଇଁ ଏହାକୁ କିଭଳି ବ୍ୟବହାର କରିବେ, ଜାଣିବା ସେ ସମ୍ପର୍କରେ... ।**



- ଆଲମଣ୍ଡକୁ ବାଟି ରଖନ୍ତୁ । ଏଥିରେ ଦହି ମିଶାଇ ମୁହଁ ଓ ବେକରେ ଲଗାନ୍ତୁ । ୧୦ ମିନିଟ୍ ପରେ ମୁହଁକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ସପ୍ତାହକୁ ଦୁଇ ଥର ଏହାକୁ ଲଗାଇଲେ ତ୍ୱଚା ଉଜ୍ଜ୍ୱଳ ଦିଶିବ ।
- ଆଲମଣ୍ଡ ପେଷ୍ଟରେ ପାଚିଲା ଅମୃତଭଣ୍ଡାକୁ ଚକଟି ଦିଅନ୍ତୁ । ଏହାକୁ ମୁହଁରେ ଲଗାଇ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ । କିଛି ସମୟ ପରେ ମୁହଁ ଧୋଇ ଦିଅନ୍ତୁ । ସପ୍ତାହକୁ ଥରେ କିମ୍ବା ଦୁଇଥର ବ୍ୟବହାର କରିବା ଦ୍ୱାରା ବ୍ଲାକ୍‌ହେଡ୍ସ ଦୂର ହୋଇଥାଏ ।
- ଆଲମଣ୍ଡ ପେଷ୍ଟରେ ନଡ଼ିଆ ରସ ମିଶାଇ ଲଗାନ୍ତୁ । ୫-୬ ଦିନରେ ଥରେ ଲଗାଇବା ଦ୍ୱାରା ତ୍ୱଚା କୋମଳ ରହେ ।
- ଆଲମଣ୍ଡ ପେଷ୍ଟରେ ମହୁ ମିଶାଇ ମୁହଁ ଓ ବେକରେ ଲଗାନ୍ତୁ । ଦଶ ମିନିଟ୍ ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହା ଦ୍ୱାରା ତ୍ୱଚା ତୁରନ୍ତ ଉଜ୍ଜ୍ୱଳ ଦିଶେ ।



## ବିସିସିଆଇର ବଡ଼ ନିଷ୍ପତ୍ତି

# ବଦଳିପାରିବେ ଗୁରୁତର ଆହତ ଖେଳାଳି



ମୁମ୍ବଇ,୧୬।୮ (ଏଜେନ୍ସି): ଘରୋଇ କ୍ରିକେଟର ପ୍ଲେଇଂ କଣ୍ଡିସନ ବା ଖେଳ ସର୍ତ୍ତାବଳୀରେ ବିସିସିଆଇ ଏକ ବଡ଼ ନିଷ୍ପତ୍ତି ନେଇଛି। ଚଳିତ ସିଜନର ସମସ୍ତ ଘରୋଇ ମଲ୍ଟି ଡେ (ଏକାଧିକ ଦିନ ଧରି ହେଉଥିବା କ୍ରିକେଟ) କ୍ରିକେଟ ପ୍ରତିଯୋଗିତାରେ ଗୁରୁତର ଆହତ ଖେଳାଳିଙ୍କୁ ପରିବର୍ତ୍ତନ କରାଯିବ। ଚଳିତ ସିଜନ ଲାଗି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିବା ପ୍ଲେଇଂ କଣ୍ଡିସନ୍‌ରେ ବିସିସିଆଇ 'ସିରିୟସ ଇଞ୍ଜୁରୀ ରିପ୍ଲେସ୍‌ମେଣ୍ଟ' କ୍ଲଜ୍ ଯୋଡିଛି। ଏହା କେବଳ ରଣଜୀ ଟ୍ରଫି, ଦୁଲୀପ ଟ୍ରଫି ଭଳି ଏକାଧିକ ଦିନ ଧରି ଖେଳାଯାଉଥିବା ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଲାଗୁ ହେବ। ୧୯ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଏହି ନିୟମ ମଧ୍ୟ ଲାଗୁ ହେବ। କିନ୍ତୁ ଏହା ସୟଦ ମୁସ୍ତାକ ଅଲି ଟି-୨୦ କିମ୍ବା ବିଜୟ ହଜାରେ ଟ୍ରଫି ୫୦ ଓଭର ବିଶିଷ୍ଟ କ୍ରିକେଟରେ ଲାଗୁ ହେବ ନାହିଁ। ନିକଟରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ରେ ଋଷଭ ପନ୍ତ୍ ଓ କ୍ରିସ୍ ଓକ୍ସଙ୍କ ଆହତ ହେବା ପରେ ବିସିସିଆଇ ଏଭଳି ନିଷ୍ପତ୍ତି ନେଇଛି। ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ଚତୁର୍ଥ ଟେଷ୍ଟରେ ଭାରତର ୱିକେଟ ରକ୍ଷକ ଋଷଭ ପନ୍ତଙ୍କ ଗୋଡରେ ଆଘାତ ଲାଗିବା ଫଳରେ ଓ ପଞ୍ଚମ ଟେଷ୍ଟରେ କ୍ରିସ୍ ଓକ୍ସଙ୍କ କାନ୍ଧରେ ଗୁରୁତର ଆଘାତ ଲାଗିବା ଫଳରେ ଉଭୟ ଖେଳାଳି ମ୍ୟାଚ୍‌ରେ ଅବଶିଷ୍ଟ ସମୟ ଖେଳି ପାରି ନ ଥିଲେ। ଏପରିକି ମ୍ୟାଚ୍ ବଞ୍ଚାଇବା ଲାଗି ଓକ୍ସ ଗୋଟିଏ ହାତରେ ଯନ୍ତ୍ରଣାର ସହ ବ୍ୟାଟିଂ କରିଥିଲେ।

ଗୁରୁତର ଆହତ ହୋଇଥିଲେ ମଧ୍ୟ ଆଇସିସି ନିୟମ ଅନୁଯାୟୀ ସେମାନଙ୍କ ସ୍ଥାନରେ ଅନ୍ୟ କୌଣସି ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇ ନ ଥିଲା। ଯାହା ଫଳରେ ଉଭୟ ଦଳ ସମ୍ପୃକ୍ତ ମ୍ୟାଚ୍‌ରେ ଜଣେ ଲେଖାଏଁ ଖେଳାଳିଙ୍କ ଅନୁପସ୍ଥିତିରେ ଖେଳିଥିଲେ। ଟେଷ୍ଟ ମ୍ୟାଚ୍‌ରେ କେବଳ କନକସସ ନିୟମ ଅନୁଯାୟୀ ଜଣେ ଖେଳାଳିଙ୍କୁ ପରିବର୍ତ୍ତନ କରାଯିବାର ଏବେ ନିୟମ ରହିଛି। କିନ୍ତୁ ପନ୍ତ ଓ ଓକ୍ସଙ୍କ ଗୁରୁତର ଆଘାତ ପରେ ଏହି ନିୟମରେ ପରିବର୍ତ୍ତନ ଆଣିବାକୁ ଦାବି ଜୋର ହୋଇଥିଲା। ଏପରିକି ଯେଉଁ ଖେଳାଳି ଆହତ ହୋଇଛନ୍ତି, ଠିକ୍ ତାଙ୍କ ପରି ଜଣେ ସମାନ ଖେଳାଳିଙ୍କୁ ଅବଶିଷ୍ଟ ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ଦେବାକୁ ଦାବି କରାଯାଇଥିଲା। କିନ୍ତୁ ଏ ସମ୍ପର୍କରେ ଆଇସିସି ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିଲା କିମ୍ବା ନିୟମ ପରିବର୍ତ୍ତନ ଲାଗି କିଛି ପଦକ୍ଷେପ ନିଆଯାଇ ନ ଥିଲା।

ବିସିସିଆଇ ଏବେ ପାଦେ ଆଗେଇଯାଇ ଏପରି ଖେଳାଳିଙ୍କୁ ପରିବର୍ତ୍ତନ କରାଯିବାକୁ ନିଷ୍ପତ୍ତି ନେଇଛି। ଏହା ଫଳରେ ଯଦି ଦଳରେ ଜଣେ ଖେଳାଳି ଗୁରୁତର ଆହତ ହୁଅନ୍ତି, ତେବେ ତାଙ୍କ ସମକକ୍ଷ ଜଣେ ଖେଳାଳିଙ୍କୁ ଅବଶିଷ୍ଟ ସମୟରେ ଖେଳିବାକୁ ସୁଯୋଗ ଦିଆଯିବ ବୋଲି ବିସିସିଆଇ ପ୍ଲେଇଂ କଣ୍ଡିସନରେ ଯୋଡିଛି। ଏହା ନିଶ୍ଚିତଭାବେ ଆହତ ସମସ୍ୟା ଲାଗି ଗୋଟିଏ ଦଳ ଅସୁବିଧାରେ ପଡ଼ିବ ନାହିଁ। କିନ୍ତୁ ବିସିସିଆଇ ସର୍ତ୍ତ ରଖିଛି ଯେ, ଆଘାତ ସମସ୍ୟାଟି ଖେଳ ପଡ଼ିଆ ମଧ୍ୟରେ ହୋଇଥିବ। ଖେଳାଳିଙ୍କ ବାହାର ଅଂଶରେ ଆଘାତ ଲାଗିଥିବା ଜରୁରୀ। ଯେପରି ଜଣେ ଖେଳାଳିଙ୍କ ହାତଗୋଡ କିମ୍ବା ଅନ୍ୟ କିଛି ଭାଙ୍ଗିଯିବା, ଗଭୀର କ୍ଷତ ସୃଷ୍ଟି ହେବ କିମ୍ବା କାନ୍ଧରୁ ହାଡ ଖସିଯିବା। ଏପରି ଆଘାତ ହୋଇଥିଲେ ଖେଳାଳି ପରିବର୍ତ୍ତନ ଲାଗି ମ୍ୟାଚ୍ ରେଫରି ଉଭୟ ଡାକ୍ତର ଓ ଅମ୍ପାୟାର ନିଷ୍ପତ୍ତି ନେଇ ସମଦକ୍ଷତା ସମ୍ପନ୍ନ ଖେଳାଳିଙ୍କୁ ଅବଶିଷ୍ଟ ମ୍ୟାଚ୍‌ରେ ଖେଳିବା ଲାଗି ଅନୁମତି ଦେଇ ପାରିବେ। ଉଭୟ ଆହତ ଓ ବଦଳ ଖେଳାଳି ଏହି ମ୍ୟାଚ୍ ଖେଳିବାର ରେକର୍ଡ ରହିବ।

## ଫିଟ୍‌ହେଲେ ସୂର୍ଯ୍ୟକୁମାର

ବେଙ୍ଗାଲୁରୁ, ୧୬।୮ (ଏଜେନ୍ସି): ଆସନ୍ତା ମାସରେ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳ ପାଇଁ ଏକ ଖୁସି ଖବର ଆସିଛି। ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫିଟନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ଜୁନ ମାସରେ ଜର୍ମାନୀରେ ସୂର୍ଯ୍ୟକୁମାରଙ୍କ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅପରେସନ ହୋଇଥିଲା। ଅପରେସନ ପରେ ସୁସ୍ଥ ହୋଇଥିବା ସୂର୍ଯ୍ୟଙ୍କର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) ରେ ଫିଟନେସ ପରୀକ୍ଷା ହୋଇଥିଲା। ଏଥିରେ ସେ ପାସ୍ କରିଥିବା ବିସିସିଆଇ ପକ୍ଷରୁ ଜଣାପଡ଼ିଛି। ଫଳରେ ଏସିଆ କପ୍‌ରେ ସେ ଦଳରେ ନେତୃତ୍ୱ ନେବା ନିଶ୍ଚିତ ହୋଇଛି। ଏସିଆ କପ୍ ଲାଗି ମଙ୍ଗଳବାର ୧୫ ଜଣିଆ ଦଳ ଚୟନ ହେବ। ଏଥିରେ ମୁଖ୍ୟ ଚୟନକର୍ତ୍ତାଙ୍କ ସହ ୩୪ ବର୍ଷୀୟ ସୂର୍ଯ୍ୟକୁମାର ଉପସ୍ଥିତ ରହିବେ। ସେପ୍ଟେମ୍ବର ୯ ରୁ ୟୁଏଇରେ ଏସିଆ କପ୍ କ୍ରିକେଟ୍ ଖେଳାଯିବ। ଆୟୋଜକ ୟୁଏଇ, ପାକିସ୍ତାନ ଓ ଓମାନ ସହ ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ସେପ୍ଟେମ୍ବର ୧୦ରେ ୟୁଏଇ ସହ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ସେପ୍ଟେମ୍ବର ୧୪ରେ ପାକିସ୍ତାନ ଓ ୧୯ ରେ ଓମାନ ସହ ଶେଷ ଗ୍ରୁପ୍ ମ୍ୟାଚ୍ ଖେଳିବ। ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର୍-୪କୁ ଯୋଗ୍ୟତା ଅର୍ଜନ କରିବେ।

## ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ସିମ୍ପସନ୍‌ଙ୍କ ପରଲୋକ



ସିଡନୀ, ୧୬।୮ (ଏଜେନ୍ସି): ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ବବ୍ ସିମ୍ପସନଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ଜଣେ ଓପନିଂ ବ୍ୟାଟର୍ ସହ ସିମ୍ପସନ ଲେଗ୍-ସ୍ପିନ ବୋଲିଂ ମଧ୍ୟ କରିଥାନ୍ତି। ସେହିଭଳି ସ୍ଲିପ ଅଞ୍ଚଳରେ ସେ ଜଣେ ଶ୍ରେଷ୍ଠ ଫିଲ୍ଡର ଥିଲେ। ସିମ୍ପସନଙ୍କୁ ୧୬ ବର୍ଷ ହୋଇଥିବାବେଳେ ସେ ନ୍ୟୁ ସାଉଥୱେଲ୍ସ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ୧୯୫୭ରୁ ୧୯୭୮ ମସିହା ମଧ୍ୟରେ ସେ ଅଷ୍ଟ୍ରେଲିଆ ପାଇଁ ୬୨ ଟେଷ୍ଟ ମ୍ୟାଚରେ ପ୍ରତିନିଧିତ୍ୱ କରିଥିଲେ। ଯେଉଁଥିରେ ସେ ୪୬.୮୧ ହାରରେ ୪୮୬୯ ରନ ସଂଗ୍ରହ କରିଥିଲେ। ତାଙ୍କ ନାମରେ ୧୦ ଶତକ ଓ ୨୭ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ସେ ଟେଷ୍ଟରେ ୭୧ଟି ୱିକେଟ୍ ମଧ୍ୟ ଅକ୍ତିଆର କରିଛନ୍ତି। ଏହାବାଦ୍ ପ୍ରଥମଶ୍ରେଣୀ ଫର୍ମାଟ୍‌ରେ ସେ ୨୫୭ ମ୍ୟାଚ୍ ଖେଳି ୬୦ ଶତକ ଓ ୧୦୦ ଅର୍ଦ୍ଧଶତକ ସହ ୨୧,୦୨୯ ରନ ସଂଗ୍ରହ କରିଥିଲେ। ଅବସର ପରେ ସିମ୍ପସନ ୧୯୮୬ରୁ ୧୯୯୬ ପର୍ଯ୍ୟନ୍ତ ୧୦ ବର୍ଷ ଧରି ଅଷ୍ଟ୍ରେଲିଆ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଅଷ୍ଟ୍ରେଲିଆ ୧୯୮୭ ବିଶ୍ୱକପ ଓ ୧୯୮୯ରେ ଆସେସ୍ ସିରିଜ ବିଜୟୀ ହୋଇଥିଲା।

## ଜାତୀୟସ୍ତରର ଫୁଟ୍‌ବଲ ଖେଳାଳି ଉତ୍ତମଙ୍କ ବିୟୋଗ

ଭୁବନେଶ୍ୱର, ୧୬।୮ (ସମିସ): ଓଡ଼ିଶାର ପୂର୍ବତନ ଜାତୀୟସ୍ତରର ଫୁଟବଲ୍ ଖେଳାଳି ଉତ୍ତମ କୁମାର ବେହେରାଙ୍କ ୫୫ ବର୍ଷ ବୟସରେ



ବିୟୋଗ ଘଟିଛି। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁଶର୍ଯ୍ୟା ନିକଟରେ ପତ୍ନୀ, ପୁତ୍ର ଓ କନ୍ୟା ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱର୍ଗତ ଉତ୍ତମ ଜଣେ ଗୋଲ୍‌କିପର ଭାବେ ରାଜ୍ୟ ପକ୍ଷରୁ ଖେଳୁଥିଲେ। ସେ ଜାତୀୟ ଜୁନିଅର ଓ ସବ୍‌ଜୁନିଅର ବର୍ଗରେ ବହୁ ଜାତୀୟସ୍ତରର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

## ଜମିଲ୍‌ଙ୍କ ଦଳରେ ସ୍ଥାନ ପାଇଲେନି ଛେତ୍ରୀ

ବେଙ୍ଗାଲୁରୁ, ୧୬।୮ (ଏଜେନ୍ସି): ଆଗାମୀ କାଫା ନେସନ୍ସ କପ୍ ଲାଗି ୩୫ ଜଣିଆ ସମ୍ଭାବ୍ୟ ଭାରତୀୟ ସିନିଅର ପୁରୁଷ ଫୁଟ୍‌ବଲ ଦଳ ଘୋଷଣା କରାଯାଇଛି।



ନବନିଯୁକ୍ତ ମୁଖ୍ୟ ପ୍ରଶିକ୍ଷକ ଖଲିଦ ଜମିଲଙ୍କ ଦ୍ୱାରା ଘୋଷିତ ଦଳରେ ଅଭିଜ୍ଞ ଷ୍ଟ୍ରାଇକର୍ ସୁନିଲ ଛେତ୍ରୀଙ୍କ ନାମ ନାହିଁ। ତେବେ ୪୧ ବର୍ଷୀୟ ଛେତ୍ରୀଙ୍କୁ ଦଳରୁ ବାଦ୍ ଦିଆଯାଇଛି କି ସେ ନିଜ ଆଡୁ ବିଶ୍ରାମ ନେଇଛନ୍ତି ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇନାହିଁ। ଅବସର ପରେ ପୁଣିଥରେ ଅନ୍ତର୍ଜାତୀୟ ଫୁଟ୍‌ବଲକୁ ପ୍ରତ୍ୟାବର୍ତ୍ତନ କରି ଛେତ୍ରୀ ୪ଟି ମ୍ୟାଚ୍ ଖେଳିସାରିଛନ୍ତି। କିନ୍ତୁ ତାଙ୍କ ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିନାହିଁ। ସେ ମାତ୍ର ଗୋଟିଏ ଗୋଲ୍ ଦେଇଛନ୍ତି। ତେଣୁ ନୂଆ ପ୍ରଶିକ୍ଷକ ଜମିଲ ପ୍ରଦର୍ଶନକୁ ନେଇ ତାଙ୍କୁ ବାଦ୍ ଦେଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ କିନ୍ତୁ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ବେଙ୍ଗାଲୁରୁରେ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। କାଫା ନେସନ୍ସ କପ୍‌ରେ ଭାରତ ଅଗଷ୍ଟ ୨୯ରେ ତାଜିକିସ୍ତାନ, ସେପ୍ଟେମ୍ବର ୧ରେ ଇରାନ ଓ ୪ରେ ଆଫଗାନିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।

## ସିରିଜ ସୁଇପ୍ ଲକ୍ଷ୍ୟରେ ଭାରତ-ଏ

ବ୍ରିସବେନ, ୧୬।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତ-ଏ ମହିଳା କ୍ରିକେଟ୍ ଦଳ ଦିନିକିଆ ସିରିଜକୁ ଆଗୁଆ କବଜା କରିନେଇଛି। ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆ-ଏ ମହିଳା କ୍ରିକେଟ୍ ଦଳକୁ ଭାରତ-ଏ ୩ ୱିକେଟ୍‌ରେ ହରାଇଥିଲା। ଏହାପରେ ସ୍ୱାଧୀନତା ଦିବସରେ ଖେଳାଯାଇଥିବା ୨ୟ ଦିନିକିଆକୁ ଭାରତ-ଏ ୨ ୱିକେଟ୍‌ରେ ଜିତିନେଇଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଅଷ୍ଟ୍ରେଲିଆ-ଏ ଆଲିସା ହେଲୀଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୯ ୱିକେଟରେ ୨୬୫ ରନ କରିଥିଲା। ହେଲୀ ସର୍ବାଧିକ ୯୧ ରନ କରିଥିଲେ। ଭାରତ-ଏ ପକ୍ଷରୁ ମିନୁ ମାନି ୩ ଓ ସଇମା ଠାକୁର ୨ଟି ୱିକେଟ୍ ନେଇଥିଲେ। ଜବାବରେ ଭାରତ-ଏ ନିମ୍ନକ୍ରମର ବ୍ୟାଟରଙ୍କ ଉପଯୋଗୀ ପାଳି ବଳରେ ଗୋଟିଏ ବଲ୍ ଓ ୨ ୱିକେଟ ବଳକା ଥାଇ ବିଜୟୀ ହୋଇଥିଲା। ଓପନର ୟସ୍ତିକା ଭାଟିଆ ସର୍ବାଧିକ ୬୬ ରନ କରିଥିଲେ। ସେହିଭଳି ଅଧିନାୟିକା ରାଧା ଯାଦବ ୬୦ ଓ ୮ମ ସ୍ଥାନରେ ଆସିଥିବା ତନୁଜା କନୱର ୫୦ ରନ କରି ଦଳକୁ ଆଗୁଆ ସିରିଜ କବଜା କରିବାରେ ସହାୟତା କରିଥିଲେ। ରବିବାର ଅନ୍ତିମ ତଥା ୩ୟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜିତି ଭ୍ରମଣକାରୀ ଭାରତ-ଏ ସିରିଜ କ୍ଲିନ ସୁଇପ୍ କରିବାକୁ ଲକ୍ଷ୍ୟ ରଖିଛି।

### ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍

## ଭାରତୀୟ ଦଳରେ ବିଶାଖା

ଭୁବନେଶ୍ୱର, ୧୬।୮ (ସମିସ): ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସମ୍ମାନଜନକ ଜୁନିଅର ପ୍ରତିଯୋଗିତା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ସୁନ୍ଦରଗଡ଼ର ବିଶାଖା ଟପ୍ପୋ ସ୍ଥାନ ପାଇଛନ୍ତି। ସେ ଉଭୟ ଦଳଗତ ଓ ବ୍ୟକ୍ତିଗତ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ବିଶାଖା ଭୁବନେଶ୍ୱରସ୍ଥିତ ସାଇ ରିଜିଓନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ୨୦୧୯ରେ



ବିଶାଖା ୧୩ ବର୍ଷରୁ କମ୍ ସିଙ୍ଗଲ୍ସରେ ରାଜ୍ୟ ଚାମ୍ପିଅନ ହୋଇଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଏହି ଅବସରରେ ରାଜ୍ୟ କ୍ରୀଡ଼ା ଜଗତରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୬ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍ ଗୌହାଟୀରେ ଖେଳାଯିବ। ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ୩୭ଟି ଦଳ ଭାଗନେବେ। ଦଳଗତ ଇଭେଣ୍ଟରେ ଭାରତ ୨ୟ ସିଡ୍ ମାନ୍ୟତା ପାଇଛି। ଆୟୋଜକ ଭାରତ ଗ୍ରୁପ୍-ଏଚ୍'ରେ ହଂକଂ, ନେପାଳ ଓ ଘାନା ସହ ସ୍ଥାନ ପାଇଛି। ପ୍ରତି ଗ୍ରୁପ୍‌ର ଶୀର୍ଷ ଦଳ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିବ। ୨୦୦୮ ପରେ ପ୍ରଥମଥର ଲାଗି ଭାରତ ଏହି ମେଗା ଇଭେଣ୍ଟ ଆୟୋଜନ କରିବାର ଅଧିକାର ହାସଲ କରିଛି।

### ମ୍ୟାଚ୍‌ରେ ମ୍ୟାକ୍ସୱେଲ, ସିରିଜ୍‌ରେ ଡେଭିଡ୍ ଶ୍ରେଷ୍ଠ

## ଅଷ୍ଟ୍ରେଲିଆର ଟି-୨୦ ସିରିଜ୍ କବ୍‌ଜା

କେର୍ନସ,୧୬।୮ (ଏଜେନ୍ସି): ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ (୩୬ ବଲ୍‌ରେ ୬୨*ରନ୍)ଙ୍କ ବିସ୍ଫୋରକ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଟି-୨୦ ରୋମାଞ୍ଚକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨ ୱିକେଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଘରୋଇ ଦଳ ୨-୧ ବ୍ୟବଧାନରେ ଜିତିନେଇଛି। ଏହି ମ୍ୟାଚ୍‌ରେ ନଂ-୬ରେ ବ୍ୟାଟିଂ କରିବାକୁ ଆସି ୩୬ ବଲ୍‌ରୁ ୮ ଚୌକା ଓ ୨ ଛକା ସହ ୬୨ ରନ୍ କରି ଅପରାଜିତ ଥିବା ମ୍ୟାକ୍ସୱେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ୩ଟି ମ୍ୟାଚ୍‌ରେ ୧୫୦ ରନ୍ କରିଥିବା ଅଷ୍ଟ୍ରେଲିଆର ଟିମ୍ ଡେଭିଡ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଟି-୨୦ ପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଏଠାରେ ଅଗଷ୍ଟ ୧୯ରୁ ଆରମ୍ଭ ହେବ। ଏହା ପରେ ମ୍ୟାକୟରେ ଅଗଷ୍ଟ ୨୨ ଓ ୨୩ରେ ଶେଷ ଦୁଇଟି ଦିନିକିଆ ମ୍ୟାଚ୍ ଖେଳାଯିବ।

ଏହି ମ୍ୟାଚ୍‌ରେ ଯୁବ ଖେଳାଳି ଡିୱାଲ୍ଡ ବ୍ରେଭିସ୍‌ଙ୍କ ୫୩ ଓ ରାସି ଭାନ ଡର ଡୁସେନଙ୍କ ଅପରାଜିତ ୩୮ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୧୭୨ ରନ୍ କରିଥିଲା। ନାଥାନ ଏଲିସ୍ ୩ଟି, ଜୋଶ ହାଜ୍‌ଲେଉଡ୍ ଓ ଆଦାମ ଜାମ୍ପା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବା ଫଳରେ ଅଷ୍ଟ୍ରେଲିଆ ଆଗରେ ୧୭୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ପିଛା କରି ଅଷ୍ଟ୍ରେଲିଆ ଭଲ ଆରମ୍ଭ କରି ୮ ଓଭରରୁ ୬୬ ରନ୍ ଉଠାଇଥିଲା। କିନ୍ତୁ ଓପନର ଟ୍ରାଭିସ ହେଡ୍‌ଙ୍କୁ ଆଇଡେନ ମାର୍କରାମ ଆଉଟ କରି ବ୍ରେକ୍ ଥ୍ରୁ ଦେବା ପରେ ଅଷ୍ଟ୍ରେଲିଆ ୨୦ ରନ୍‌ରେ ୪ଟି ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଡେଭିଡ୍ ଓ ମ୍ୟାକ୍ସୱେଲ ପାଳି ସଜାଡିଆସୁଥିଲାବେଳେ ଦଳ ୨ ରନ୍‌ରେ ୨ଟି ୱିକେଟ ହରାଇ ପୁଣି ବିପଦରେ ପଡ଼ିଥିଲା। ଏହି ସମୟରେ ଦଳ ୧୩.୫ ଓଭରରେ ୧୨୨ ରନ୍‌ରେ ୬ ୱିକେଟ ହରାଇଥିଲା। ଏହି ସମୟରେ ୮ ବଲ୍‌ରେ ୭ ରନ୍ କରିଥିବା ମ୍ୟାକ୍ସୱେଲ ଏକାକୀ ଲଢୁଆ ଖେଳି ଦକ୍ଷିଣ ଆଫ୍ରିକା ନିକଟରୁ ମ୍ୟାଚ୍ ଛଡ଼ାଇଆଣିଥିଲେ। ଏହି ସ୍କୋର ପରେ ୨ଜଣ ଖେଳାଳି



ଆଉଟ ହୋଇଥିଲାବେଳେ ଗୋଟିଏ ରନ୍ ହୋଇଥିଲା। ମ୍ୟାକ୍ସୱେଲ ଏକାକୀ ଅବଶିଷ୍ଟ ରନ୍ ସଂଗ୍ରହ କରି ଗୋଟିଏ ବଲ ବାକିଥାଇ ଦଳକୁ ମ୍ୟାଚ୍ ଜିତାଇଥିଲେ। ପରାଜିତ ଦଳର କର୍ବିନ ବୋଶ ୩ଟି, କାଗିସୋ ରାବାଡ଼ା ଓ କ୍ୱେନା ମାପାକା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ ମଧ୍ୟ ତାହା ଦଳକୁ ଜିତାଇ ପାରି ନ ଥିଲା।

### ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍-୨୦୨୬

## ଜର୍ମାନୀର ଯୋଗ୍ୟତା ଅର୍ଜନ



ବର୍ଲିନ୍,୧୬।୮ (ଏଜେନ୍ସି): ୩ ଥରର ଚାମ୍ପିଅନ ଜର୍ମାନୀ ୨୦୨୬ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସ୍ପେନ୍‌କୁ ୪-୧ ଗୋଲରେ ହରାଇ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ଏଠାରେ ଚାଲିଥିବା ୟୁରୋ କପ୍ ହକି ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିବା ପରେ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟ ଏକ ସେମିଫାଇନାଲରେ ଫ୍ରାନ୍ସକୁ ହରାଇ ନେଦରଲାଣ୍ଡସ ମଧ୍ୟ ଫାଇନାଲରେ ପ୍ରବେଶ କରିଛି। ନିୟମ ଅନୁଯାୟୀ ୟୁରୋକପ୍ ଚାମ୍ପିଅନ ହକି ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବା କଥା। କିନ୍ତୁ ୨୦୨୬ ବିଶ୍ୱକପ୍ ବେଲଜିୟମ ଓ ନେଦରଲାଣ୍ଡସରେ ଖେଳାଯିବ। ଏଣୁ ଆୟୋଜକ ଭାବେ ଉଭୟ ଦଳ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ଅନ୍ୟ କୌଣସି ପ୍ରକାର ଯୋଗ୍ୟତା ଅର୍ଜନରେ ଏହି ଦୁଇ ଦେଶ ସାମିଲ ହେବେ ନାହିଁ। ଏଣୁ ୟୁରୋକପ୍‌ରେ ନେଦରଲାଣ୍ଡସ ଚାମ୍ପିଅନ ହେଲେ ମଧ୍ୟ ପୂର୍ବରୁ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ୟୁରୋପ୍‌ର ଦ୍ୱିତୀୟ ଦଳ ଭାବେ ଜର୍ମାନୀ ଯୋଗ୍ୟତା ଅର୍ଜନ କରିବ। ଏଣୁ ୟୁରୋ କପ୍ ଫାଇନାଲର ଫଳାଫଳ ଯାହା ହେଉ ପଛେ ଜର୍ମାନୀ ଟାଇଟଲ ରକ୍ଷା ଲାଗି ସୁଯୋଗ ପାଇଛି। ସେହିପରି ୨୦୨୩-୨୪ ପ୍ରୋ-ଲିଗ୍‌ରେ ଚାମ୍ପିଅନ ହୋଇଥିବା ଦଳ ମଧ୍ୟ ଯୋଗ୍ୟତା ଅର୍ଜନ କରିବା କଥା। ପ୍ରୋ-ଲିଗ୍‌ରେ ନେଦରଲାଣ୍ଡସ ଚାମ୍ପିଅନ ଓ ବେଲଜିୟମ ରନର୍ସ ଅପ୍ ହୋଇଥିବାରୁ ଏମାନେ ବାଦ୍ ପଡ଼ିଛନ୍ତି। ଏହା ଫଳରେ ପଏଣ୍ଟ ତାଲିକାରେ ତୃତୀୟ ସ୍ଥାନରେ ଥିବା ସ୍ପେନ୍ ପ୍ରୋ-ଲିଗ୍ କୋଟାରୁ ଯୋଗ୍ୟତା ଅର୍ଜନ କରିଛି। ସେହିପରି ୨୦୨୪-୨୫ ପ୍ରୋ-ଲିଗ୍‌ରେ ଚାମ୍ପିଅନ ହୋଇଥିବାରୁ ୬ଟି ଦଳକୁ ଯୋଗ୍ୟତା, ୧୦ ସ୍ଥାନ ପୂରଣ ହେବ: ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ଏଯାଏ ବିଭିନ୍ନ କୋଟାରେ ୬ଟି ଦଳ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ତାହା ମଧ୍ୟରେ ୟୁରୋପର ୪ଟି ଦଳ ରହିଛି। ସେଗୁଡ଼ିକ ହେଲା ନେଦରଲାଣ୍ଡସ, ବେଲଜିୟମ, ସ୍ପେନ୍ ଓ ଜର୍ମାନୀ। ଅନ୍ୟ ଦୁଇ ଦଳ ହେଲା ପାନ୍‌ଆମେରିକାନ ଚାମ୍ପିଅନ ଆର୍ଜେଣ୍ଟିନା ଓ ୨୦୨୪-୨୫ ପ୍ରୋ-ଲିଗ୍ ଚାମ୍ପିଅନ ଅଷ୍ଟ୍ରେଲିଆ। ଏଣୁ ବିଶ୍ୱକପ୍‌ରେ ଆହୁରି ୧୦ଟି ସ୍ଥାନ ପୂରଣ ହେବାକୁ ବାକି ରହିଛି। ତାହା ମଧ୍ୟରୁ ଏସିଆ, ଆଫ୍ରିକା ଓ ଓସେନିଆ ଚାମ୍ପିଅନ ଟିମ୍ ୩ଟି ସ୍ଥାନରେ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଅନ୍ୟ ୭ଟି ଦେଶ ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରୁ ଯୋଗ୍ୟ ବିବେଚିତ ହେବେ। ଭାରତ ଏହି ୧୦ଟି ମଧ୍ୟରେ ରହିଛି। ଏସିଆ କପ ବିହାରର ରାଜଗିରିଠାରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୮ ଯାଏ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଚାମ୍ପିଅନ ହେଲେ ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଯଦି ଚାମ୍ପିଅନ ହୋଇ ନ ପାରେ, ତେବେ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଭାଗନେଇ ଭାଗ୍ୟ ପରୀକ୍ଷା କରିବ।

### ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍

## ଶେଷଦଳ ଭାବେ ଆମେରିକାକୁ ଟିକଟ

ଦୁବାଇ,୧୬।୮ (ଏଜେନ୍ସି): ଯୁକ୍ତରାଷ୍ଟ୍ର ଆମେରିକା ୧୬ତମ ତଥା ଶେଷଦଳ ଭାବେ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହା ଫଳରେ ଜିମ୍ବାୱେ ଓ ନାମିବ୍ୟାରେ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍ ଲାଗି ସବୁ ଟିମ୍ ଯୋଗ୍ୟତା ଅର୍ଜନ କରିଛନ୍ତି ବୋଲି ଆଇସିସି ପକ୍ଷରୁ ଘୋଷଣା କରାଯାଇଛି। ଅର୍ଜୁନ ମହେଶଙ୍କ ନେତୃତ୍ୱରେ ଡବଲ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯାଉଥିବା କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଆଉ ଗୋଟିଏ ମ୍ୟାଚ୍ ବାକିଥାଇ ଆମେରିକା ଚାମ୍ପିଅନ ହେବା ସହ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଏହି ମେଗା ଜୁନିଅର ଟୁର୍ଣ୍ଣାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଥିବା ଦଳଗୁଡ଼ିକର ନାମ ହେଲେ ଆୟୋଜକ ଦେଶ ଭାବେ ଜିମ୍ବାୱେ। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଗତ ବିଶ୍ୱକପ୍‌ରେ ପ୍ରଥମ ୧୦ଟି ସ୍ଥାନରେ ଥିବା ଦଳ ଯଥା ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ଆର୍ୟଲାଣ୍ଡ, ପାକିସ୍ତାନ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍। ଆଫ୍ରିକୀୟ କ୍ୱାଲିଫାୟର ଭାବେ ତାଞ୍ଜାନିଆ, ଏସୀୟ କ୍ୱାଲିଫାୟର ଭାବେ ଆଫଗାନିସ୍ତାନ, ଆମେରିକା କ୍ୱାଲିଫାୟର ଭାବେ ଆମେରିକା, ପୂର୍ବ ଏସିଆ-ପ୍ୟାସିଫିକ୍ କ୍ୱାଲିଫାୟର ଭାବେ ଜାପାନ ଏବଂ ୟୁରୋପିଆନ୍ କ୍ୱାଲିଫାୟର ଭାବେ ସ୍କଟଲାଣ୍ଡ ଏଥର ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS